Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524


# ଏକମାତ୍ର
ଅନୁସନ୍ଧାନ ପରେ ଖବର




ବର୍ଷ-୧ ସଂଖ୍ୟା-୪୨ ଅକ୍ଟୋବର ୩୦ - ୦୫ ନଭେମ୍ବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-42 OCT. 30th -05th November, 2017 BHUBANESWAR ₹ 5/- (8 Pages)

### 'ଭାରତମାଳା' ପ୍ରକଳ୍ପରେ ଭୁବନେଶ୍ୱର ରିଙ୍ଗ୍ ରୋଡ୍‌କୁ ମଞ୍ଜୁରୀ


## ୨୦୧୮ ସୁଦ୍ଧା ସରିବ ପ୍ରକଳ୍ପ କାମ



**ଭୁବନେଶ୍ୱର, :** ଭୁବନେଶ୍ୱରର ରିଙ୍ଗ୍ ରୋଡ୍ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। 'ଭାରତମାଳା' ପ୍ରକଳ୍ପ ଯୋଜନାରେ କେନ୍ଦ୍ର କ୍ୟାବିନେଟ୍ ଏହାକୁ ମଞ୍ଜୁରୀ ଦେଇଛି। ଫଳରେ ୨୦୧୮ ସୁଦ୍ଧା ୬୫ କିମି ରିଙ୍ଗ୍ ରୋଡ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଥିପାଇଁ ବିଡିଏ ପୂର୍ବ ପ୍ରସ୍ତୁତି ଜାରି ରଖିଥିଲା ବେଳେ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ଫଳରେ ଏହି ଯୋଜନା ତ୍ୱରାନ୍ୱିତ ହେବ। ରିଙ୍ଗ ରୋଡ୍ ପ୍ରକଳ୍ପ ପାଇଁ ବିଡିଏ ତରଫରୁ ୫୦ ଏକର ଜାଗା ଅଧିଗ୍ରହଣ କରାଯିବ। ଖୋର୍ଦ୍ଧା ଜିଲ୍ଲାର ୧୨ଟି ଗାଁ ଓ ପୁରୀ ଜିଲ୍ଲାର ଗୋଟିଏ ଗାଁର ୫୦.୪୧୬ ଏକର ଜମି ବିଡିଏ ଅଧିକୃତ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ ୫୦ ଏକର ଜମି ପାହାଲ ଠାରୁ ଉତ୍ତର ଶାସନ ପର୍ଯ୍ୟନ୍ତ ଅଧିଗ୍ରହଣ ହେବ। ବିଡିଏ ଏଥିପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଠାରୁ ଅନୁମତି ହାସଲ କରିସାରିଛି। ➤ ପୃ-୭

### କଂଗ୍ରେସ ସହ ମେଣ୍ଟ; ଛେପ ଢୋକିଲେ ଡାକ୍ତର ରାଉତ

# ନବୀନ କହିଲେ ସମଦୂରତା



**ଭୁବନେଶ୍ୱର :** ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ମନ୍ତ୍ରୀ ଦାମୋଦର ରାଉତ କହୁକହୁ କହିଦେଲେ ଯେ, କଂଗ୍ରେସ ବିରୋଧୀ ଆନ୍ଦୋଳନରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ। କଂଗ୍ରେସର ଓଡ଼ିଶା ବିରୋଧୀ ନୀତିକୁ ସେ ସର୍ବଦା ବିରୋଧ କରି ଆସିଛନ୍ତି। କଂଗ୍ରେସର ଏଭଳି ଆଭିମୁଖ୍ୟକୁ ବିରୋଧ କରି ବିଜୁ ବାବୁ ମଧ୍ୟ କଂଗ୍ରେସ ଛାଡିଥିଲେ। ଓଡ଼ିଶାର ସ୍ୱାଦ ଓ ସ୍ୱାଭିମାନକୁ ବଜାୟ ରଖିବା ଦିଗରେ ତାଙ୍କ ଦଳ ବିଜେଡି ସମର୍ଥ। ବିଜୁ ଜନତା ଦଳ ଏକାକୀ ଲଢ଼ିବା ଶିଖିଛି ଏବଂ ନିର୍ବାଚନ ଲଢ଼ି ଆଗାମୀ ଦିନରେ ୧୧୭ ଆସନ ଜିତିବ। ଏଥିରେ ଆଉ କାହାର ସହଯୋଗ ଆବଶ୍ୟକ ନାହିଁ। ହେଲେ ଏକଥା କହିବାର ପୂର୍ବଦିନ ଦାମବାବୁ କହିଥିଲେ ଯେ, କଂଗ୍ରେସ ସହ ମେଣ୍ଟ କରିବ ବିଜେଡି। ଏକଥା ଗତବର୍ଷ ନଭେମ୍ବର ମାସରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ମଧ୍ୟ ପ୍ରସ୍ତାବ ରଖିଥିଲେ। ସେତେବେଳେ ଏଭଳି ପ୍ରସ୍ତାବ ଦେଇ ଦଳ ଭିତରେ ଅପଦସ୍ତ ହୋଇଥିଲେ ଭର୍ତ୍ତୃହରି। ଦଳ ଭିତରୁ ସମାଲୋଚନାର ଶରବ୍ୟ ହେବା ପରେ ଭର୍ତ୍ତୃହରି ନିଜ ମତ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଫେଇ ଦେବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ। ➤ ପୃ-୭

### ମରମ କଥା କହିଲେ ଦାମବାବୁ



କଂଗ୍ରେସ ସହ ବିଜେଡିର ମେଣ୍ଟ ସମ୍ପର୍କରେ ଦାମବାବୁ ମରମ କଥା କହିଛନ୍ତି। ଦାମବାବୁ ଜାଣି ସାରିଲେଣି ଯେ, ଓଡ଼ିଶାରେ ବିଜେପି ପ୍ରବଳ ବେଗରେ ମାଡିଆସୁଛି। ସେଥିପାଇଁ ଦରକାର ପଡିଲେ ବିଜେଡି କଂଗ୍ରେସର ଆଶ୍ରା ନେବ। ତେଣୁ ଦାମବାବୁଙ୍କ ମନ୍ତବ୍ୟ ପ୍ରକୃତରେ ବିଜେଡିର ବାସ୍ତବ ସ୍ଥିତିକୁ ଦର୍ଶାଉଛି। ଓଡ଼ିଶାବାସୀ ବିଜେପିକୁ ସରକାର ଗଢ଼ିବାରେ ନିଶ୍ଚୟ ସହାୟତା କରିବେ।

### ପ୍ରଥମେ ନିଜ ଘର ସଜାଡ଼ୁ ବିଜେଡି



କଂଗ୍ରେସ ସହ ନିର୍ବାଚନୀ ମେଣ୍ଟ ସପକ୍ଷରେ ବିଜେଡିର ବରିଷ୍ଠ ନେତା ଡା. ଦାମୋଦର ରାଉତ ଯାହା କହିଛନ୍ତି ତାହା ଆଦୌ ବଡକଥା ନୁହେଁ। ସର୍ବଭାରତୀୟ ସ୍ତରରେ ବିଜେପିକୁ ଟକ୍କର ଦେବାକୁ କଂଗ୍ରେସ ହିଁ ଏକମାତ୍ର ଦଳ। ତେଣୁ ବହୁ ଡେରିରେ ହେଲେ ବି ଦାମବାବୁଙ୍କର ବୁଦ୍ଧି ଜାଗରଣ ହୋଇଛି। ହେଲେ ପ୍ରଥମେ ସେ ତାଙ୍କ ନିଜ ଘରକୁ ଠିକ୍ କରନ୍ତୁ।

## ଅଶାଳୀନ ମନ୍ତବ୍ୟ ଦେଇ ହରଡଘଣାରେ ଦାମ



**ଭୁବନେଶ୍ୱର :** ନିକଟରେ ଏକ ଦଳୀୟ ସଭାରେ ବିଜେପି ନେତ୍ରୀଙ୍କ ପ୍ରତି 'ସ୍ୱାମୀ ଛାଡ଼ି ଅଙ୍ଗନୱାଡି' ଆକ୍ଷେପମୂଳକ ମନ୍ତବ୍ୟ ଦେଇ ଏବେ କୃଷି ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଏବେ ହରଡଘଣାରେ ପଡିଛନ୍ତି। ଚାରିଆଡୁ ଦାମଙ୍କର ଏହି ମନ୍ତବ୍ୟକୁ ନିନ୍ଦା କରାଯାଉଥିଲା ବେଳେ ନିଜ ଦଳ ଭିତରୁ ତିନିଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଏହାକୁ ନାପସନ୍ଦ କରିଛନ୍ତି। ବିଜେଡି କିନ୍ତୁ ଏ ପ୍ରସଙ୍ଗରେ କୌଣସି ମନ୍ତବ୍ୟ ଦେବାକୁ ଉଚିତ୍ ମନେକରିନାହିଁ। ଗଣ୍ଡଗୋଳର ଆଶଙ୍କା କରାଯାଇ ଦାମଙ୍କ ସୁରକ୍ଷା ପାଇଁ ତାଙ୍କ ସରକାରୀ ବାସଭବନ ନିକଟରେ ୫ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। କିନ୍ତୁ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଦାମଙ୍କ ମନ୍ତବ୍ୟକୁ ନାପସନ୍ଦ କରିବା ପରେ ଦାମ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ପାଲଟା ସମାଲୋଚନା କରିଛନ୍ତି। ରାଜ୍ୟ ରାଜନୀତିରେ ସର୍ବଦା ବିବାଦୀୟ ମନ୍ତବ୍ୟ ଦେଇ ଦାମ ଚର୍ଚ୍ଚାରେ ରହିବାକୁ ଚାହୁଁଥିଲା ବେଳେ ମହିଳାମାନଙ୍କ ପ୍ରତି ଏଭଳି ଅଶାଳୀନ ବା ବିବାଦୀୟ ମନ୍ତବ୍ୟ ଦେବା ଏବେ ତାଙ୍କୁ ମହଙ୍ଗା ପଡିଛି। ଏହାପୂର୍ବରୁ ଦାମ କଂଗ୍ରେ ସହ ମେଣ୍ଟ କରିବା କଥା କହି ରାଜ୍ୟ ରାଜନୀତିରେ ଆଲୋଡନ ସୃଷ୍ଟି କରିଥିଲେ। ➤ ପୃ-୭

### ଏମ୍‌ସରେ ଅଲଗା ହେଲେ ଯୋଡାମୁଣ୍ଡ ଶିଶୁ ଜଗା-ବଳିଆ

# ମସ୍ତିଷ୍କ କାମ କଲାଣି; ବିପଦ ଟଳିନି




**ନୂଆଦିଲ୍ଲୀ :** ବିଶ୍ୱ ଚିକିତ୍ସା ଇତିହାସରେ ବିସ୍ମୟ ସୃଷ୍ଟି କରି କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-ବଳିଆଙ୍କ ମୁଣ୍ଡ ଦୁଇଟିକୁ ଅଲଗା କରାଯାଇପାରିଛି। ଗତ ବୁଧବାର ନୂଆଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ହୋଇଥିବା ୧୮ ଘଣ୍ଟାର ଅବିଶ୍ରାନ୍ତ ଅସ୍ତ୍ରୋପଚାର ପରେ ଏହି ଦୁଇ ଶିଶୁଙ୍କ ଯୋଡାମୁଣ୍ଡ ଅଲଗା ହୋଇଥିଲା। ବର୍ତ୍ତମାନ ଜଗା-ବଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କହିଛନ୍ତି ଏମ୍‌ସ କର୍ତ୍ତୃପକ୍ଷ। ବଳିଆ ଅପେକ୍ଷା ଜଗାର ସ୍ୱାସ୍ଥ୍ୟ ଭଲ ଅଛି ଏବଂ ସେ ହାତଗୋଡ ହଲାଇବା ସହିତ ଆଖି ଖୋଲୁଛି ବୋଲି ମଧ୍ୟ କହିଛି ଏମ୍‌ସ। ସବୁଠୁ ଆଶ୍ୱାସନାର ବିଷୟ ହେଉଛି ଯେ, ଉଭୟ ଶିଶୁଙ୍କ ମସ୍ତିଷ୍କ ଏବେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ଆରମ୍ଭ କରିଛି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଏମ୍‌ସ ସ୍ନାୟୁ ନିଶ୍ଚେତକ ବିଭାଗୀୟ ପ୍ରଫେସର ଡାକ୍ତର ଗିରିଜା ରଥ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉଭୟଙ୍କ ଉପରେ ଆଉ ନିଶ୍ଚେତକର କୌଣସି ପ୍ରଭାବ ନାହିଁ। ଫଳରେ ଉଭୟଙ୍କ ମସ୍ତିଷ୍କ ସ୍ୱତନ୍ତ୍ର ତଥା ସ୍ୱୟଂକ୍ରିୟ ଭାବେ କାର୍ଯ୍ୟ କରିବ। ଜଗା-ବଳିଆଙ୍କ ଶରୀର ପରବର୍ତ୍ତୀ ସମୟରେ ଚିକିତ୍ସାକୁ କିଭଳି ଗ୍ରହଣ କରୁଛି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ କହିଛନ୍ତି। ➤ ପୃ-୭

# 'ମୋ କାର୍ଯ୍ୟ ସାଢ଼େ ୪ କୋଟି ଜନତାଙ୍କ ମାଧ୍ୟମରେ ପ୍ରତିଫଳିତ'




**ଭୁବନେଶ୍ୱର :** ଜାତୀୟ ବିକାଶ ହାର ଠାରୁ ଓଡ଼ିଶାର ବିକାଶ ହାର ଅଧିକ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସମଗ୍ର ବିଶ୍ୱରେ ଉଚ୍ଚ ପ୍ରଶଂସିତ। ସେହିଭଳି କୃଷି କ୍ଷେତ୍ରରେ ମଧ୍ୟ ଓଡ଼ିଶାର ଅଗ୍ରଗତି ଉଲ୍ଲେଖନୀୟ। ରାଜ୍ୟର ୪ କୋଟି ଲୋକଙ୍କର ଆର୍ଥିକ ଓ ସାମାଜିକ ବିକାଶ ଘଟିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ସ୍ତରୀୟ ପତ୍ରିକା 'ଇଣ୍ଡିଆ ଟୁଡେ' ଦ୍ୱାରା ଆୟୋଜିତ 'ଷ୍ଟେଟ୍ ଅଫ୍ ଦି ଷ୍ଟେଟସ୍' କନକ୍ଲେଭ୍ ଅବସରରେ ଏହା କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଇଣ୍ଡିଆ ଟୁଡେ' ଦ୍ୱାରା ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡ଼ିକର ବିକାଶର ସମୀକ୍ଷା କରାଯାଇ ପୁରସ୍କୃତ କରାଯିବା ଦ୍ୱାରା ବିଭିନ୍ନ ଜିଲ୍ଲା ମଧ୍ୟରେ ବିକାଶ କ୍ଷେତ୍ରରେ ଅଗ୍ରଗତି କରିବାକୁ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ। ୨୦୦୦ ମସିହା ଠାରୁ ଓଡ଼ିଶା ବିକାଶର ଧାରାରେ ଅଗ୍ରଗତି କରିଚାଲିଛି। ଧାନ ଅମଳ କ୍ଷେତ୍ରରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଥିବା ବେଳେ ରାଜ୍ୟର ଚାଷୀଙ୍କ ଆୟ ଦୁଇଗୁଣ ବୃଦ୍ଧି ପାଇଛି। ଆଠ ମିଲିଅନ୍ ଲୋକ ଦାରିଦ୍ର୍ୟ ସୀମାରେଖାର ଊର୍ଦ୍ଧ୍ୱକୁ ଉଠିଛନ୍ତି ଏବଂ ୫୦ ଲକ୍ଷ ମହିଳା ମିଶନ ଶକ୍ତିରେ ଯୋଡ଼ି ହୋଇପାରିଛନ୍ତି। ଜନଜାତି ସମୁଦାୟକୁ ଜମି ପଟ୍ଟା ପ୍ରଦାନ କ୍ଷେତ୍ରରେ ଆମ ରାଜ୍ୟ ଦେଶରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ସେହିଭଳି ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରମୁଖ ରାଜ୍ୟ ଭାବେ ଗଣାଯାଉଛି। ➤ ପୃ-୭

## 'ବ୍ଲୁ-ହ୍ୱେଲ୍ ଏକ ଜାତୀୟ ସମସ୍ୟା'



**ନୂଆଦିଲ୍ଲୀ :** ବ୍ଲୁହ୍ୱେଲ୍ ଚ୍ୟାଲେଞ୍ଜ୍‌କୁ ଏକ ଜାତୀୟ ସମସ୍ୟା ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ରାଷ୍ଟ୍ରାୟତ୍ତ ଟିଭି ଚ୍ୟାନେଲ୍ ଦୂରଦର୍ଶନ ଓ ଅନ୍ୟ ଘରୋଇ ଚ୍ୟାନେଲ୍‌ଗୁଡ଼ିକ ସେମାନଙ୍କ ପ୍ରାଇମ୍‌ଟାଇମ୍ କାର୍ଯ୍ୟକ୍ରମରେ ଏହି ଘାତକ ଖେଳ ସମ୍ପର୍କରେ ସଚେତନତା ସୃଷ୍ଟି କରନ୍ତୁ ବୋଲି ସୁପ୍ରିମ୍‌କୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଆଜି ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଥିଲେ ଯେ ବ୍ଲୁ ହ୍ୱେଲ୍ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ତିନି ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏକ ଏକ୍ସପର୍ଟ କମିଟି ଗଠନ କରାଯାଇଛି। ବ୍ଲୁ ହ୍ୱେଲ୍ ଚ୍ୟାଲେଞ୍ଜ୍ ହେଉଛି ଏକ ଭର୍ଚ୍ୟୁଆଲ୍ ଡେୟାର୍ ଗେମ୍ ଯେଉଁଥିରେ ବଡ଼ ସ୍କୋର୍ କରିବାକୁ ଯାଇ ଅନେକ କିଶୋର କିଶୋରୀ ଆତ୍ମହତ୍ୟା କଲେଣି। ➤ ପୃ-୭

### ଦ୍ୱିତୀୟ ପାଳି ଦାୟିତ୍ୱ ନେଲେ ଜିନ୍‌ପିଙ୍ଗ୍

# ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ



**ବେଜିଂ :** ଚୀନ କମ୍ୟୁନିଷ୍ଟ ପାର୍ଟିର ୧୯ତମ କଂଗ୍ରେସ ଅବସରରେ ସି ଜିନ୍‌ପିଙ୍ଗଙ୍କୁ ପୁଣି ୫ ବର୍ଷ ରାଷ୍ଟ୍ରପତି ପଦରେ ରହିବା ପାଇଁ ଅନୁମୋଦନ ମିଳିଛି। ଏଥିସହ ଜିନ୍‌ପିଙ୍ଗଙ୍କ ନୀତି ଓ ଆଦର୍ଶ ଦେଶର ସମ୍ବିଧାନରେ ସ୍ଥାନ ପାଇଛି। ଏହା ପୂର୍ବରୁ କେବଳ ଦୁଇଜଣ ନେତା ମାଓ ଜେଡଙ୍ଗ୍ ଓ ଡେଙ୍ଗ ଜିଆପିଙ୍ଗଙ୍କୁ ଏଭଳି ମର୍ଯ୍ୟାଦା ମିଳିଥିଲା। କମ୍ୟୁନିଷ୍ଟ ପାର୍ଟିର ବଳରେ ବଳୀୟାନ ଜିନ୍‌ପିଙ୍ଗ୍ ପୁଣି ଅଦମ୍ୟ ଉତ୍ସାହ ନେଇ ଦ୍ୱିତୀୟ ପାଳି ଆରମ୍ଭ କରି ସେ ପ୍ରଥମେ ପିପୁଲ୍ସ ଲିବରେସନ ଆର୍ମି (ପିଏଲ୍‌ଏ)କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚୀନ କମ୍ୟୁନିଷ୍ଟ ପାର୍ଟିର ସମ୍ପୂର୍ଣ୍ଣ ଅନୁଗତ ପିଏଲ୍‌ଏର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କଲାବେଳେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ଜିନ୍‌ପିଙ୍ଗ୍। ଉଲ୍ଲେଖଯୋଗ୍ୟ ଯେ, ଚୀନର ଏହି ସେନା ଅଧିକାରୀମାନେ ମୁଖ୍ୟ କ୍ଷମତାକେନ୍ଦ୍ର ଭାବେ ବିବେଚିତ ହୋଇଥାନ୍ତି। ଶକ୍ତିଶାଳୀ କେନ୍ଦ୍ରୀୟ ମିଲିଟାରୀ କମିଶନ (ସିଏମ୍‌ସି)ର ମୁଖ୍ୟ ଭାବେ ଜିନ୍‌ପିଙ୍ଗ୍ ସେନା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏକମାତ୍ର ବେସାମରିକ ପ୍ରତିନିଧି ଭାବେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଏହି କମିଶନରେ ସ୍ଥାନ ପାଇଛନ୍ତି। ଗତଥର ସିଏମ୍‌ସିରେ ୧୧ ଜଣ ସଦସ୍ୟ ଥିଲାବେଳେ ଏଥର ସେହି ସଂଖ୍ୟା ୭କୁ ଖସି ଆସିଛି। ➤ ପୃ-୭

# ମରୁଡ଼ି ପ୍ରଭାବିତଙ୍କ ପାଇଁ ପ୍ୟାକେଜ୍



## ସ୍କୁଲ ଓ ପରୀକ୍ଷା ଫି' ସମ୍ପୂର୍ଣ୍ଣ ଛାଡ଼

**ଭୁବନେଶ୍ୱର :** କାଳେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଯିବ, ସେ ଭୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତରବରିଆ ଭାବେ ଚଳିତ ବର୍ଷ ଦେଖାଦେଇଥିବା ଭୟଙ୍କର ମରୁଡି ପାଇଁ ପ୍ୟାକେଜ ଘୋଷଣା କରିଛନ୍ତି। ନିୟମ ଅନୁସାରେ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳ ପାଇଁ ଇନ୍‌ପୁଟ୍ ସବ୍‌ସିଡି ଦେବେ ସରକାର। କେବଳ ସେତିକି ନୁହେଁ, ମରୁଡି ପ୍ରଭାବିତ ଅଞ୍ଚଳର ସରକାରୀ ସ୍କୁଲ ଓ କଲେଜ ପିଲାଙ୍କ ଟ୍ୟୁସନ ଫି ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ ଜଳକର ଆଦାୟ କରାଯିବନାହିଁ। ସେହିଭଳି ଚଳିତବର୍ଷ ପାଇଁ ୫୦% ଖଜଣା ରିହାତି ଦିଆଯାଇଛି। ତେବେ ବାକି ୫୦% ଆସନ୍ତାବର୍ଷ ଆଦାୟ ହେବ। ଅର୍ଥାତ ଏବର୍ଷ ଖଜଣା ଆଦାୟ ମଧ୍ୟ ହେବନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫ଟି ଜିଲ୍ଲାର ୭୦ଟି ବ୍ଲକ୍ ଅନ୍ତର୍ଗତ ୧୧୨୫ଟି ପଞ୍ଚାୟତର ୬୦୧୫ଟି ମରୁଡ଼ି ପ୍ରଭାବିତ ଗାଁ ପାଇଁ ଏହି ପ୍ୟାକେଜ୍ ଘୋଷଣା କରିଛନ୍ତି। ଘୋଷଣା ଅନୁସାରେ ୩୩ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଫସଲହାନି ଘଟିଥିଲେ ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ଦିଆଯିବ। ବର୍ଷାଜଳ ଉପରେ ନିର୍ଭରଶୀଳ ତଥା ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା ଏବଂ ଜଳସେଚିତ ଜମି ପାଇଁ ୧୩,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଜଳକର ଆଦାୟକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ କରାଯିବ। ➤ ପୃ-୭

## କେମିତି କଟିବ ଏ ସପ୍ତାହ

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ। ପରିବାରରେ ଶାନ୍ତି ବଜାୟ ରହିବ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ। ତେଣୁକରି ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।


ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି। ବିଭିନ୍ନ ଦିଗରୁ ଅର୍ଥଲାଭ ଯୋଗ ରହିଛି।

ସାମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଆତଙ୍କବାଦୀ ପ୍ରସଙ୍ଗ : ପାକିସ୍ତାନ ଉପରେ ଚାପ

**ନୂଆଦିଲ୍ଲୀ :** ଭାରତ ଗସ୍ତରେ ଆସିଥିବା ଆମେରିକା ବୈଦେଶିକ ସଚିବ ରେକ୍ସ ଟିଲରସନ୍ କହିଛନ୍ତି ଯେ, ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନଗୁଡିକ ଅନ୍ୟ ରାଷ୍ଟ୍ରରେ ଆକ୍ରମଣ କରୁଥିବା ବେଳେ ପାକିସ୍ତାନ ସରକାରର ସ୍ଥାୟୀତ୍ୱ ଓ ଦେଶର ସୁରକ୍ଷା ପ୍ରତି ବଡ ଧରଣର ବିପଦ ଭାବେ ଦେଖାଦେଇଛି। ଆତଙ୍କବାଦୀ ସଂଗଠନଗୁଡିକୁ ଧ୍ୱଂସ କରାନଗଲେ ଏହା ପାକିସ୍ତାନକୁ ଭୟଙ୍କର ବିପଦ ଆଡକୁ ନେଇଯିବ ବୋଲି ସେ ଚେତାଇ ଦେଇଛନ୍ତି। ଭାରତ ଗସ୍ତରେ ଆସିଥିବା ଆମେରିକାର ବୈଦେଶିକ ସଚିବ ରେକ୍ସ ଟିଲରସନ୍ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ସହ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ପରେ ଦୁଇ ଦେଶ ମିଳିତ ଭାବେ ଏଭଳି ଆହ୍ୱାନ ଦେଇଛନ୍ତି। ଏଚ୍-୧ବି ଭିସା ପ୍ରସଙ୍ଗରେ ଭାରତର ସ୍ୱାର୍ଥ ହାନି ହେଲା ଭଳି ଆମେରିକା କୌଣସି ପଦକ୍ଷେପ ନେବନାହିଁ ବୋଲି ଏହି ଅବସରରେ ନୂଆଦିଲ୍ଲୀକୁ ପ୍ରତିଶ୍ରୁତି ଦେଇଛି। ବୈଦେଶିକ ମନ୍ତ୍ରୀ ସ୍ୱରାଜ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଆଫଗାନିସ୍ତାନ ନୀତିରେ ଭାରତ ସହମତ ହୋଇଛି। ଏହା ଦ୍ୱାରା ପାକିସ୍ତାନ ଆତଙ୍କୀ ସଂଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସ୍ୱରାଜ ଆହୁରି କହିଛନ୍ତି, ଆତଙ୍କବାଦ ପ୍ରସଙ୍ଗରେ ଆମର ବିସ୍ତୃତ ଆଲୋଚନା ହୋଇଛି। ଏହା ସମଗ୍ର ବିଶ୍ୱ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଟ୍ରମ୍ପଙ୍କ ଆଫଗାନିସ୍ତାନ ଓ ଦକ୍ଷିଣ ଏସିଆ ସମ୍ପର୍କିତ ନୀତିର ସଫଳ ରୂପାୟନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ହୋଇଛୁ। ଆଫଗାନିସ୍ତାନରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଏହା ସମଗ୍ର ବିଶ୍ୱ ପାଇଁ ଉଦ୍‌ବେଗର କାରଣ ହୋଇଛି। ଏଥିରୁ



ପ୍ରମାଣିତ ହେଉଛି ଯେ ଆଜି ବି ଆତଙ୍କବାଦୀ କାର୍ଯ୍ୟକଳାପକୁ ନିର୍ଦ୍ଦିଷ୍ଟ ସମର୍ଥନ ମିଳୁଛି। କୌଣସି ରାଷ୍ଟ୍ର ଯେପରି ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ନ ଦେବ, ତାହା ସୁନିଶ୍ଚିତ କରିବା ପାଇଁ ଭାରତ ଓ ଆମେରିକା ସଂକଳ୍ପବଦ୍ଧ ହୋଇଛନ୍ତି ବୋଲି ମିଳିତ ସାମ୍ବାଦିକ ସମ୍ମିଳନୀରେ ସ୍ୱରାଜ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଟିଲରସନ୍ ଭାରତ ଆସିବା ପୂର୍ବରୁ ଆଫଗାନିସ୍ତାନ ଓ ପାକିସ୍ତାନ ଗସ୍ତ କରିଥିଲେ। ଏହି ମିଳିତ ସାମ୍ବାଦିକ ସମ୍ମିଳନୀ ଅବସରରେ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଜ କହିଛନ୍ତି, ଉତ୍ତରକୋରିଆର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଉତ୍ତରକୋରିଆ ସହ ବାଣିଜ୍ୟିକ ସମ୍ପର୍କ ହ୍ରାସ କରାଯିବ କି ବୋଲି ପ୍ରଶ୍ନ ହେବାରୁ ସ୍ୱରାଜ କହିଥିଲେ, ଭାରତ ଉତ୍ତରକୋରିଆ ସହ କମ୍ କାରବାର କରିବ। ତେବେ ଉତ୍ତରକୋରିଆରେ ଥିବା ଭାରତୀୟ ଦୂତାବାସକୁ ବନ୍ଦ କରାଯିବ ନାହିଁ। ଏହି ଅବସରରେ ଟିଲର୍‌ସନ୍ ଗଣମାଧ୍ୟମକୁ କହିଥିଲେ, ଆତଙ୍କବାଦ ବିରୋଧରେ ଆମେରିକା ଭାରତ ସହ କାନ୍ଧକୁ କାନ୍ଧ ମିଳାଇ ଆଗେଇଯିବ। ଆଫଗାନିସ୍ତାନରେ ଯେଭଳି ସ୍ଥିରତା ଆସିବ, ସେଥିପାଇଁ ଦୁଇଦେଶ ସଂକଳ୍ପବଦ୍ଧ ହୋଇଛନ୍ତି ବୋଲି ସେ କହିଥିଲେ।

## ଫୋନ୍ ସହ ଆଧାର ଲିଙ୍କ୍‌କୁ ମମତାଙ୍କ ନା'

**କୋଲ୍‌କାତା :** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି କହିଛନ୍ତି, ସେ ତାଙ୍କ ମୋବାଇଲ୍ ଫୋନକୁ ଆଧାର କାର୍ଡ ନମ୍ବର୍ ସହ ଯୋଡ଼ିବେ ନାହିଁ। ସେଥି ପାଇଁ ଯଦି ତାଙ୍କ ଫୋନ୍ ସଂଯୋଗ କଟିଯାଏ ତେବେ କଟିଯାଉ। ଗତ ମାର୍ଚ୍ଚରେ କେନ୍ଦ୍ର ସରକାର ଏକ ବିଜ୍ଞପ୍ତିରେ ଜଣାଇଥିଲେ ଯେ ଫୋନ୍ ନମ୍ବର୍‌କୁ ଆଧାର ନମ୍ବର୍ ସହ ଯୋଡ଼ିବାକୁ ହେବ। ନଚେତ୍, ଫୋନ୍ ସଂଯୋଗ କଟିଯିବ। ମମତା ତୃଣମୂଳ କଂଗ୍ରେସର କୋର୍ କମିଟି ବୈଠକରେ କହିଛନ୍ତି, ଫୋନ୍‌କୁ ଆଧାର ନମ୍ବର୍ ସହ ଯୋଡ଼ିବା ପାଇଁ ଅଣାଯାଇଥିବା ନୂଆ ନିୟମ ବ୍ୟକ୍ତିଗତ ଗୋପନୀୟତାର ଅଧିକାରକୁ ଅକାମୀ କରୁଛି। ବିଜେପି ମନମୁଖି ଶାସନ ଚଳାଇଛି ବୋଲି ମତ ଦେଇ ମମତା କହିଛନ୍ତି, 'ଯିଏ କେନ୍ଦ୍ର ସରକାରଙ୍କ କୌଣସି ଜନବିରୋଧୀ ନୀତିକୁ ବିରୋଧ କରୁଛନ୍ତି, ତାଙ୍କ ପଛରେ ଇନକମ୍ ଟ୍ୟାକ୍ସ, ଇଡି ଓ ସିବିଆଇକୁ ଲଗାଇ ଦିଆଯାଉଛି। ତୃଣମୂଳ କଂଗ୍ରେସର ସବୁ ନେତା ଜେଲ୍‌ରେ ପଶିବେ ପଛେ କେନ୍ଦ୍ରର ଯଥେଚ୍ଛାଚାରର ପ୍ରତିବାଦ କରିବେ ବୋଲି ସେ କହିଥିଲେ।

## ନରମିଲେ ଯୋଗୀ, ତାଜମହଲ ବୁଲି ଦେଖିଲେ

**ଲକ୍ଷ୍ନୌ :** ତାଜମହଲକୁ ନେଇ ରାଜନୈତିକ ଦଳ ମଧ୍ୟରେ ବିବାଦ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଜମହଲ ପରିଦର୍ଶନରେ ଯାଇ ସେଠାରେ ଝାଡୁ ମାରିବା ଚର୍ଚ୍ଚାର ବିଷୟ ହୋଇଛି। ଏହା ଭଗବାନ ରାମଙ୍କ କମାଲ୍ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ କହିଥିଲା ବେଳେ ଏଆଇଏମ୍‌ଆଇଏମ୍ ସଭାପତି ଅସାଦୁଦ୍ଦିନ୍ ଓୱେସି ଏକ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ତାଜମହଲରେ ଝାଡୁ ମାରିବା ପରିବର୍ତ୍ତେ ତାଙ୍କ ଦଳ ଓ ମନ୍ତ୍ରିମଣ୍ଡଳର ଲୋକଙ୍କ ମସ୍ତିଷ୍କ ସଫା କରିବା ଦରକାର। ତାଜମହଲକୁ ବିଶ୍ୱ ଐତିହ୍ୟ ଭାବରେ ଗ୍ରହଣ କରୁନଥିବା ଯୋଗୀ ଆଦିତ୍ୟନାଥ ଆଜି କେନ୍ଦ୍ରର ଚାପରେ ଏହା ପରିଦର୍ଶନ କରିଥିଲେ। ସେ ସେଠାରେ ସଫେଇ କାର୍ଯ୍ୟ ମଧ୍ୟ କରିଥିଲେ। ତେବେ ବିରୋଧୀ ନେତାମାନେ ଏହାକୁ ସହଜରେ ଗ୍ରହଣ କରିନାହାନ୍ତି। ଇତିମଧ୍ୟରେ ଅଖିଲେଶ



ଯାଦବ କହିଛନ୍ତି, କିଭଳି ସମୟ ବଦଳୁଛି ଦେଖନ୍ତୁ। ବିଜେପି ଏହାକୁ ଐତିହ୍ୟ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। କିନ୍ତୁ ଏବେ ମୁଖ୍ୟମନ୍ତ୍ରୀ ଝାଡୁ ଧରି ତାଜମହଲର ପଶ୍ଚିମ ଗେଟ୍ ସଫା କରିଛନ୍ତି। ଭଲ କଥା ଯେ, ସମାଜବାଦୀ ପାର୍ଟି କର୍ମୀମାନେ ସେଠାରେ ପହଞ୍ଚିଥିଲେ। ନଚେତ୍ ଭିନ୍ନ ଅର୍ଥ ହୋଇଥାନ୍ତା। ଏସବୁ ଭଗବାନ ରାମଙ୍କ କମାଲ୍। ଅଖିଲେଶ ଆହୁରି କହିଥିଲେ ଯେ, ବିଜେପି ନେତାମାନେ ତାଜମହଲକୁ ଶିବ ମନ୍ଦିର ବୋଲି କହିଲେଣି। ଆଉ କେତେକ ଏହାକୁ ଭାରତୀୟ ସଂସ୍କୃତିର କଳଙ୍କ ବୋଲି ମତ ଦେଲେଣି। ବିଭିନ୍ନ ମହଲରେ ସମାଲୋଚନା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ କେନ୍ଦ୍ରର ଚାପରେ ତାଜମହଲ ପରିଦର୍ଶନ କରିଛନ୍ତି। ଅଖିଲେଶ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଦୁଇ ବର୍ଷ ତଳେ ଭାଲେଣ୍ଟାଇନ୍ ଡେ'ରେ ତାଜମହଲ ବୁଲିଆସି ଏହାର ସମ୍ମୁଖ ଭାଗରେ ଥିବା ବେଞ୍ଚରେ ପତ୍ନୀ ଡିମ୍ପଲ୍ ଯାଦବଙ୍କ ସହ ବସି ଫଟୋ ଉଠାଇଥିଲେ। ତାଜମହଲକୁ ନେଇ ବିଭିନ୍ନ ପ୍ରକାର ବାଦବିବାଦ ପରିପ୍ରେକ୍ଷୀରେ ଆଦିତ୍ୟନାଥ ଭାବମୂର୍ତ୍ତି ସଜାଡ଼ିବା ଉଦ୍ଦେଶ୍ୟରେ ଏହାର ପରିଦର୍ଶନ କରିଛନ୍ତି। ପୂର୍ବରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ବୁକ୍‌ଲେଟ୍‌ରେ ଏହି ବିଶ୍ୱ ଐତିହ୍ୟ ସ୍ଥାନ ନ ପାଇବାରୁ ବିଭିନ୍ନ ମହଲରେ ରାଜ୍ୟ ବିଜେପି ସରକାରଙ୍କୁ କଟୁ ସମାଲୋଚନା ହୋଇଥିଲା। କେବଳ ସେତିକି ନୁହେଁ, ଗତବର୍ଷ ବିହାରରେ ଏକ ର୍‍ୟାଲିରେ ଆଦିତ୍ୟନାଥ ତାଜମହଲ ଭାରତୀୟ ସଂସ୍କୃତିର ପ୍ରତୀକ ନୁହେଁ ବୋଲି କହିଥିଲେ।

## ଭାରତ-ଚୀନ୍ ସୀମାରେ ତିଆରି ହେବ ୫୦ ଆଉଟ୍ ପୋଷ୍ଟ

**ନୂଆଦିଲ୍ଲୀ :** ଭାରତ-ଚୀନ୍ ସୀମାରେ ଆଉ ୫୦ଟି ଆଉଟ୍ ପୋଷ୍ଟ୍ ପ୍ରତିଷ୍ଠା କରିବା ଲାଗି ଏକ ପ୍ରସ୍ତାବ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିଚାରାଧୀନ ରହିଛି ବୋଲି ବିଭାଗୀୟ ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଏଣିକି କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀର ସହିଦ ଯବାନଙ୍କ ପାଇଁ ସେମାନଙ୍କ ପରିବାରକୁ ଏକ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ସେ କହିଛନ୍ତି, ସୀମାନ୍ତ ପୋଷ୍ଟ୍‌ଗୁଡ଼ିକ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ଏବେ ଅଧିକ ଧ୍ୟାନ ଦିଆଯାଉଛି। ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ସୀମାରେ ୨୫ଟି ରାସ୍ତାର ନିର୍ମାଣ କାର୍ଯ୍ୟ ଦ୍ରୁତ ବେଗରେ ଚାଲିଛି। ଚୀନ୍ ସୀମାରେ ମୁତୟନ ଥିବା ଭାରତ-ତିବ୍ବତ୍ ସୀମାନ୍ତ ପୁଲିସ (ଆଇଟିବିପି) ଯବାନ ଓ ଅଧିକାରୀମାନଙ୍କୁ ତାଲିମ ସମୟରେ ମାଣ୍ଡାରିନ୍ ଭାଷା ଶିକ୍ଷା ଦିଆଯିବ। ଏହା ଫଳରେ ସେମାନେ ଚୀନ୍ ସେନା ପିପୁଲ୍ସ ଲିବରେସନ୍ ଆର୍ମି ସହ ଭାବ ବିନିମୟ କରିପାରିବେ। ଯେଉଁ ଭାଷାଗତ ସମସ୍ୟା ଦେଖାଯାଉଛି, ତାହା ଦୂର ହୋଇପାରିବ। ଲଦାଖରେ ମଡେଲ୍ ସୀମାନ୍ତ ପୋଷ୍ଟ୍ ନିର୍ମାଣ କରାଯାଉଛି। ଏହା ଯଦି ସଫଳ ହୁଏ, ତାହାହେଲେ ସବୁ ସୀମାନ୍ତ ପୋଷ୍ଟ୍‌ରେ ତାହା କାର୍ଯ୍ୟକାରୀ କରାଯିବ। ଆଇଟିବିପିର ପ୍ରତିଷ୍ଠା ଦିବସରେ ରାଜନାଥ ସୁରକ୍ଷା ବାହିନୀର ସହିଦଙ୍କ ପାଇଁ ସେମାନଙ୍କ ପରିବାରକୁ ଏକ କୋଟି ଟଙ୍କାର ସହାୟତା ମିଳିବ ବୋଲି ଘୋଷଣା କରିଥିଲେ। ସେ କହିଥିଲେ, ଦେଶ ପାଇଁ ଆତ୍ମୋତ୍ସର୍ଗ କରୁଥିବା ଯବାନଙ୍କ ପରିବାରକୁ ୫୦ ଲକ୍ଷ ବା ୬୦




ଲକ୍ଷ ନୁହେଁ, ଏକ କୋଟି ଟଙ୍କା ଦିଆଯିବ। ଏହି ଉତ୍ସବରେ ଆଇଟିବିପିର ମହାନିର୍ଦ୍ଦେଶକ ଆର୍‌କେ ପାଚନନ୍ଦ କହିଛନ୍ତି, 'ଜି ସ୍ୟାଟ୍ ସେଣ୍ଟର ପାଇଁ ଆଇଟିବିପିକୁ ନୋଡାଲ୍ ଏଜେନ୍ସି ଭାବରେ ଗ୍ରହଣ କରାଯାଇଥିବାରୁ ଆମେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟରେ କୃତଜ୍ଞ।' ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଡୋକ୍‌ଲାମ୍ ପ୍ରସଙ୍ଗରେ ଚୀନ୍ ସହ ଭାରତର ବିବାଦ ପରେ ସରକାର ଏହି ସୀମାନ୍ତ ସୁରକ୍ଷା ବାହିନୀକୁ ସ୍ୟାଟେଲାଇଟ୍ ସୁବିଧା ଅନ୍ତର୍ଭୁକ୍ତ କରିଛନ୍ତି। ଏହା ଦ୍ୱାରା ସୀମାନ୍ତରେ ମୁତୟନ ଥିବା ଯବାନମାନେ ଯେକୌଣସି ସନ୍ଦେହଜନକ ଗତିବିଧି ଉପରେ ସତର୍କ ନଜର ରଖିପାରିବେ। କେବଳ ଚୀନ୍ ସୀମାରେ ନୁହେଁ, ପାକିସ୍ତାନ ସୀମାରେ ମଧ ସୁରକ୍ଷା ବାହିନୀ ଏହି ସୁବିଧା ଦ୍ୱାରା ଆତଙ୍କବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିପାରିବେ।

### ଓଡ଼ିଶା ଖଣି ଦୁର୍ନୀତି ମାମଲା

## ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ :** ଓଡ଼ିଶାରେ ଖଣି ଦୁର୍ନୀତି ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିକରି ସୁପ୍ରିମକୋର୍ଟ ତ୍ରିପାକ୍ଷିତ ସମାଧାନ କରିବା ସହ ଏହାର ଚୂଡ଼ାନ୍ତ ରିପୋର୍ଟ ଡିସେମ୍ବର ୫ ସୁଦ୍ଧା ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମନ କଜ୍ ନାମକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଆଗତ ମାମଲାର ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରିଥିଲେ। ଖଣି ଦୁର୍ନୀତି ସଂକ୍ରାନ୍ତ କ୍ଷତି ଓ ଜୋରିମାନା ଭରଣା ଲାଗି ସୁପ୍ରିମକୋର୍ଟ ଦେଇଥିବା ରାୟ ଉପରେ ଖଣି ନିଲାମଧାରୀଙ୍କ ପକ୍ଷରୁ ଏହାର ପୁନର୍ବିଚାର ଆବେଦନକୁ ଗ୍ରହଣକରି କୋର୍ଟ ଆବେଦନକାରୀ ଓ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ର କ୍ଷମତା ସମ୍ପନ୍ନ କମିଟି ଆଗରେ ହାଜର ହେବାକୁ ଅନୁମତି ଦେଇଛନ୍ତି। ରାଜ୍ୟ ଖଣି ଦୁର୍ନୀତିକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ପରିସୀମା ଭିତରେ ରହି ନିଲାମଧାରୀ ଓ ରାଜ୍ୟ ସରକାର ସ୍ୱତନ୍ତ୍ର କମିଟି ସମ୍ମୁଖରେ ନିଜ ପକ୍ଷ ରଖିପାରନ୍ତି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତ୍ରିପାକ୍ଷିକ ସମାଧାନ ପରେ ଚୂଡ଼ାନ୍ତ ରିପୋର୍ଟ ଡିସେମ୍ବର ୫ରେ ଦାଖଲ କରିବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୨ରେ ଖଣି ଦୁର୍ନୀତିର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ କ୍ଷମତା ସମ୍ପନ୍ନ କମିଟି ଗଠନ କରିଥିଲେ। ଏହି କମିଟି ରାଜ୍ୟର ଖଣିଗୁଡ଼ିକ ପରିଦର୍ଶନ କରିବା ସହ କେଉଁ ଖଣି କେତେ ମାତ୍ରାରେ ଆଇନର ଉଲଙ୍ଘନ କରିଛନ୍ତି ତାହାର ତର୍ଜମା କରିଥିଲେ।

# ଜାମ୍ମୁ-କାଶ୍ମୀର ସମସ୍ୟା ସମାଧାନ ପାଇଁ ଉଦ୍ୟମ ଆରମ୍ଭ

**ନୂଆଦିଲ୍ଲୀ :** ଜାମ୍ମୁ-କଶ୍ମୀର ସମସ୍ୟାର ସମାଧାନ ପାଇଁ ମୋଦି ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ଉଦ୍ଦେଶ୍ୟରେ ସରକାର କଶ୍ମୀରର ବିଭିନ୍ନ ପକ୍ଷ ସହ ଅବାଧ ଆଲୋଚନା କରିବା ଲାଗି ଜଣେ ମଧ୍ୟସ୍ଥିଙ୍କୁ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପୂର୍ବତନ ମୁଖ୍ୟ ଦୀନେଶ୍ୱର ଶର୍ମାଙ୍କୁ ମଧ୍ୟସ୍ଥି ଭାବେ ନିଯୁକ୍ତି ଦିଆଯାଇଛି। ବିଚ୍ଛିନ୍ନତାବାଦୀଙ୍କ ସମେତ ବିଭିନ୍ନ ପକ୍ଷ ସହ ଆଲୋଚନା କରିବା ଲାଗି ତାଙ୍କୁ 'ସମ୍ପୂର୍ଣ୍ଣ ସ୍ୱାଧୀନତା' ଦିଆଯାଇଛି। ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରି କହିଛନ୍ତି, 'ସେ (ଦୀନେଶ୍ୱର ଶର୍ମା) ଯେକୌଣସି ଗୋଷ୍ଠୀ ସହ ଆଲୋଚନା କରିପାରିବେ। ଏଥିରେ କୌଣସି ବାଧା ଦିଆଯିବ ନାହିଁ। ଆମେ ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ପ୍ରକୃତ ଇଚ୍ଛା କ'ଣ ତାହା ଜାଣିବାକୁ ଚାହୁଁଛୁ।' ରାଜନାଥ ଆହୁରି କହିଛନ୍ତି, 'ଭାରତ ସରକାରଙ୍କ ପ୍ରତିନିଧି ଭାବେ ଦୀନେଶ୍ୱର ଶର୍ମା ନିରବଚ୍ଛିନ୍ନ ଭାବେ ବିଭିନ୍ନ ଗୋଷ୍ଠୀ ସହ ଯୋଗାଯୋଗ ରକ୍ଷା କରିବା ସହ ଆଲୋଚନା କରିବେ।' ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କଶ୍ମୀରବାସୀଙ୍କ ସହ ବିଧିବଦ୍ଧ ଆଲୋଚନା କରିବାକୁ ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ସୁରକ୍ଷା ବାହିନୀ ବିଚ୍ଛିନ୍ନତାବାଦୀ ଗୋଷ୍ଠୀର ଦୃଢ଼ ମୁକାବିଲା କରୁଥିଲା ବେଳେ ଏବଂ ବିଭିନ୍ନ ତଦନ୍ତକାରୀ ସଂସ୍ଥା ପକ୍ଷରୁ ବିଚ୍ଛିନ୍ନତାବାଦୀମାନଙ୍କ ଟେରର୍ ଫଣ୍ଡିଂ ମାମଲାରେ ସମ୍ପୃକ୍ତି ନେଇ ତଦନ୍ତ ଜୋରଦାର ଚାଲିଥିଲା ବେଳେ ସରକାର ଆଲୋଚନା ପାଇଁ ଆଗଭର ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଏକ ପ୍ରତିକ୍ରିୟାରେ କୁହାଯାଇଛି, ମୋଦି ସରକାର



କଶ୍ମୀର ସମସ୍ୟାର ସମାଧାନ କରିବାରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ବଳ ପ୍ରୟୋଗ କାମ ନ ଦେବାରୁ ଏବେ ଆଲୋଚନା ପାଇଁ ଆଗେଇ ଆସିଛନ୍ତି। ସରକାରଙ୍କ ଯୋଗୁ ସମୟର ଅପଚୟ ହେବା ସଙ୍ଗେ ସଙ୍ଗେ ବହୁ ଧନ ଜୀବନ ନଷ୍ଟ ହେଉଛି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ କହିଛନ୍ତି। କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ପି ଚିଦାମ୍ବରମ୍ କହିଛନ୍ତି, ଯେଉଁମାନେ ରାଜନୈତିକ ସମାଧାନ ପାଇଁ ଦୃଢ଼ ମତ ପୋଷଣ କରୁଥିଲେ, ଅବଶେଷରେ ସେମାନଙ୍କର ବିଜୟ ଘଟିଛି। ଅନ୍ୟ ପକ୍ଷରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନ୍‌ଫରେନ୍ସ ନେତା ଓମାର୍ ଅବ୍‌ଦୁଲ୍ଲା କହିଛନ୍ତି, କେନ୍ଦ୍ର କେବଳ ବଳ ପ୍ରୟୋଗ ଉପରେ ଯେଉଁ ଗୁରୁତ୍ୱ ଦେଉଥିଲା, ସେଥିରେ ତା'ର ପରାଭବ ଘଟିଛି। ଏବେ ଆଲୋଚନା ପ୍ରକ୍ରିୟା କେଉଁ ପର୍ଯ୍ୟନ୍ତ ଯାଉଛି, ତାହା ଉପରେ ସେ ନଜର ରଖିଛନ୍ତି। ଏହାଛଡ଼ା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଆଲୋଚନା ପ୍ରକ୍ରିୟାକୁ ସ୍ୱାଗତ କରିଥିଲା ବେଳେ ଏଥିପାଇଁ ସରକାରଙ୍କ କାଳକ୍ଷେପଣ ନୀତିକୁ ସମାଲୋଚନା କରିଛନ୍ତି।

# ପୌର ନିର୍ବାଚନ ପୂର୍ବରୁ 'ଫିସ୍ ଅନ୍ ହ୍ୱିଲ୍' ଓ 'ହଜ୍ ଗୃହ'




ରାଜଧାନୀର ବିଭିନ୍ନ ଅଞ୍ଚଳରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ଉଦ୍‌ଘାଟନ ଓ ଶିଳାନ୍ୟାସ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ବିଭିନ୍ନ ପ୍ରକଳ୍ପର ମାରାଥନ୍ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏହା ମଧ୍ୟରେ ୭ ଉଦ୍‌ଘାଟନ ଓ ଗୋଟିଏ ଶିଳାନ୍ୟାସ ରହିଥିଲା। ୧୧୦୦ ହଜଯାତ୍ରୀଙ୍କ ପାଇଁ ତିନି ମହଲା ବିଶିଷ୍ଟ ଆଶ୍ରୟସ୍ଥଳୀର ଶିଳାନ୍ୟାସ୍ ସହିତ ଚିଲିକା ଫ୍ରେଶ୍ ଓ ଫିଶ୍ ଅନ୍ ହ୍ୱିଲ୍ ଯୋଜନାର ଉଦ୍‌ଘାଟନ ହୋଇଥିଲା। ୨.୩ କୋଟି ଟଙ୍କା ବ୍ୟୟରେ ପୋଖରୀପୁଟଠାରେ 'ହଜ୍ ଗୃହ' ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଠାରେ ୧୧୦୦ ହଜ୍‌ଯାତ୍ରୀ ଏକକାଳୀନ ଆଶ୍ରୟ ନେଇ ପାରିବେ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଏହାର ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ନିକଟରେ ନୂଆଦିଲ୍ଲୀରେ ଶ୍ରେଷ୍ଠ ପ୍ରଶାସକ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ମଦ୍ରାସା ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସଂଖ୍ୟାଲଘୁଙ୍କ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଏହି ହଜ୍ ଗୃହ ନିର୍ମାଣ ଦ୍ୱାରା ମୁସଲମାନ୍ ସମ୍ପ୍ରଦାୟର ଭାଇମାନେ ବିଶେଷ ଉପକୃତ ହେବେ। ରାଜ୍ୟରେ ସାଂପ୍ରଦାୟିକ ସଦଭାବ୍ ବଜାୟ ରଖିବା ସହ ସଂଖ୍ୟାଲଘୁଙ୍କ ବିକାଶ ପାଇଁ ରାଜ୍ୟ ସରକାର ସର୍ବଦା ପ୍ରୟାସରତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିଭଳି କେଶରୀ ଟକିଜ୍ ନିକଟରେ ମୁଖ୍ୟମନ୍ତ୍ରୀ ଚିଲିକା ଫ୍ରେଶ୍ ସହିତ 'ଫିଶ୍ ଅନ୍ ହ୍ୱିଲ୍' ଭ୍ରାମ୍ୟମାଣ ମାଛ ବିକ୍ରୟ ଯାନର ଉଦ୍‌ଘାଟନ କରିଥିଲେ। ୧୦ଟି 'ଫିଶ୍ ଅନ୍ ହ୍ୱିଲ୍' ଯାନ ପାଇଁ ୧.୨୦ କୋଟି ଟଙ୍କା ବିନିଯୋଗ ହୋଇଛି। ଏହା ଦ୍ୱାରା ରାଜଧାନୀବାସିନ୍ଦା ଘରେ ବସି ହାତପାଆନ୍ତାରେ ମାଛ ଓ ମାଛ, ଚିଙ୍ଗୁଡ଼ିରୁ ପ୍ରସ୍ତୁତ ଖାଦ୍ୟ ପାଇପାରିବେ। ଅନ୍‌ଲାଇନ୍‌ରେ ବୁକିଂ କରି ହୋମ୍ ଡେଲିଭରି ପାଇପାରିବେ। ଏଥିପାଇଁ ଡାଟମ୍ ମାର୍କେଟିଂ ଲିମିଟେଡ ସହ ଚୁକ୍ତି କରାଯାଇଛି। ୪.୮୦ କୋଟି ଟଙ୍କା ବ୍ୟୟରେ ୧୨ଟି ଚିଲିକା ଫ୍ରେଶ୍‌ର ମଧ ଉଦ୍‌ଘାଟନ କରାଯାଇଛି। କେଶରୀ ଟକିଜ୍, ଡୁମୁଡୁମା, ଶୈଳଶ୍ରୀବିହାର, ମଞ୍ଚେଶ୍ୱର, ଭିଏସ୍‌ଏସ୍ ନଗର, ରସୁଲଗଡ଼, କଳିଙ୍ଗନଗର, ଲକ୍ଷ୍ମୀସାଗର, ପୋଖରୀପୁଟ, ଖଣ୍ଡଗିରି ନାକାଗେଟ୍, ସାଂପୁର ଓ ପଟିଆରେ ଆଜି ଚିଲିକା ଫ୍ରେଶ୍ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ରାଜଧାନୀରେ ୩ଟି ଚିଲିକା ଫେଶ୍ ଥିଲା ବେଳେ ଆଜିର ୧୨ଟି ମିଶାଇ ଏହା ୧୫ରେ ପହଞ୍ଚିଛି। ରାଜଧାନୀରେ ସମୁଦାୟ ୨୬ଟି ଚିଲିକା ଫ୍ରେଶ୍ ପାଇଁ 'ଫିଶ୍‌ଫେଡ୍' ଓ ଫାଲକନ୍ ମେରାଇନ୍ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଅବଶିଷ୍ଟ ୧୪ଟି ଚିଲିକାଫ୍ରେଶ୍ କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରହିଛି। ଏଥିସହିତ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ୧୦୦ଟି ଚିଲିକାଫ୍ରେଶ୍ ଖୋଲିବାର ଯୋଜନା ରହିଥିବା ବେଳେ ୨୩.୫୦ କୋଟି ଟଙ୍କା ବ୍ୟୟରେ ଘାଟିକିଆର ସିଇଟି ନିକଟରେ ଭୁବନେଶ୍ୱରର ବୃହତ ଛାତ୍ରୀନିବାସର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରସନ୍ନ ପାଟଶାଣୀ, କୃଷି ଓ ପଶୁ ସମ୍ପଦ ମନ୍ତ୍ରୀ ଡା. ଦାମୋଦର ରାଉତ, ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ ମହାନ୍ତି, ଓଏଫ୍‌ଡିସି ଅଧ୍ୟକ୍ଷ ମୁନ୍ନା ଖାଁ, ମେୟର୍ ଅନନ୍ତ ଜେନାଙ୍କ ସମେତ ସ୍ଥାନୀୟ କର୍ପୋରେଟର୍ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ପୌର ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ତରଫରୁ ଏହି ମାରାଥନ୍ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଉଛି ବୋଲି ଚର୍ଚ୍ଚା ଚାଲିଛି।

## ନଭେମ୍ବରରୁ ଉଡ଼ିବ ଝାରସୁଗୁଡ଼ାରୁ ବିମାନ

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଉଡ଼ାନ୍ ଯୋଜନାରେ ଝାରସୁଗୁଡ଼ା ବିମାନବନ୍ଦରରୁ ବିମାନ ଉଡ଼ିବା ନେଇ ସ୍ୱଷ୍ଟଚିତ୍ର ମିଳିଛି। ନଭେମ୍ବର ମାସରୁ ଝାରସୁଗୁଡ଼ା ବିମାନବନ୍ଦରରୁ ନିୟମିତ ବିମାନ ଚଳାଚଳ ଆରମ୍ଭ ହେବ। ଏୟାର୍ ଓଡ଼ିଶା ଏଠାରୁ ପ୍ରଥମେ ଭୁବନେଶ୍ୱର ଏବଂ ଅନ୍ୟ ସହରକୁ ବିମାନ ଚଳାଇବାର ସମ୍ଭାବନା ରହିଛି। ଅପରପକ୍ଷେ ଉତ୍‌କେଳା (କଳାହାଣ୍ଡି) ଓ ଜୟପୁର (କୋରାପୁଟ) ବିମାନବନ୍ଦରରେ ଏୟାର ଫୁଏଲିଂ ଷ୍ଟେସନ୍ (ଏଏଫ୍‌ଏସ୍) ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ସଚିବାଳୟରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମନ୍ୱୟ ଓ ଅନୁଧ୍ୟାନ କମିଟି ବୈଠକରେ ଉଡ଼ାନ୍ ଯୋଜନାରେ ଝାରସୁଗୁଡ଼ା ସମେତ ଅନ୍ୟ ତିନିଟି ବିମାନବନ୍ଦରରେ ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି। ୨୦୧୮ ସୁଦ୍ଧା ୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଝାରସୁଗୁଡ଼ା ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଉଡ଼ାନ୍ ଯୋଜନାରେ ସାମିଲ୍ ହୋଇଥିବା ୫ଟି ବିମାନବନ୍ଦର ମଧ୍ୟରୁ ଝାରସୁଗୁଡ଼ା, ଉତ୍‌କେଳା (କଳାହାଣ୍ଡି), ଜୟପୁର (କୋରାପୁଟ) ଓ ରାଉରକେଲା ବିମାନବନ୍ଦରରେ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ରାଜ୍ୟ ସରକାର ନିୟୋଜିତ କରିବେ। ଏହି ବିମାନବନ୍ଦରରେ ୮୮ ଜଣ ପ୍ରଶିକ୍ଷିତ ପୁଲିସ୍ ଓ ୭ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ମୁତୟନ କରାଯିବ। ଏଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୦ ଜଣ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଅଧିକ ସଂଖ୍ୟକ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇ ପ୍ରସ୍ତୁତ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଉଡ଼ାନ୍ ଯୋଜନାରେ ଏହି ପାଞ୍ଚଟି ବିମାନବନ୍ଦରକୁ ଯେଉଁ ବିମାନ ଚଳାଚଳ କରିବେ ସେମାନଙ୍କ ଇନ୍ଧନର ଆବଶ୍ୟକତା ପୂରଣ ପାଇଁ ଉତ୍‌କେଳା ଓ ଜୟପୁର ବିମାନବନ୍ଦର ଠାରେ ଫୁଏଲିଂ ଷ୍ଟେସନ୍ ନିର୍ମାଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବିପିସିଏଲ୍ ଜୟପୁର ଠାରେ ଇନ୍ଧନ ଷ୍ଟେସନ୍ ସ୍ଥାପନ କରିବ ଏବଂ ଉତ୍‌କେଳା ଇନ୍ଧନ ଷ୍ଟେସନ୍ ନିର୍ମାଣ ଦାୟିତ୍ୱ କୌଣସି ସରକାରୀ ସଂସ୍ଥାକୁ ଦେବା ପାଇଁ ବେସାମରିକ ଚଳାଚଳ ବିମାନ ମନ୍ତ୍ରାଳୟକୁ ଅନୁରୋଧ କରାଯିବ। ଉଡ଼ାନ୍ ଯୋଜନା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ମେଣ୍ଟର ବିମାନବନ୍ଦର ଭାବେ କାର୍ଯ୍ୟ କରିବ।

# ଟ୍ରାନ୍ସପୋର୍ଟ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ



**ପାରାଦୀପ, (ନି.ପ୍ର) :** ଗତ ୨୪ ତାରିଖ ମଧ୍ୟରାତ୍ରରେ ଜଣେ ଟ୍ରାନ୍ସପୋର୍ଟ କମ୍ପାନୀର ମାଲିକଙ୍କୁ ବିପକ୍ଷ କମ୍ପାନୀର ମାଲିକ ଓ କର୍ମଚାରୀ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ଆହତ ହୋଇ କଟକ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଖବରରୁ ପ୍ରକାଶ ଯେ ପୀଡିତ ଜଣଙ୍କ ମା' ସନ୍ତୋଷୀ ଟ୍ରାନ୍ସପୋର୍ଟ କମ୍ପାନୀ ଓ ଏସ୍‌ଏମ୍‌ସି ରୋଡଓ୍ୱେଜ କମ୍ପାନୀ ରୁଙ୍ଗଟା ମାଇନ୍ସ କମ୍ପାନୀର କୋଇଲା ପାରାଦୀପ ବନ୍ଦରରୁ ବଡବିଲ ଅଞ୍ଚଳକୁ ଟ୍ରାନ୍ସପୋର୍ଟ କରିଥାନ୍ତି। କିନ୍ତୁ ଉଭୟ କମ୍ପାନୀ ମଧ୍ୟରେ କିଛି ଆର୍ଥିକ ବିବାଦକୁ ନେଇ ଏହା ପାରାଦୀପ ଟ୍ରକ ମିଳିତ ସଂଘ ଜେସିସି ଓ ରୁଙ୍ଗଟା ଅଫିସରେ ସମାଧାନ ହୋଇଥିଲା। କିନ୍ତୁ ପରେ ଗତ ମଙ୍ଗଳବାର ମଧ୍ୟରାତ୍ରରେ ଏସଏମସି କମ୍ପାନୀର ମୁନା ତ୍ରିପାଠୀ ଓ ତାଙ୍କର ଦୁଇ ଜଣ ସହଯୋଗୀ ପାର୍ଟନର ଏବଂ ସୁପରଭାଇଜର ଅକ୍ଷୟ ପ୍ରଧାନଙ୍କ ସମେତ ୫ଜଣ କର୍ମଚାରୀ ମା' ସନ୍ତୋଷୀ ଟ୍ରାନ୍ସପୋର୍ଟର ମାଲିକ କୃପାସିନ୍ଧୁ ଗାହାଣଙ୍କୁ ଯୋଜନାବଦ୍ଧ ଭାବେ ତାରେଣୀଗଡା ନିକଟସ୍ଥ ଅଫିସକୁ ଏକ ଭୋଜି କରିବା ବାହାନାରେ ଡାକିଥିଲେ। ଅସୁସ୍ଥତା ସତ୍ତ୍ୱେ ଶ୍ରୀ ଗାହାଣ ସେଠାରେ ପହଞ୍ଚିବା ପରେ ତାଙ୍କୁ ମଦ୍ୟପାନ କରିବାକୁ ବାଧ କରାଯାଇଥିବା ଜଣାପଡିଛି। କିନ୍ତୁ ସେ ସ୍ୱାସ୍ଥ୍ୟଗତ କାରଣରୁ ମଦ୍ୟପାନ କରିବାକୁ ବାରଣ କରିଥିଲେ। ଶେଷରେ ପୂର୍ବ ଯୋଜନା ଅନୁସାରେ ବିପକ୍ଷର ତିନିଜଣ ମାଲିକ ଓ କର୍ମଚାରୀ ପ୍ରଚୁର ମଦ୍ୟପାନ କରି ଶ୍ରୀ ଗାହଣଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ତାଙ୍କୁ ଗାଡିରେ ଜବରଦସ୍ତ କେଉଁଆଡେ ନେଇଯିବାକୁ ବସିଥିଲେ। ଏଥିରେ ଭୟଭୀତ ହୋଇ ଶ୍ରୀ ଗାହାଣ ବିକଳରେ ନିଜ କର୍ମଚାରୀମାନଙ୍କୁ ମୋବାଇଲରେ ଏ ଖବର ଦେବାପରେ ତାଙ୍କ କର୍ମଚାରୀମାନେ ତୁରନ୍ତ ପାରାଦୀପ ଥାନାକୁ ଖବର ଜଣାଇଥିଲେ। ଶେଷରେ ପାରାଦୀପ ପୋଲିସ ରାତି ୨ଟା ସମୟରେ ପହଞ୍ଚି ସେଠାରୁ ଶ୍ରୀ ଗାହାଣଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିବା ବେଳେ ଉପସ୍ଥିତଥିବା ସମସ୍ତ ୫ଜଣ ଆକ୍ରମଣକାରୀଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲେ। ତେବେ ଶ୍ରୀ ଗାହଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଇତିମଧ୍ୟରେ କଟକ ସ୍ଥାନାନ୍ତରିତ କରାଯାଇଛି। ତେବେ ଖବରରୁ ପ୍ରକାଶ ଗିରଫ ହୋଇଥିବା ଆକ୍ରଣକାରୀମାନେ ନିଜକୁ ବଞ୍ଚାଇବା ପାଇଁ ଅକ୍ଷୟ ପ୍ରଧାନଙ୍କ ସ୍ତ୍ରୀଙ୍କ ତରଫରୁ ଏକ ପାଲଟା ଅଭିଯୋଗ କରାଯାଇଛି। କିନ୍ତୁ ପୋଲିସ ଏ ସମସ୍ତ ୫ଜଣ ଆକ୍ରମଣକାରୀଙ୍କୁ ଗିରଫ କଲାବେଳେ ସେଠାରେ ଆଉ କିଏ କିଏ ଉପସ୍ଥିତ ଥିବାର ପୋଲିସର ନଜରକୁ ଆସିନଥିଲେ। ତେଣୁ ଏଠାରେ ଶ୍ରୀ ଗାହାଣ ଶ୍ରୀମତୀ ପ୍ରଧାନଙ୍କୁ କିପରି ଦୁର୍ବ୍ୟବହାର କରିଥିଲେ ବୋଲି ଚର୍ଚ୍ଚା ହେଉଛି। ତେବେ ଅଭିଯୁକ୍ତ ମାନେ ପ୍ରଭାବଶାଳୀ ହୋଇଥିବାରୁ ଏଘଟଣାରୁ ମୁକୁଳିବାପାଇ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରୁଥିବାର ସାଧାରଣରେ ଆଲୋଚନା ହେଉଛି। ତେବେ ଏ ଘଟଣାରେ ପାରାଦୀପ ଥାନାରେ ଦୁଇଟି ମାମଲା ୧୫୦/୧୭ ଓ ୧୫୧/୧୭ ଦାୟର ହୋଇଅଛି। ଏ ଘଟଣାର ସଂପୃକ୍ତ ପାଞ୍ଚଜଣ ଆଜି କୁଜଙ୍ଗ କୋର୍ଟକୁ ଫରଓ୍ୱାର୍ଡ ହୋଇଛନ୍ତି। ବର୍ତ୍ତମାନ ଏହି ଘଟଣାର ତଦନ୍ତ ଚାଲିଛି ଏବଂ ଏହି ଘଟଣାର ପ୍ରକୃତ ରହସ୍ୟ ତଦନ୍ତ ପରେ ଉନ୍ମୋଚିତ ହେବ ବୋଲି ଆଇ ଆଇସି ଶୁଭ୍ରାଂଶୁ ଶେଖର ନାୟକ କହିଛନ୍ତି।

# ରେଳ ରୋକିଲେ ଅପରାଧିକ ମାମଲା



**ଭୁବନେଶ୍ୱର :** କଥାକଥାକେ ରେଳରୋକ ଉପରେ ଲଗାମ କଷିଛି ରାଜ୍ୟ ପୁଲିସ୍। ଏଣିକି ରେଳରୋକ କଲେ ସମ୍ପୃକ୍ତ ବିକ୍ଷୋଭକାରୀଙ୍କ ବିରୋଧରେ ରୁଜୁ ହେବ ଅପରାଧିକ ମାମଲା। ଏ ସମ୍ପର୍କରେ ରାଜ୍ୟର ସମସ୍ତ ରେଳବାଇ ପୁଲିସ୍ (ଜିଆର୍‌ପି)ଙ୍କୁ ପୁଲିସ୍ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ନିର୍ଦ୍ଦେଶ ଜାରି କରିଛନ୍ତି। ଭୁବନେଶ୍ୱରରେ ପୁଲିସ୍ ଡିଜିଙ୍କ କ୍ୟାମ୍ପ ଅଫିସରେ ପ୍ରଥମଥର ବସିଥିବା ରାଜ୍ୟସ୍ତରୀୟ ସୁରକ୍ଷା କମିଟି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏଥିସହ ରାଜ୍ୟର ରେଳ ଷ୍ଟେସନମାନଙ୍କରେ ଅଧିକ ସିସିଟିଭି ଲଗାଇବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ରେଳ ଷ୍ଟେସନରେ ମୁତୟନ ହୋଇଥିବା ଆର୍‌ପିଏଫ୍ ଓ ଜିଆର୍‌ପିର ପୁଲିସକୁ ଲୋକଙ୍କ ନିକଟତର ହେବାକୁ ପରାମର୍ଶ ଦିଆଯାଇଛି। ରେଳଷ୍ଟେସନରେ ମୁତୟନ ହୋଇଥିବା କୌଣସି ପୁଲିସ୍ ଅଧିକାରୀ ସେମାନଙ୍କର ଦାୟିତ୍ୱରେ ଖିଲାପ କରନ୍ତି ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଡ. ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଗୃହ ବିଭାଗର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ରେଳ ସୁରକ୍ଷାକୁ ନେଇ ଏକ କମିଟି ଗଠନ କରାଯାଇଛି। ଯେଉଁଥିରେ ପୁଲିସ୍ ମହାନିର୍ଦ୍ଦେଶକ ଅଧ୍ୟକ୍ଷ ରହିଛନ୍ତି। ଅନେକ ସମୟରେ ରାଜ୍ୟରେ ରେଳରୋକ ହେଉଛି। ଯେଉଁଥିରେ ଯାତ୍ରୀ ହଇରାଣ ହେଉଥିବା ବେଳେ ଏହାର ଅର୍ଥନୈତିକ ପ୍ରଭାବ ମଧ୍ୟ ରହୁଛି। ଏହାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ କୌଣସି ବି ବିକ୍ଷୋଭକାରୀ ରେଳରୋକ କଲେ ପରିସ୍ଥିତିକୁ ଆଖିଆଗରେ ରଖି ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯିବ ବୋଲି ବୈଠକରେ ନିଷ୍କର୍ଷ ବାହାରିଥିଲା। ଏପରିକି ରେଳରୋକ ସମୟରେ ହୋଇଥିବା ଅର୍ଥନୈତିକ କ୍ଷତିକୁ ବିକ୍ଷୋଭକାରୀଙ୍କ ଠାରୁ ରେଲ୍‌ୱେ ଆକ୍ଟ ଅନୁସାରେ ଆଦାୟ କରାଯିବ ବୋଲି କୁହାଯାଇଛି। ସେହିପରି ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା ଓ ଝାରସୁଗୁଡା ଆଦି ଷ୍ଟେସନରେ ସିସିଟିଭି କ୍ୟାମେରା ରହିଥିବାରୁ ରେଳ ଷ୍ଟେସନରେ ଚୋରିକୁ ରୋକାଯାଇ ପାରୁଛି। ଏପରିକି ଅପରାଧୀମାନଙ୍କୁ ମଧ୍ୟ ଠାବ କରାଯାଇ ପାରୁଛି। ଏହାକୁ ନେଇ ରାଜ୍ୟର ଅନ୍ୟ ଷ୍ଟେସନରେ ଅଧିକ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ବୈଠକରେ ମତ ପ୍ରକାଶ ପାଇଛି। ଏଥିସହ ମାଓଅଧ୍ୟୁଷିତ ଅଞ୍ଚଳ ଦେଇ ଯାଇଥିବା ରେଳଧାରଣାକୁ ସୁରକ୍ଷା ଦେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅଞ୍ଚଳମାନଙ୍କରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କୁହାଯାଇଛି। ରେଳଷ୍ଟେସନରେ ମୁତୟନ ହେଉଥିବା ପୁଲିସ୍ କର୍ମଚାରୀମାନଙ୍କୁ ପିପୁଲସ୍ ଫ୍ରେଣ୍ଡଲି ହେବା ପାଇଁ ପରାମର୍ଶ ଦିଆଯାଇଛି।

## କଲ୍‌ମାର ୬୪ ଗେଟ୍ ବନ୍ଦ : ଆପତ୍ତି ଉଠାଇଲା ଓଡ଼ିଶା

**ଭୁବନେଶ୍ୱର :** ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ପୁଣିଥରେ କଲ୍‌ମା ବ୍ୟାରେଜ୍‌ର ୬୪ଟି ଗେଟ୍ ବନ୍ଦ କରିଥିବାକୁ ନେଇ ଓଡ଼ିଶା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ମାସକ ମଧ୍ୟରେ ଛତିଶଗଡ଼ ସରକାରଙ୍କୁ ୩ଥର ଚିଠି ଲେଖି ଆପତ୍ତି ଉଠାଇଥିବା ଓଡ଼ିଶା ସରକାର ପୁଣିଥରେ ୩ମାସ ବ୍ୟବଧାନ ପରେ କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲ୍ୟୁସି)ଙ୍କ ନିକଟରେ ଛତିଶଗଡ଼ର ମନମୁଖୀ କାର୍ଯ୍ୟ ବିରୋଧରେ ଫେରାଦ ହୋଇଛନ୍ତି। କଲ୍‌ମା ଗେଟ୍ ବନ୍ଦ ହେବା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି ଓ ତା'ର ପ୍ରତିକୂଳ ପ୍ରଭାବ ମହାନଦୀର ତଳମୁଣ୍ଡରେ ଅନୁଭୂତ ହେବାରେ ଲାଗିଛି ବୋଲି ଓଡ଼ିଶା କହିଛି। ମିଳିଥିବା ସୂଚନା ଅନୁସାରେ ଜଳସମ୍ପଦ ସଚିବ ପ୍ରଦୀପ କୁମାର ଜେନା ଚଳିତ ମାସ ୨୪ତାରିଖରେ ଛତିଶଗଡ଼ ସରକାରରେ ନିଜ ପ୍ରତିପକ୍ଷଙ୍କୁ ଚିଠି ଲେଖି କଲ୍‌ମା ବ୍ୟାରେଜ୍‌ର ଗେଟ୍ ବନ୍ଦକୁ ନେଇ ଆପତ୍ତି ଜଣାଇଛନ୍ତି। ଏହା ସହିତ ସେ ଏ ସମ୍ପର୍କରେ ସିଡବ୍ଲ୍ୟୁସି ଓ ଜଳସମ୍ପଦ ମନ୍ତ୍ରଣାଳୟକୁ ମଧ୍ୟ ଅବଗତ କରିଛନ୍ତି। ଶ୍ରୀ ଜେନା ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପରମୁଣ୍ଡରେ ଜଳପ୍ରବାହ ବନ୍ଦ କରାଯିବା ଯୋଗୁ ହୀରାକୁଦ ଜଳଭଣ୍ଡାରରେ ଆବଶ୍ୟକ ପରିମାଣର ଜଳ ଗଚ୍ଛିତ ହୋଇପାରୁନାହିଁ। ଏହି କାରଣରୁ ମହାନଦୀର ତଳମୁଣ୍ଡରେ ସାଧାରଣ ଲୋକଙ୍କ ଉପଯୋଗ ଓ ବିଭିନ୍ନ ପ୍ରକଳ୍ପ ପାଇଁ ଜଳର ଅଭାବ ପରିଲକ୍ଷିତ ହେଉଛି।

## ବିଜେପୁରକୁ ଏନ୍‌ଏସି ମାନ୍ୟତା


**ଭୁବନେଶ୍ୱର :** ଆଗକୁ ବିଜେପୁରରେ ଉପନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଜେଡି ସରକାର ଏବେ ସିରିଜ୍ ଘୋଷଣାମାନ କରିବାରେ ଲାଗିଛନ୍ତି। ବିଜେପୁରରେ ଏକ ସବ୍ ରେଜିଷ୍ଟ୍ରାର ଅଫିସ୍ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁରୀ ଦେଇଥିବାବେଳେ ବିଜେପୁର ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ନିମନ୍ତେ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବିଜେପୁର ପଞ୍ଚାୟତର ବାଉଁସପୋଲ, ବିଜେପୁର, କନ୍ଧରା, କେଉଁଟିପାଲି, ଏମ୍‌ଗଣ୍ଡପାଲି, ମଝିପାଲି ଓ ନୂଆପାଲି ଗାଁକୁ ଏନ୍‌ଏଏସି ଅନ୍ତର୍ଭୁକ୍ତ କରାଯିବ। ଏନେଇ ଗେଜେଟ୍ ପ୍ରକାଶ ପାଇଥିବାବେଳେ ଏହା ଉପରେ ଆପତ୍ତି ଓ ପ୍ରସ୍ତାବମାନ ଥିଲେ ୩୦ଦିନ ମଧ୍ୟରେ ବରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ଉପସ୍ଥାପନ କରିବାକୁ କୁହାଯାଇଛି। ଏହି ଅବଧି ଶେଷ ହେବା ପୂର୍ବରୁ ମିଳିଥିବା ସମସ୍ତ ଆପତ୍ତି ଓ ପ୍ରସ୍ତାବ ଉପରେ ବିଚାର କରି ବିଜେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବାକୁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### କ୍ୟାବିନେଟ୍‌ରେ ୩ ପ୍ରସ୍ତାବକୁ ମଞ୍ଜୁରୀ

# ୫ ବର୍ଷରେ ସରିବ ବିଜେପୁର ପ୍ରକଳ୍ପ

**ଭୁବନେଶ୍ୱର :** ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ପୂର୍ବଘୋଷିତ ବିଜେପୁର ଉଠା ଜଳସେଚନ ପ୍ରକଳ୍ପକୁ ଅନୁମୋଦନ, ପୁରୁଣା ଭୁବନେଶ୍ୱରରେ ସ୍ୱେରେଜ୍ ନିର୍ମାଣ ପାଇଁ ଟେଣ୍ଡର୍ ଓ ବିଧାନସଭାର ଦଶମ ଅଧିବେଶନର ସତ୍ରାବସାନକୁ ମଞ୍ଜୁରୀ ମିଳିଛି। କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କୃଷି ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ କହିଛନ୍ତି ଯେ, ଗଙ୍ଗାଧର ମେହେର ଲିଫ୍ଟ କେନାଲ ସିଷ୍ଟମ ନାମରେ ନାମିତ ହୋଇଥିବା ବିଜେପୁର ଉଠା ଜଳସେଚନ ପ୍ରକଳ୍ପକୁ ଆଜି କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବରୁ ଏ ସମ୍ପର୍କରେ ଘୋଷଣା କରିଥିଲେ। ଏହି ପ୍ରକଳ୍ପ ୧୨୪୬.୫୬ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ମାର୍ଚ୍ଚ ମାସ ସୁଦ୍ଧ ଟେଣ୍ଡର୍ ପ୍ରକ୍ରିୟା ଶେଷ ହେବ। ୨୦୧୧-୧୨ ମସିହାରୁ ରାଜ୍ୟ ସରକାର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଛନ୍ତି। ବିଜେପୁରର ଏହି ଜଳସେଚନ ପ୍ରକଳ୍ପ ଏହାର ଅଂଶବିଶେଷ। ଉଠା ଜଳସେଚନ ଓ କେନାଲ ମାଧ୍ୟମରେ ଜଳସେଚନ ଅଧିକ ବ୍ୟୟବହୁଳ ହେଉଥିବାରୁ ତଥା ବରଗଡ଼ ମୁଖ୍ୟ କେନାଲ୍ ଯୋଗେ ତଳମୁଣ୍ଡରେ ପାଣି ପହଞ୍ଚିବାରେ ସମସ୍ୟା ଥିବାରୁ ଭୂତଳ ପାଇପ୍ ମାଧ୍ୟମରେ ଏହି ଉଠା ଜଳସେଚନ ପ୍ରକଳ୍ପ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହା ଦ୍ୱାରା ବରଗଡ଼ର ସୋହେଲା ବ୍ଲକ୍‌ର ୫ହଜାର ହେକ୍ଟର୍, ବରପାଲିର ୮ହଜାର ହେକ୍ଟର୍ ଓ ବିଜେପୁରର ୧୯ହଜାର ହେକ୍ଟର୍ ଜମିକୁ ଜଳସେଚନ ସୁବିଧା ମିଳିବ। ଉଭୟ ଖରିଫ ଓ ରବି ଋତୁରେ ମୋଟ ୩୨ହଜାର ହେକ୍ଟର୍ ଉଚ୍ଚ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ହୀରାକୁଦ ଜଳ ଭଣ୍ଡାରର ଜଳକୁ ବରଗଡ଼ ମୁଖ୍ୟ କେନାଲର ୩୪.୧୦କିମି ଦୂରସ୍ଥ ଟେଙ୍ଗରା ଗାଁ ନିକଟରୁ ଉଚ୍ଚକ୍ଷମତା ସମ୍ପନ୍ନ ପମ୍ପ୍ ଦ୍ୱାରା ଉଠାଯାଇ ୧୭.୬୪ କିମି ଲମ୍ବ ରାଇଜିଂ ମେନ୍ ପାଇପ୍ ମାଧ୍ୟମରେ ବରିହାପାଲିଠାରେ ଏକ ଦ୍ୱିତୀୟ ଉପ ଜଳଭଣ୍ଡାର ନିର୍ମାଣ କରାଯିବ। ସେଠାରୁ ଗ୍ରାଭିଟି ଓ ପ୍ରେସର୍ ଭୂତଳ ପାଇପ୍ ମାଧ୍ୟମରେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ତେବେ ଏହି କାର୍ଯ୍ୟ କେବେ ସୁଦ୍ଧା ସରିବ ବୋଲି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହେଲେ ସେଥିରେ କେବେ କାର୍ଯ୍ୟ ଆରମ୍ଭ ହେବ ଓ ସରିବ ତାହା ଜଣାପଡ଼ିବ। ଅନ୍ୟପକ୍ଷରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ ଯେ ୫ବର୍ଷ ମଧ୍ୟରେ ଏହି ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଜେପୁର,ସୋହେଲା ଓ ବରପାଲି ବ୍ଲକ୍‌ର ମରୁଡ଼ି ପୀଡ଼ିତ ତଥା ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳର ୨୫,୬୦୦ ହେକ୍ଟର୍ ଜମିକୁ ଜଳସେଚନ ସୁବିଧା ମିଳିବା ସହ ଉଭୟ ଖରିଫ ଓ ରବି ଋତୁରେ ୩୨ହଜାର ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପକୁ ଇପିସି ଠିକା ପ୍ରଣାଳୀ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ସେହିପରି ଭୁବନେଶ୍ୱର ସହରର ସ୍ୱରେଜ୍ ବ୍ୟବସ୍ଥା ନିର୍ମାଣ ପାଇଁ ଇପିସି ପଦ୍ଧତିରେ ଆହ୍ୱାନ କରାଯାଇଥିବା ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ସ୍ୱେରେଜ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଭୁବନେଶ୍ୱର ସହରକୁ ମୋଟ ୬ଟି ସ୍ୱେରେଜ୍ ଜିଲ୍ଲାରେ ବିଭକ୍ତ କରାଯାଇଛି। ନିର୍ଦ୍ଧାରିତ ସମୟରେ ସ୍ୱରେଜ୍ ଜିଲ୍ଲା-୨(ପୁରୁଣା ଭୁବନେଶ୍ୱର ଅଞ୍ଚଳ)ରେ ସ୍ୱରେଜ୍ ବ୍ୟବସ୍ଥା ନିର୍ମାଣ ନିମନ୍ତେ ଅହମ୍ମଦାବାଦର ମେସର୍ସ ଲକ୍ଷ୍ମୀ କନଷ୍ଟ୍ରକ୍ସନ୍‌କୁ ଚୟନ କରାଯାଇଛି। ଏହି କମ୍ପାନୀ ମୋଟ ୧୭୩.୦୮ କୋଟି ଟଙ୍କା ବ୍ୟୟରେ ଟେଣ୍ଡର୍ ନେଇଛି। ଆଜି କ୍ୟାବିନେଟ୍ ଏହି ଟେଣ୍ଡର୍‌କୁ ଅନୁମୋଦନ କରିଛନ୍ତି। ସମ୍ପୃକ୍ତ ଠିକା ସଂସ୍ଥା ଏହି ଟେଣ୍ଡର୍‌ରେ ୨୭.୧୮ କିମି ସ୍ୱରେଜ୍ ଲାଇନ୍ ନିର୍ମାଣ, ଗୋଟିଏ ଟର୍ମିନାଲ ପମ୍ପିଂ ଷ୍ଟେସନ୍, ୪ଟି ସବ୍ ପମ୍ପିଂ ଷ୍ଟେସନ୍, ୯ଟି ଲିଫ୍ଟ ଷ୍ଟେସନ୍ ଓ ବାସୁଆଘାଇରେ ଦୈନିକ ୨୮ ନିୟୁତ ଲିଟର ଦୂଷିତ ଜଳ ବିଶୋଧନ ପାଇଁ ଏକ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରିବ। ୩ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସରିବ। ଏହି ପ୍ରକଳ୍ପ ଦ୍ୱାରା ୨୦୪୧ ମସିହା ସୁଦ୍ଧା ୨ଲକ୍ଷ ୮୨ହଜାର ସହରବାସୀ ଉପକୃତ ହୋଇପାରିବେ।

ମୁର୍ଖ ସର୍ବଦା ନିଜ ଘରେ ହିଁ ପୂଜାପାଏ। ଗାଁର ମୁଖିଆ ଗାଁରେ। କିନ୍ତୁ ଯିଏ ବିଦ୍ୱାନ/ବୁଦ୍ଧିମାନ ସେ ସବୁଠାରେ ପୂଜା ପାଇଥାଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସଂପାଦକୀୟ..

## ପରିବର୍ତ୍ତନ ଲୋଡ଼ା

**ଦେ**ଶରେ ମୋଦି ସରକାର ଆସିବା ପରେ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ଓ ବିକାଶ ପାଇଁ ସଂସ୍କାର ଭଳି ବହୁ ପଦକ୍ଷେପ ନେଇଛନ୍ତି। ଏହାରି ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ, ଗଙ୍ଗା ସଫେଇ ଭଳି ଯୋଜନା ସାଧାରଣ ଲୋକଙ୍କୁ ବ୍ୟଥିତ କରିନଥିଲା ବେଳେ ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ ଭଳି ଯୋଜନା କିନ୍ତୁ ଅଡୁଆ ଧରିଛି। ବିମୁଦ୍ରୀକରଣ କାର୍ଯ୍ୟକାରୀ ହେବା ପରେ ଜିଏସ୍‌ଟି ଭଳି ନୂଆ ଆର୍ଥିକ ସଂସ୍କାର ଯୋଜନା ବିଶେଷକରି ଦେଶର ବ୍ୟବସାୟୀ ବର୍ଗଙ୍କୁ ଆକୃଷ୍ଟ କରିପାରିନାହିଁ। ଯେଉଁଥିପାଇଁ ଜିଏସ୍‌ଟିର ସୁଫଳ ଦେଶବାସୀଙ୍କୁ ମିଳିପାରିବ କି ନା ଏଥିନେଇ ସନ୍ଦେହ ଉପୁଜିଛି। ବିମୁଦ୍ରୀକରଣ ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ସତ୍ତ୍ୱେ ମୋଦିଙ୍କ କଳାଧନ ଫେରିବା କଥାଟିକୁ ସହଜରେ ବିଶ୍ୱାସ କରି ସମସ୍ତେ ନିରବ ରହିଥିଲେ। କିଛି କିଛି ବିରୋଧଭାଷ ସତ୍ତ୍ୱେ ବିମୁଦ୍ରୀକରଣର ପ୍ରଭାବ ଲୋକଙ୍କ ମନରୁ ପାସୋର ଯାଉଥିଲା। ହେଲେ ଜିଏସ୍‌ଟି ଲାଗୁ ହେବା ପରେ ପୁଣିଥରେ ଲୋକଙ୍କ ମନରେ ମୋଦିଙ୍କ ସରକାର ପ୍ରତି ଏକପ୍ରକାର ନକରାତ୍ମକ ଭାବନା ସୃଷ୍ଟି ହୋଇଛି। ଯାହାର ପ୍ରଭାବ ମଧ୍ୟ ଦେଶର ରାଜକୋଷ ଉପରେ ପଡିଥିବା ପରିଲକ୍ଷିତ ହୋଇଛି।

ତେବେ ସେ ଯାହାହେଉନା କାହିଁକି, ଜିଏସ୍‌ଟି ଢାଞ୍ଚାକୁ ନେଇ ସାଧାରଣରେ ଏବେ ବିଭିନ୍ନ ପ୍ରଶ୍ନ ଉଠୁଛି। ଫଳରେ କେନ୍ଦ୍ର ସରକାର ବା ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବାରମ୍ବାର ଏହାର ସମୀକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଏହି ପ୍ରସଙ୍ଗରେ ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସ ଉପାଧ୍ୟକ୍ଷ ରାହୁଲ ଗାନ୍ଧି ନିକଟରେ ଗୁଜୁରାଟରେ ଭାଷଣ ଦେବା ଅବସରରେ ଜିଏସ୍‌ଟିକୁ ଗବ୍ବର ସିଂ ଟ୍ୟାକ୍ସ ବୋଲି ଅଭିହିତ କରିବାକୁ ମଧ୍ୟ ପଛାଇନାହାନ୍ତି। ସେଠାରେ ରାହୁଲ ଜିଏସ୍‌ଟିର ସରଳୀକରଣ କଥା କହି ଗୁଜୁରାଟ ଲୋକଙ୍କ ମନରେ ମୋଦି ବିରୋଧୀ ହାୱା ସୃଷ୍ଟି କରି ନିର୍ବାଚନୀ ଫାଇଦା ଚିନ୍ତାରେ ରହିଛନ୍ତି। ତେବେ ଏହି ଜିଏସ୍‌ଟିର କଠୋର ଦିଗଟି କ'ଣ ? ଯଦିଓ ସାଧାରଣ ଲୋକଙ୍କ ପକ୍ଷେ ଜିଏସ୍‌ଟି ସ୍ଲାବ୍‌କୁ ବୁଝିବା ଏତେ ସହଜ ନୁହେଁ ତଥାପି ଏହି ନୀତିର ମୂଳ ଉଦ୍ଦେଶ୍ୟଟି ଜାଣିବାକୁ ସମସ୍ତେ ଆଗ୍ରହୀ। ଦେଶରେ ଟିକସ ଢାଞ୍ଚାରେ ପରିବର୍ତ୍ତନ ଆଣି ଏନ୍‌ଡିଏ ସରକାର ଲୋକଙ୍କ ଲାଭ କଥା କହୁଥିଲା ବେଳେ ବିରୋଧୀମାନେ ଏହାକୁ ବିରୋଧ କରୁଛନ୍ତି। ତାହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗଡ କୁହାଯାଉଥିବା ଗୁଜୁରାଟରେ ମଧ୍ୟ ଜିଏସ୍‌ଟି ବିରୋଧୀ ଆନ୍ଦୋଳନ ବି ବେଶ୍ ତୀବ୍ର। ଏହାର ଏକମାତ୍ର କାରଣ ଭାବେ ଦେଖିବାକୁ ଗଲେ ଗୁଜୁରାଟ ହେଉଛି ଭାରତର ବ୍ୟବସାୟିକ ପେଣ୍ଠସ୍ଥଳ। ଏଠାରେ ମାତ୍ରାଧିକ ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପ ଓ ବାଣିଜ୍ୟ ଥିବାରୁ ଏହିସବୁ ସଂସ୍ଥାମାନେ ଟିକସ ଜମା କରିବାରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଉଛନ୍ତି। ଫଳରେ ଗୁଜୁରାଟରୁ ଜିଏସ୍‌ଟି ନେଇ ଯେଉଁ ସଫଳତାର ବାର୍ତ୍ତା ମିଳିବା କଥା ତାହା ନକାରାତ୍ମକରେ ପରିଣତ ହୋଇଛି। ଏହାର ପ୍ରଭାବ ସମଗ୍ର ଦେଶରେ ଅନୁଭୂତ ହୋଇଛି। ପରିଣାମ ସ୍ୱରୂପ ଗୁଜୁରାଟରେ ଜିଏସ୍‌ଟିକୁ ବିରୋଧ ଅର୍ଥ ସାରାଦେଶରେ ଏହାକୁ ବିରୋଧ ବୋଲି ମନେକରିବା। 'ଏକ୍ ଦେଶ ଏକ ଟିକସ'ର ଉଦ୍ଦେଶ୍ୟ ପୂରଣ ଦିଗରେ ଏଭଳି ଅନେକ ସମସ୍ୟା ସରକାର ଭୋଗୁଛନ୍ତି। ଫଳରେ ଜିଏସ୍‌ଟି ନୀତି ନିୟମରେ ବାରମ୍ବାର ପରିବର୍ତ୍ତନ ଅଣାଯିବାକୁ ଚେଷ୍ଟା କରୁଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏହାକୁ ଉପଲବ୍ଧି କରୁଥିବା ଜଣାପଡୁଛି। ନୀତିରେ ପରିବର୍ତ୍ତନ ନହେଲେ ସମସ୍ୟା ଲାଗି ରହିବାର କଥାଟିକୁ ମଧ୍ୟ ଚିନ୍ତା କରୁଛନ୍ତି ଦେଶର ଅର୍ଥମନ୍ତ୍ରୀ।

ସାଧାରଣ ଲୋକଙ୍କ କହିବାର କଥା ଯେ, ସରକାର ଜିଏସ୍‌ଟିକୁ ତରବରିଆ ଭାବେ ଘୋଷଣା କରିବାରୁ ଏଭଳି ସମସ୍ୟା ଉପୁଜିଛି। ଏକକ ଟିକସ ନାମରେ ଅଣାଯାଇଥିବା ସଂସ୍କାର ସୁଫଳ ଦେବା ପରିବର୍ତ୍ତେ ମୋଦି ସରକାରଙ୍କୁ ବିଫଳତା ଦିଗକୁ ଟାଣୁଛି। ବାସ୍ତବିକ, ଉପଯୁକ୍ତ ଭିତ୍ତିଭୂମି ନଥାଇ କୌଣସି ଏକ ନିୟମ କାର୍ଯ୍ୟକାରୀ କରାଗଲେ ଏଭଳି ସମସ୍ୟା ଦେଖାଯିବା ସ୍ୱାଭାବିକ। ଯଦିଓ ରାଜକୋଷକୁ ଟିକସ ବାବଦରେ ଅର୍ଥ ଠିକ୍ ଭାବେ ଆସୁଛି, ତଥାପି ଟିକସ ଦାତାମାନେ ଅନେକ ସମସ୍ୟାର ସାମ୍ନା କରୁଥିବା ଜଣାପଡୁଛି। ବିଶେଷକରି କ୍ଷୁଦ୍ର ବ୍ୟବସାୟୀମାନେ ଟିକସ ରିଟର୍ଣ୍ଣ ଦାଖଲ କରିବା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରତ ଭଳି ଜନବହୁଳ ଦେଶରେ ମୁକ୍ତ ବଜାରର ଚାହିଦା ଅଧିକ ରହିଛି। ଏଭଳି ସ୍ଥିତିରେ ସିଷ୍ଟମ ସହ ଅଭ୍ୟସ୍ତ ନଥିବା ଟିକସଦାତା ତଥା ବ୍ୟବସାୟୀଙ୍କୁ ଏହା ବହୁମାତ୍ରାରେ ଅଡୁଆରେ ପକାଇଛି। କିଛି ବ୍ୟବସାୟୀ ମତ ଦିଅନ୍ତି ଯେ, ୨୮% ଟିକସ ହାରରେ ଉଚ୍ଛେଦ ହେବା ଆବଶ୍ୟକ। କାରଣ ଏହାହେଉଛି ଜିଏସ୍‌ଟିର ସର୍ବୋଚ୍ଚ ଟିକସ ହାର। ତେଣୁ କିଛି ବ୍ୟବସାୟୀଙ୍କ କହିବାର କଥା ହେଉଛି ଯେ, ୨୮% ବଦଳରେ ସର୍ବୋଚ୍ଚ ଟିକସ ହାର ୧୮% ରହୁ। ସେହିଭଳି ୧୮% ସ୍ଲାବରେ ଥିବା ଦ୍ରବ୍ୟକୁ ୧୨%କୁ ଖସାଇ ଦିଆଗଲେ ଏହା ଟିକସ ସଂସ୍କାର ଦିଗରେ ଲାଭଦାୟୀ ହୋଇପାରିବ। ଏବେ ପ୍ରଚଳିତ ନିୟମରେ ବିଳମ୍ବ ରିଟର୍ଣ୍ଣ ଦାଖଲ ପାଇଁ ଲାଗୁ କରାଯାଇଥିବା ଜରିମାନା ମଧ୍ୟ ଯୁକ୍ତିଯୁକ୍ତ ନୁହେଁ। ଏଭଳି ସ୍ଥିତିରେ ଜିଏସ୍‌ଟିକୁ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ବଜାର ପ୍ରସ୍ତୁତ ନଥିବା ଜଣାପଡିଛି। ବ୍ୟବସାୟୀମାନେ ସଚେତନ ନହେବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ପନ୍ଥା ମଧ୍ୟ ବାହାରିପାରିବ ନାହିଁ। ଲୋକେ ସଚେତନ ନହେବା ଯାଏଁ ଏଭଳି ସମସ୍ୟା ଲାଗିରହିବ। କିନ୍ତୁ ଜିଏସ୍‌ଟିରୁ ସୁଫଳ ପାଇବାକୁ ହେଲେ ଲୋକେ ଏଥିପାଇଁ ସରକାରଙ୍କୁ ସମୟ ଦେବାକୁ ପଡିବ। ସୂଚନାଯୋଗ୍ୟ, ଗତମାସ ମଧ୍ୟରେ ଜିଏସ୍‌ଟି ପରିଷଦ ୧୦୦ ସାମଗ୍ରୀର ଟିକସକୁ ପୁନର୍ବିଚାର କରିସାରିଛନ୍ତି। ତଥାକି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀମାନେ ଜିଏସ୍‌ଟି ଢାଞ୍ଚାରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନର ଜିଏସ୍‌ଟି ବହୁ ସ୍ଲାବ୍ ବିଶିଷ୍ଟ ହୋଇଥିଲା ବେଳେ ଏଥିରେ ଅନେକ ସାମଗ୍ରୀର ଟିକସ ଉଚ୍ଚ ସ୍ଲାବରେ ଥିବାରୁ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ଏହାରି ମଧ୍ୟରେ ପେଟ୍ରୋଲିୟମ ଏବଂ ମଦ୍ୟ ଭଳି ଦ୍ରବ୍ୟ ମଧ୍ୟ ଜିଏସ୍‌ଟି ପରିସରକୁ ଆସିପାରିନାହିଁ। ତେଣୁ କେନ୍ଦ୍ର ସରକାର ଟିକସ ସଂଗ୍ରହ ପାଇଁ ଯେତିକି ଚିନ୍ତା କରୁଛନ୍ତି, ଲୋକଙ୍କ ସମସ୍ୟା ବିଷୟରେ ମଧ୍ୟ ସେତିକି ଚିନ୍ତା କରିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ତେଣୁ ଦେଶର ବିକାଶ ପାଇଁ ଏନ୍‌ଡିଏ ସରକାର ଆଣିଥିବା ଏକ ପ୍ରଗତିଶୀଳ ଟିକସ ବ୍ୟବସ୍ଥା ଉପରେ ମଧ୍ୟ ପୁନର୍ବିଚାର ଆବଶ୍ୟକ। ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକୁ ମଧ୍ୟ ପୃଥକ ଭାବେ ବିଚାର କରାଯାଇ ଟିକସ ହାରକୁ ସେ ଅନୁପାତରେ ଧାର୍ଯ୍ୟ କରାଯିବା ଉଚିତ୍। ଜିଏସ୍‌ଟି ପ୍ଲାଟଫର୍ମକୁ ଠିକ୍ ଭାବେ ପ୍ରସ୍ତୁତ କରି ଏହାକୁ ନେଇ ଉଠୁଥିବା ପ୍ରଶ୍ନର ସମାଧାନ ଦିଗରେ ସରକାର ତତ୍ପରତା ଦେଖାଇବାକୁ ପଡିବ। ତେଣୁ ଜିଏସ୍‌ଟି ନିୟମ ଓ ଢାଞ୍ଚାଗତ ପରିବର୍ତ୍ତନ ନହେଲେ ଲୋକଙ୍କ ସମସ୍ୟା ଅଯଥାରେ ବଢ଼ିଚାଲିବାର ସମ୍ଭାବନା ରହିଛି। ଗ୍ରାହକ ଓ ବ୍ୟବସାୟୀମାନେ ଉପକୃତ ହେଲା ଭଳି ଟିକସ ଲାଗୁ କରିବା ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପାଇଁ ଏକ ଆହ୍ୱାନ।

# ଟାଡିସରୁ ବାଇ : ଏକ ବିସ୍ମୟକର ପ୍ରତିଭା



ଅମିନୀଲୁ ରାୟ

**କ**ନ୍ଧମାଳ ଜିଲ୍ଲାର ଖଜୁରିପଡା ବ୍ଲକଠାରୁ ପ୍ରାୟ ୪ କି.ମି. ଦୂରରେ ଅବସ୍ଥିତ ଦଳପଡା ଗାଁ'ର ଏକ କନ୍ଧ ପରିବାରରେ ୧୯୪୪ ମସିହାରେ ପୂର୍ଣ୍ଣମାସୀ ଜାନୀ ଓରଫ୍ ଟାଡିସରୁ ବାଇଙ୍କ ଜନ୍ମ। ପିଲାଦିନେ ତାଙ୍କ ମାତାଙ୍କର ଅକାଳ ବିୟୋଗ ତଥା ଘରର ଅଭାବ ଅସୁବିଧା କାରଣରୁ ସେ ଶିକ୍ଷାଲାଭରୁ ବଂଚିତା ହୁଅନ୍ତି। ସମୟ କ୍ରମେ ମାତ୍ର ୧୦/୧୨ ବର୍ଷ ବୟସରେ ତାଙ୍କର କନ୍ଧ ପରମ୍ପରା ଓ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସଂପନ୍ନ ହୁଏ। ପ୍ରତ୍ୟହ ସେ ତାଙ୍କ ସ୍ୱାମୀଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ସହିତ ଅବସର ସମୟରେ ଜଙ୍ଗଲରୁ ମହୁଲ, କେନ୍ଦୁପତ୍ର, ଜାଳେଣି କାଠ ଇତ୍ୟାଦି ସଂଗ୍ରହ କରି କଷ୍ଟେମଷ୍ଟେ ପରିବାରର ଗୁଜୁରାଣ ମେଂଟାନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ପୂର୍ଣ୍ଣମାସୀଙ୍କର ଗୃହସ୍ଥ ଜୀବନ ଥିଲା ଅତ୍ୟନ୍ତ ସରଳ, ନୀରାମୟ ଓ ନୀତିମୟ।

ବିବାହର ଦଶ ବର୍ଷ ମଧ୍ୟରେ ଛଅଟି ସନ୍ତାନର ଜନନୀ ହୋଇଥିବା ପୂର୍ଣ୍ଣମାସୀଙ୍କ ଜୀବନରେ କଳା ବାଦଲ ଘୋଟିଆସେ। କୌଣସି କାରଣବଶତଃ ତାଙ୍କର ଜଣକ ପରେ ଜଣେ ଏହିପରି ଭାବେ ସମସ୍ତ ସନ୍ତାନଙ୍କ ଅକାଳ ମୃତ୍ୟୁରେ ସେ ଅତ୍ୟନ୍ତ ବ୍ୟଥିତ ହୋଇ ନିକଟସ୍ଥ ଝଗଡପଡା ଗ୍ରାମର ଜଣେ କନ୍ଧ ବାଳକ ସାରନନ୍ଦଙ୍କୁ ସାକ୍ଷାତ କରି ତାଙ୍କ ଜୀବନରେ ଘଟିଥିବା ଦୁଃଖଦ ଘଟଣା ସମ୍ପର୍କରେ ଆମୂଳଚୂଳ ବର୍ଣ୍ଣନା କରନ୍ତି। କାରଣ ସାରନନ୍ଦ ହେଉଛନ୍ତି ଏକାଧାରାରେ ଜଣେ ସାଧୁ, ଈଶ୍ୱର ବିଶ୍ୱାସୀ ଓ ଭବିଷ୍ୟବାଣୀ ବିଶାରଦ। ପୂର୍ଣ୍ଣମାସୀ ଜାନୀ ତାଙ୍କଠାରୁ ଆଜ୍ଞା ପାଇ ଭକ୍ତି ଓ ନିଷ୍ଠାର ସହ ମୁନିଋଷିମାନଙ୍କୁ ପୂଜାର୍ଚ୍ଚନା କରିବା ଫଳରେ ସେମାନଙ୍କ ଆଶୀର୍ବାଦ କ୍ରମେ ସେ ପୁନର୍ବାର ଦୁଇଟି ସନ୍ତାନର ଜନନୀ ହେବାର ସୌଭାଗ୍ୟଲାଭ କରନ୍ତି। ଜଞ୍ଜାଳ ମଧ୍ୟରେ ବୁଡି ରହିଥିଲେ ବି ଘରେ ସର୍ବଦା ପୂଜା ପାଠ, ସାତ୍ତ୍ୱିକ ଆହାର ତଥା ସେବା କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥାନ୍ତି। ଶେଷରେ ମୁନିଋଷିମାନେ ତାଙ୍କ ପୂଜାରେ ସନ୍ତୁଷ୍ଟ ଓ ଅତ୍ୟନ୍ତ ପ୍ରସନ୍ନ ହୋଇ ନିର୍ଦ୍ଦେଶ ଦିଅନ୍ତି କି– "ଟିକାବାଲି ନିକଟସ୍ଥ ଟାଡିସରୁ ପର୍ବତରେ ସାତ ଦିନ ପାଇଁ କଠୋର ସାଧନାରେ ବ୍ରତୀ ରହି ତାଙ୍କୁ ସିଦ୍ଧି ପାଇବାକୁ ହେବ।" ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ୨୧୧ କି.ମି. ଦୂର ପଶ୍ଚିମରେ ଅବସ୍ଥିତ କନ୍ଧମାଳ ଜିଲ୍ଲାର ସଦର ମହକୁମା ହେଉଛି ଫୁଲବାଣୀ। ଘଂଚ ଜଙ୍ଗଲ ପର୍ବତ ଘେରା ଫୁଲବାଣୀ ସହରଠାରୁ ୩୬ କି.ମି. ଦୂରରେ ଟିକାବାଲି ବ୍ଲକ୍। ଉକ୍ତ ବ୍ଲକ୍‌ଠାରୁ ଅନତି ଦୂରରେ ଟାଡିସରୁ ପର୍ବତ ବିଦ୍ୟମାନ। ଏହାର ପାଦଦେଶରେ ଏକ ଛୋଟ ଗାଁ ତୁଙ୍ଗୀ, ଯାହାକି ଅଧୁନା ଏହା ଏକ ପ୍ରାଚୀନ ଶୈବପୀଠର ମାନ୍ୟତା ଲାଭ କରିଥିଲାବେଳେ ଅତୀତରେ ଏହା ବୌଦ୍ଧବିହାର ଥିଲା ବୋଲି ଲୋକ ମୁଖରୁ ଶୁଣାଯାଏ। ୧୯୬୦ ଦଶକରେ ଏଠାରେ ନୂତନ ଶିବ ମନ୍ଦିର ନିର୍ମାଣ ପାଇଁ ଭୂଖନନ ସମୟରେ ଅନେକ ଗୁଡିଏ ବୁଦ୍ଧ ମୂର୍ତ୍ତି, ଭଗ୍ନ ସ୍ତୁପ, ଖମ୍ବ ଓ ସ୍ଥାପତ୍ୟର ନିଦର୍ଶନ ମିଳେ, ଯାହା ଅତୀତରେ ବୌଦ୍ଧ ବିହାରର ଅବସ୍ଥିତିକୁ ସୂଚାଏ। ଏଠାରୁ ସଂଗ୍ରହ କରାଯାଇଥିବା ଅମୋଘ ସିଦ୍ଧି ବୁଦ୍ଧ ମୂର୍ତ୍ତି ଏବେ ଭୁବନେଶ୍ୱରର ରାଜ୍ୟ ସଂଗ୍ରହାଳୟରେ ସୁରକ୍ଷିତ ଅଛି। ଗବେଷକମାନେ ଉକ୍ତ ଅଂଚଳକୁ ଚୀନ୍ ପରିବ୍ରାଜକ ହୁଏନସାଂଙ୍କ ଦ୍ୱାରା ବର୍ଣ୍ଣିତ ଉଡ୍ର ଦେଶର "ପୁଷ୍ପଗିରି" ବୌଦ୍ଧବିହାରର ଅଂଶବିଶେଷ ବୋଲି ଦାବି କରନ୍ତି। ଏଠାରେ ଥିବା ପର୍ବତଶ୍ରେଣୀଗୁଡିକ ମଧ୍ୟରେ ସର୍ବୋଚ୍ଚ ପର୍ବତ ହେଉଛି ଟାଡିସରୁ ପର୍ବତ। ଉକ୍ତ ପର୍ବତକୁ ଆଦୀମ ଅଧିବାସୀ, ଜନଜାତିମାନେ ପୁରୁଷାନୁକ୍ରମେ ପୂଜାର୍ଚ୍ଚନା କରିଆସୁଛନ୍ତି। ଆଦିବାସୀ କନ୍ଧ ପରମ୍ପରାରେ ବେଲାପେନୁ (ସୂର୍ଯ୍ୟ ଦେବତା), ଡାଜୁପେନୁ (ଚନ୍ଦ୍ର ଦେବତା), ସୁଗାପେନୁ (ନଦୀ ଦେବତା– କନ୍ଧମାଳରେ ପ୍ରବାହିତ ସାଲୁଙ୍କି ନଦୀ) ପରି ଟାଡିସରୁପେନୁଙ୍କୁ ମଧ୍ୟ ପୂଜା କରାଯାଏ। ବଡି ସକାଳୁ କନ୍ଧ ଚାଷୀ ଟାଡିସରୁପେନୁଙ୍କୁ ଜୁହାର କରି ଡଙ୍ଗରକୁ ବାହାରେ ଏବଂ ସଂଧ୍ୟାରେ ଜୁହାର କରି ଘରକୁ ଫେରେ। ପୁନଶ୍ଚ ବିଭିନ୍ନ ରୋଗ ଯଥା– ହଇଜା, ମିଳିମିଳା, ମ୍ୟାଲେରିଆ, ମହାମାରୀ ଇତ୍ୟାଦିରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀମାନେ ଅନ୍ଧକାର ରାତ୍ରୀରେ ଏହି ପର୍ବତ ତଳେ କୁକୁଡା, ବୋଦା, ବତକ ଇତ୍ୟାଦି ବଳି ଦେଇ ନିଜର ମାନସିକ ପୂର୍ଣ୍ଣ କରିଥାନ୍ତି। ଏମିତିକି କୌଣସି କାରଣରୁ ମାନସିକ ରଖି ମଧ୍ୟ ଲୋକେ ସଂଧ୍ୟା ହେଲେ ସେଠାକୁ ଯାଇ ଭୋଗ ଲଗାଇଥାନ୍ତି। ପ୍ରବାଦ ଅଛି– କେଉଁ ଆଦୀମ କାଳରୁ ଏହି ପର୍ବତ ଉପରକୁ ଚଢିବା ମନା। ଏହା ସାଧୁ-ସନ୍ଥ, ମୁନି-ଋଷି ତଥା ପୂର୍ବପୁରୁଷଙ୍କ ଆଶ୍ରୟସ୍ଥଳ ଭାବେ ବିବେଚିତ ହୋଇଥିବାରୁ କୌଣସି ଲୋକ ଉକ୍ତ ପର୍ବତକୁ ଚଢନ୍ତି ନାହିଁ। ବାରଣ ସତ୍ତ୍ୱେ ଯଦି କିଏ ଚଢିବାକୁ ଚେଷ୍ଟା କରେ, ତେବେ ତାକୁ ଅନେକ ବିପଦର ସାମ୍ନା କରିବାକୁ ପଡିଥାଏ। ଏମିତିକି ସର୍ପ ଦଂଶନ କରିବା, ବାଘ ସିଂହ ଗର୍ଜନ ଶୁଣିବା, ହିଂସ୍ରଜନ୍ତୁ ଗୋଡାଇବା, ଅଚାନକ ପର୍ବତରୁ ଗୋଡ ଖସି ତଳେ ପଡି ଖଣ୍ଡିଆ ଖାବରା ହେବା ଇତ୍ୟାଦି ଇତ୍ୟାଦି।

ଶେଷରେ ଆଜ୍ଞା ପାଇ ପୂର୍ଣ୍ଣମାସୀ ଜାନୀ ତାଙ୍କ ସ୍ୱାମୀଙ୍କ ସହ ଆଲୋଚନା କରି ସାତ ଦିନ ପାଇଁ ଟାଡିସରୁ ପର୍ବତକୁ ଯିବା ପାଇଁ ସ୍ଥିର କଲେ। ସେଠାରେ ଦୁଇ ଦିନ ଅନ୍ତେ ତାଙ୍କ ତପସ୍ୟାରେ କୌଣସି କାରଣରୁ ବିଘ୍ନ ଘଟିବାରୁ ସେ ଭାଙ୍ଗି ପଡିଥିବା ସମୟରେ ମୁନିଋଷିମାନେ ତାଙ୍କୁ ଆଶ୍ୱାସନା ଦେବା ସହ ସାତ ଦିନ ପରିବର୍ତ୍ତେ କେବଳ ଗୋଟିଏ ଦିନ ତପସ୍ୟା କରିବାକୁ ପରାମର୍ଶ ଦେଲେ। ସରଳ, ନିଷ୍ପାପ, ନିରକ୍ଷରା ପୂର୍ଣ୍ଣମାସୀଙ୍କ ତପସ୍ୟାରେ ସେମାନେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କଲେ ଯେ – "ତାଙ୍କର ସାଧନା ପୂର୍ଣ୍ଣାଙ୍ଗ ନ ହେଲେ ମଧ୍ୟ ଭକ୍ତି ବଳରେ ସେ ସମସ୍ତଙ୍କୁ ଉଣାଧିକେ ଜିଣି ପାରିବେ। ତେଣୁ ସେ ଯେତେବେଳେ ଧ୍ୟାନସ୍ଥ ଅବସ୍ଥାରେ ରହିବେ, ସେତେବେଳେ ସମସ୍ତ ମୁନିଋଷି ତାଙ୍କ କଣ୍ଠରେ ବିରାଜମାନ ହୋଇ ଭଜନ ଗାନ କରିବେ।" ଏସବୁ ଘଟିଥିଲା ୧୯୬୯ ମସିହା ଜ୍ୟୋଷ୍ଠ ମାସ କୃଷ୍ଣ ପକ୍ଷ ଦ୍ୱିତୀୟା ତିଥି ସୋମବାର। ପୂର୍ଣ୍ଣମାସୀ ଧ୍ୟାନସ୍ଥ ଅବସ୍ଥାରେ ଥିଲାବେଳେ ଟାଡିସରୁ ପର୍ବତରେ ଅବସ୍ଥାନ କରୁଥିବା ମୁନିଋଷିମାନଙ୍କର ଆଜ୍ଞା ପ୍ରାପ୍ତ ହୋଇ ସିଦ୍ଧି ଲାଭ କରିଥିଲେ। ଯାହା ଫଳରେ ସେ ପୂର୍ଣ୍ଣମାସୀ ଜାନୀରୁ "ଟାଡିସରୁ ବାଇ" ନାମରେ ପରିଚିତା ହେଲେ। ଟାଡିସରୁ ବାଇ ହେଉଛି ଏକ କୁଇ ଶବ୍ଦ ବିଶେଷ। କୁଇ ଭାଷାରେ ଟାଡିର ଅର୍ଥ ଉଚ୍ଚ ବା ତୀଖ। ସରୁ ର ଅର୍ଥ ପର୍ବତ। ବାଇ ର ଅର୍ଥ ବାବା ବା ସାଧୁ। ସୁତରାଂ ଟାଡିସରୁ ବାଇ ଅର୍ଥ ଉଚ୍ଚ ବା ତୀଖ ପର୍ବତରେ ଅବସ୍ଥାନ କରୁଥିବା ବାବା ବା ସାଧୁ। ଜଣେ ଶ୍ରୀଅକ୍ଷର ବିବର୍ଜିତା, ନୀରକ୍ଷରା, କନ୍ଧ ଆଦିବାସୀ ମହିୟସୀ ମହିଳା ଟାଡିସରୁ ବାଇଙ୍କ କଣ୍ଠରୁ ନିଃସୃତ ଭକ୍ତି ରସାତ୍ମକ ଭଜନ ଓ ଜଣାଣର ଅବାରିତ ଧାରା ସମସ୍ତ ଦର୍ଶକଙ୍କୁ ଚକିତ କରେ। ଟାଡିସରୁ ବାଇଙ୍କ ପ୍ରତ୍ୟେକ ଭଜନ ଆସରର ପ୍ରଥମ ଭକ୍ତି ଅର୍ଘ୍ୟ ହେଉଛି ମାତୃଭଜନ। ଉକ୍ତ ମାତୃଭଜନ ବାଲ୍ମିକୀ ମୁନିଙ୍କ ଭଣତି ଥାଇ ରଚିତ ହୋଇଥାଏ। ତାଙ୍କ କଣ୍ଠରୁ ତତ୍କାଳ ଭଜନ ସୃଷ୍ଟି ହେଉଥିବାରୁ ତାଙ୍କୁ ଭକ୍ତ ତଥା ସାହିତ୍ୟିକ ସମାଜ ଆଶୁକବି ଭାବେ ନାମିତ କରିଛନ୍ତି। ମାତୃଭଜନ ପରେ ପରେ ଅନ୍ୟାନ୍ୟ ଭଜନ ତଥା କୌଣସି ଜିଜ୍ଞାସୁ ଭକ୍ତଙ୍କ ଆଧ୍ୟାତ୍ମିକ ବିଷୟ ଜନିତ କଠିନ ପ୍ରଶ୍ନର ଉତର ଦେଇଥାନ୍ତି। ରାମାୟଣ, ମହାଭାରତ, ପୁରାଣ, ଉପନିଷଦ, ବେଦ ଇତ୍ୟାଦିର ସରଳ ଅର୍ଥ ତାଙ୍କର ସୁନ୍ଦର ସୁଲଳିତ କଣ୍ଠରେ ଗୀତ ମାଧ୍ୟମରେ ପ୍ରକାଶ କରିଥାନ୍ତି। ଭଜନ ଆସର ଚାଲିଥିବା ସମୟରେ ସେଠାରେ କେତେକ ନୀତି ନୀୟମ ମାନିବାକୁ ହୋଇଥାଏ। ଯଥା– ୧) ଭଜନ ସମୟରେ ଡିବିରି ବା ଲଣ୍ଠନ ବତୀ ନେବା ନିଷେଧ। ୨) ଭଜନ ସମୟରେ ପୂର୍ଣ୍ଣମାସୀଙ୍କୁ ମା' ବୋଲି ସମ୍ବୋଧନ କଲେ ଗୀତ ବନ୍ଦ ହୋଇଯାଏ। ତେଣୁ ତାଙ୍କୁ କେବଳ ବାବା ବୋଲି ସମ୍ବୋଧନ କରିବାକୁ ପଡିଥାଏ। ୩) ଧ୍ୟାନସ୍ଥ ଅବସ୍ଥାରେ ସ୍ୱତଃ ବାହାରି ଆସୁଥିବା ଭଜନଗୁଡିକୁ ପ୍ରଥମେ ବାବା ଆବୃତି କରନ୍ତି ଓ ଭକ୍ତମାନେ ପରେ ପରେ ତାହାକୁ ଆବୃତି କରିବା ସହିତ କାଗଜରେ ଲିପିବଦ୍ଧ କରିଥାନ୍ତି। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ବାବା ପ୍ରାୟ ପଚାଶ ହଜାରରୁ ଉର୍ଦ୍ଧ୍ୱ ଭଜନ ଗାଇଥିବାବେଳେ ମାତ୍ର ଦଶ ହଜାର ପାଖାପାଖି ଭଜନ ତାଙ୍କର ଏଯାବତ୍ ଲିପିବଦ୍ଧ ହୋଇଛି।

ଏଇ ଓଡିଶା ମାଟିରେ ଓଡିଆ ଭକ୍ତି-ଗୀତିକା ସର୍ଜନା କ୍ଷେତ୍ରରେ କନ୍ଧମାଳ ଜିଲ୍ଲାର ବିସ୍ମୟକର ପ୍ରତିଭା ଟାଡିସରୁ ବାବା ସଂପ୍ରତି ଓଡିଶାବାସୀଙ୍କର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ତାଙ୍କର ତତ୍ତ୍ୱ ଜ୍ଞାନ ସମ୍ବଳିତ ଶହସ୍ରାଧିକ ଭଜନ, ଜଣାଣ, ମାତୃ ବନ୍ଦନା, ଗୁରୁ ବନ୍ଦନା, ଜଗନ୍ନାଥ ଭଜନ, ଭକ୍ତି ରସାତ୍ମକ ଭଜନ ଇତ୍ୟାଦି ଆଜି କେବଳ କନ୍ଧମାଳର ଗିରି କନ୍ଦର ନୁହେଁ ବରଂ ସମଗ୍ର ଓଡିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ସହର ନଗର ପର୍ଯ୍ୟନ୍ତ ସର୍ବତ୍ର ଭକ୍ତିଧାରାରେ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି। ତାଙ୍କର ନିଃସୃତ ଭଜନଗୁଡିକରେ ସୁଗୁଣ ତତ୍ତ୍ୱ, ନିର୍ଗୁଣ ତତ୍ତ୍ୱ, ଜୀବପରମ ତତ୍ତ୍ୱ, ଶୂନ୍ୟ ତତ୍ତ୍ୱ, ଅଣାକାର ତତ୍ତ୍ୱ, ଗୁରୁବାଦ ଇତ୍ୟାଦି ତାଙ୍କୁ ଜଣେ ଶ୍ରେଷ୍ଠ ସାଧିକା ଭାବେ ପରିଚୟ ପ୍ରଦାନ କରିଛି, କହିଲେ ଅତ୍ୟୁକ୍ତି ହେବ ନାହିଁ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ- ୯୯୩୭୪୧୨୫୧୫*

# ଟିପୁ ସୁଲତାନ ମହାନ୍




ସୌମେନ୍ଦ୍ର ଜେନା

**କ**ର୍ଣ୍ଣାଟକରେ ଟିପୁ ସୁଲତାନଙ୍କୁ କେନ୍ଦ୍ର କରି ଏବେ ତୁମ୍ଭିତୋଫାନ ହୋଇଛି। ରାଜ୍ୟସରକାର ୧୦ ନଭେମ୍ବରରେ ଟିପୁଙ୍କ ଜୟନ୍ତୀ ପାଳନ ମହାସମାରୋହରେ କରିବାକୁ ଯୋଜନା କରୁଥିବା ବେଳେ ସେଥିରେ ଯୋଗଦେବାକୁ ନିମନ୍ତ୍ରଣପତ୍ର ନ ପଠାଇବାକୁ କେନ୍ଦ୍ର ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ଅନନ୍ତ କୁମାର ହେଗଡେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ଜଣାଇଛନ୍ତି। ହେଗଡେଙ୍କ ବକ୍ତବ୍ୟ ହେଲା ଯେ ଟିପୁଙ୍କ ପରି ଜଣେ ଉନ୍ମାଦି ଓ ଅତ୍ୟାଚାର ପ୍ରିୟ ରାଜାଙ୍କ ସ୍ମୃତିଚାରଣ କରି କର୍ଣ୍ଣାଟକ ସରକାର କିଛି ଭଲବାର୍ତ୍ତା ଦେଉନାହାନ୍ତି। ତେଣେ ନିର୍ବାଚନ ପାଖେଇ ଆସୁଥିବାରୁ କର୍ଣ୍ଣାଟକ ସରକାର ନିଜର ସ୍ଥିତିକୁ ରାଜ୍ୟରେ ମଜବୁତ କରିବାକୁ ଚାହୁଁଛନ୍ତି। ସେହି କ୍ରମରେ ନିର୍ଦ୍ଦିଷ୍ଟ ବର୍ଗର ଭୋଟକୁ ନିଜପକ୍ଷରେ ନେବାପାଇଁ ବୋମା ବିସ୍ଫୋରଣ ପରି କାର୍ଯ୍ୟରେ ସଂପୃକ୍ତ ଥିବା ଲୋକଙ୍କ ମାମଲାଗୁଡିକୁ ଦୁର୍ବଳ କରିବା ଲାଗି ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଉଛି। ତେବେ ଟିପୁଙ୍କ ସଂପର୍କରେ ଆଲୋଚନା ଏଠାରେ ମୁଖ୍ୟ ବିଷୟ। ଟିପୁ ସୁଲତାନ ଖ୍ରୀ ୧୭୮୬ରୁ ୧୭୯୯ ପର୍ଯ୍ୟନ୍ତ ଦକ୍ଷିଣ ଭାରତରେ ଶାସନ କରିଥିଲେ। ହାଇଦର ଅଲ୍ଲୀଙ୍କ ପୁତ୍ର ଟିପୁଙ୍କୁ ଆକବରଙ୍କ ପରେ ଦକ୍ଷିଣର ମହାନ ସମ୍ରାଟ ଭାବେ କିଛି ଇତିହାସ ଲେଖକ ବର୍ଣ୍ଣନା କରି ସେ ସାମ୍ରାଜ୍ୟବାଦ ବିରୋଧୀ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ପ୍ରତୀକ ବୋଲି ପ୍ରକାଶ କରିଛନ୍ତି। ଅଥଚ ଅନ୍ୟ କେତେକ ଇତିହାସ ଲେଖକ ସମକାଳୀନ ନଥିପତ୍ର, ମାଲାବାର ଏବଂ କୁର୍ଗରେ ସେ ହିନ୍ଦୁମାନଙ୍କ ଉପରେ କରିଥିବା ଅତ୍ୟାଚାରକୁ ଉଲ୍ଲେଖ କରି ଟିପୁଙ୍କ ପରି ମୁଜାହିଦ୍ କେବେ ହେଲେ ହିନ୍ଦୁଙ୍କ ପାଇଁ କଲ୍ୟାଣକାରୀ ନୁହଁନ୍ତି ବରଂ ଧ୍ୱଂସକାରୀ ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଏହି ବିତର୍କ ଏବେ ପୁଣିଥରେ ଜୋର ଧରିଛି।

ଟିପୁ ଲେଖିଥିବା ଚିଠି ଏବଂ ଅନ୍ୟାନ୍ୟ ସୂଚନା ଲଣ୍ଡନର ଇଣ୍ଡିଆ ଅଫିସ ପାଠାଗାରରେ ରହିଛି,ଯାହାକୁ ଐତିହାସିକ ସର୍ଦ୍ଦାର କେ.ଏମ୍. ପାନିକର ଖୋଜି ବାହାର କରିଥିଲେ। ଟିପୁ ୨୨ ମାର୍ଚ୍ଚ ୧୭୮୮ରେ ଅବଦୁଲ ଖାଦରଙ୍କ ପାଖକୁ ଏକ ଚିଠି ଲେଖିଥିଲେ ଯାହା ମାଲୟାଲମ୍ ଭାଷାର ଭାଷାପୋଷିନୀ ପତ୍ରିକାର ଅଗଷ୍ଟ-୧୯୨୩ ସଂଖ୍ୟାରେ ପ୍ରକାଶ ପାଇଥିଲା। ସେଥିରେ ଟିପୁ ଲେଖିଥିଲେ "୧୨୦୦୦ ହିନ୍ଦୁଙ୍କୁ ଇସଲାମରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ହେଉଛନ୍ତି ନମ୍ବୁଦ୍ରି। ଏହି ସଫଳତା ହିନ୍ଦୁଙ୍କ ମଧ୍ୟରେ ବ୍ୟାପକ ଭାବେ ପ୍ରଚାରିତ ହେଉ। ସ୍ଥାନୀୟ ହିନ୍ଦୁମାନଙ୍କୁ ତୁମ ନିକଟକୁ ଅଣାଯାଇ ଇସଲାମକୁ ଧର୍ମାନ୍ତରିତ କରାଯିବା ଉଚିତ୍। ଜଣେ ବି ହେଲେ ନମ୍ବୁଦ୍ରିକୁ ଛାଡନାହିଁ।" ସେହିପରି କାଲିକଟ୍‌ର ସେନାପତିଙ୍କ ନିକଟକୁ ଟିପୁ ସୁଲତାନ ୧୪ ଡିସେମ୍ବର ୧୭୮୮ରେ ଏକ ଚିଠି ଲେଖିଥିଲେ। ସେଥିରେ ସେ ଲେଖିଥିଲେ "ମୀର ହୁସେନ୍ ଅଲିଙ୍କ ସହ ମୁଁ ମୋର ଦୁଇଜଣ ଅନୁଚରଙ୍କୁ ପଠାଇଲି। ସେମାନଙ୍କ ସହ ତୁମେ ମିଶି ହିନ୍ଦୁମାନଙ୍କୁ ଧରି ହତ୍ୟାକରିବ। ଯାହାଙ୍କ ବୟସ ୨୦ବର୍ଷରୁ କମ୍ ସେମାନଙ୍କୁ କାରାଗାରରେ ରଖିବ ଏବଂ ଅବଶିଷ୍ଟଙ୍କ ମଧ୍ୟରୁ ୫୦୦୦ଲୋକଙ୍କୁ ଛାତ ଉପରୁ ଝୁଲାଇ ହତ୍ୟା କରିବ। ଏହା ହେଉଛି ମୋ ଆଦେଶ" (ଭାଷାପୋଷିନୀ, ଅଗଷ୍ଟ-୧୯୨୩)। ସେମିତି ଆଉ ଏକ ଚିଠି ସେ ବଦ୍ରସୁ ସମନ ଖାଁଙ୍କ ନିକଟକୁ ୧୭୯୦ରେ ଲେଖିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ "ମୁଁ ନିକଟରେ ଏକ ବିରାଟ ସଫଳତା ପାଇଥିବା ବିଷୟ ତୁମକୁ ବୋଧହୁଏ ଜଣାନଥିବ। ୪,୦୦,୦୦୦ ରୁ ଅଧିକ ହିନ୍ଦୁଙ୍କୁ ଇସଲାମକୁ ଧର୍ମାନ୍ତରିତ କରାଗଲା। ମୁଁ ରମଣ ନାୟାରକୁ ଦଣ୍ଡ ଦେବାଲାଗି ଖୁବଶିଘ୍ର ବାହାରିବାକୁ ସ୍ଥିର କରିଛି। ସମୟାନୁସାରେ ସେ ଏବଂ ତା ଲୋକମାନେ ଇସଲାମକୁ ଶିଘ୍ର ଧର୍ମାନ୍ତରିତ ହେବାର ସମ୍ଭାବନା ରହିଥିବାରୁ ମୁଁ ଶ୍ରୀରଙ୍ଗପଟ୍ଟନମକୁ ଫେରିଯିବା ଯୋଜନା ଏବେ ସ୍ଥଗିତ ରଖିଛି (ଭାଷା ପୋଷିନୀ, ଅଗଷ୍ଟ-୧୯୨୩)। ହିନ୍ଦୁମାନଙ୍କୁ ଦଣ୍ଡଦେବା ପାଇଁ ଟିପୁ ମାଲାବାରର ଭିନ୍ନ ଭିନ୍ନ ସ୍ଥାନରେ ଥିବା ସେନାପତିମାନଙ୍କ ଉଦ୍ଦେଶ୍ୟରେ ଅନେକବାର ନିର୍ଦ୍ଦେଶ ଦେଇଥିଲେ। ମାର୍କ ୱିଲସଙ୍କ ଦ୍ୱାରା ଲିଖିତ ମହୀଶୂର ଇତିହାସର ୨ୟଖଣ୍ଡ, ପୃଷ୍ଠା-୧୨୦ରେ ଏ ସଂକ୍ରାନ୍ତରେ ଉଲ୍ଲେଖ ରହିଛି। ଟିପୁଙ୍କ ଭାଷାରେ- "ଜିଲ୍ଲାର ପ୍ରତ୍ୟେକ ହିନ୍ଦୁ ଇସଲାମରେ ସମ୍ମାନିତ ହେବା ଉଚିତ୍। ସେମାନଙ୍କୁ ଲୁଚିବା ସ୍ଥାନରୁ ବାହାର କରି ଭଲ କିମ୍ବା ମନ୍ଦ, ଛଳନା କିମ୍ବା ପ୍ରତାରଣା ଯେ କୌଣସି ଉପାୟରେ ବିଶ୍ୱ ଇସଲାମ ଧର୍ମାନ୍ତରଣରେ ସାମିଲ କରାଯିବା ଉଚିତ୍।" ଆଫଗାନିସ୍ଥାନର ଶାସକ ଅହମ୍ମଦ ଶାହ ଅବଦଲିଙ୍କ ନାତି ଯମନ ଶାହଙ୍କ ସହ ଟିପୁଙ୍କ ଚିଠିରେ ଆଦାନ ପ୍ରଦାନ ତୃତୀୟ ମହୀଶୂର ଯୁଦ୍ଧ ୧୭୯୨ ପୂର୍ବରୁ ୧୭୯୮ ପର୍ଯ୍ୟନ୍ତ ଜାରି ରହିଥିଲା। ଏହିସବୁ ଚିଠିପତ୍ରଗୁଡିକ କବିର କାଉଜରଙ୍କ ଦ୍ୱାରା ଅନୂଦିତ ହୋଇ "ହିଷ୍ଟ୍ରି ଅଫ ଟିପୁ ସୁଲତାନ" ପୁସ୍ତକରେ ପ୍ରକାଶ ପାଇଛି। ସେହିସବୁ ଚିଠିଗୁଡିକରୁ ହିନ୍ଦୁମାନଙ୍କ ପ୍ରତି ଟିପୁଙ୍କ ମନରେ ଥିବା ଧାରଣାକୁ ଜାଣିହୁଏ। ପୁସ୍ତକଟିର ପୃ-୧୪୨ରୁ ୧୪୭ ପର୍ଯ୍ୟନ୍ତ ଏହି ଚିଠିଗୁଡିକୁ ସଂକଳିତ କରାଯାଇଛି। ତନ୍ମଧ୍ୟରୁ କେତେକ ପତ୍ର ଏଠାରେ ଉଲ୍ଲେଖ କରାଯାଇପାରେ। "ଜହାଁପନ୍ନାଙ୍କୁ ଜଣାଇବାକୁ ଚାହେଁ ଯେ ମୋର ଧର୍ମଯୁଦ୍ଧ କରିବାକୁ ପ୍ରବଳ ଆଗ୍ରହ ରହିଛି। ଏହି ଦେଶରେ ସେହି ଯୋଜନାର ସଫଳତା ସ୍ୱରୂପ ଆଲ୍ଲା ମୁସଲମାନଙ୍କ ଆଧିପତ୍ୟକୁ ବଳବତ୍ତର କରି ବିଧର୍ମୀମାନଙ୍କ ପକ୍ଷଛେଦନ ପାଇଁ ସହାୟକ ହୋଇଛନ୍ତି।" ସେହିପରି ୭ ଫେବୃଆରୀ ୧୭୯୭ରେ ଯମନଙ୍କ ପାଖକୁ ଟିପୁ ଲେଖିଥିବା ଅନ୍ୟ ଏକ ପତ୍ର ଥିଲା ଏମିତି। "ଏହି...... ପରିସ୍ଥିତିରେ ପାଶ୍ଚାତ୍ୟରୁ ପୂର୍ବଯାଏ ସମସ୍ତେ ଜାଣନ୍ତି ଯେ ଆକାଶର ଆଲ୍ଲା ଏବଂ ପୈଗମ୍ବରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ସମସ୍ତେ ମିଳିମିଶି ଆମ ଧର୍ମର ଶତ୍ରୁଙ୍କ ବିରୁଦ୍ଧରେ ଧର୍ମଯୁଦ୍ଧକୁ ଆଗେଇନେବା ଉଚିତ୍। ଏହି ଅଞ୍ଚଳରେ ରହିଥିବା ଆମ ଧର୍ମବିଶ୍ୱାସୀମାନେ ଶୁକ୍ରବାର ଦିନ ନିର୍ଦ୍ଦିଷ୍ଟ ସମୟରେ ଏକତ୍ରିତ ହୋଇ ପ୍ରାର୍ଥନା କରୁଛନ୍ତି। ହେ ଆଲ୍ଲା ! ପଥରୋଧ କରିଥିବା ଲୋକଙ୍କୁ ହତ୍ୟାକର। ସେମାନଙ୍କ ପାପ ସେମାନଙ୍କ ମୁଣ୍ଡକୁ ଫେରିଆସୁ ଏବଂ ସେମାନଙ୍କୁ ଆବଶ୍ୟକ ଦଣ୍ଡ ପ୍ରଦାନ କର। ମୋର ବିଶ୍ୱାସ ସର୍ବଶକ୍ତିମାନ ଆଲ୍ଲା ତାଙ୍କର ଶ୍ରଦ୍ଧାଳୁଙ୍କ ପ୍ରାର୍ଥନାକୁ ଗ୍ରହଣ କରିବେ ଏବଂ ସେହି ଧାର୍ମିକ କାରଣ ଯୋଗୁ ସେ ଦିଗରେ ଆମ ପାରସ୍ପରିକ ସହଯୋଗକୁ ବଢାଇବେ। ତାଙ୍କ କଥାର ପ୍ରଭାବ ମାଧ୍ୟମରେ ସେନାର ବିଜୟ ହେବ ଯାହାକି ଆମପାଇଁ ବିଜୟ ଆଣିଦେବ।" ଲଣ୍ଡନରେ ଲୁଚିଥିବା କିଙ୍ଗଫିସର କମ୍ପାନୀର ମାଲିକ ବିଜୟମାଲ୍ୟା ଏକଦା କୋଟି କୋଟି ଟଙ୍କାରେ ଟିପୁ ବ୍ୟବହାର କରୁଥିବା ଏକ ତରବାରୀକୁ ବିଦେଶରୁ କ୍ରୟ କରିଥିବା ବିଷୟ ଏକ ସମୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ଲଣ୍ଡନସ୍ଥିତ ବ୍ରିଟିସ ମିଉଜିୟମର ପତ୍ରିକାରେ ଏହି ତରବାରୀ ବିଷୟରେ ପାର୍ଶୀ ଭାଷାରେ ଲିଖିତ ଏକ ଲେଖା ରହିଛି। ସେଥିରେ ଟିପୁ କହିଛନ୍ତି- "ବିଧର୍ମୀମାନଙ୍କୁ ଧ୍ୱଂସ କରିବା ପାଇଁ ମୋ ବିଜୟୀ ମନ ପ୍ରଜ୍ୱଳିତ ହେଉଛି। ହେ ଆଲ୍ଲା ! ବିଧର୍ମୀମାନଙ୍କ ବିରୁଦ୍ଧରେ ଆମକୁ ସାହାଯ୍ୟ କର। ହେ ଆଲ୍ଲା ! ମହମ୍ମଦଙ୍କୁ ବିଶ୍ୱାସ କରୁନଥିବା ଲୋକଙ୍କୁ ବିନାଶକର" (ହିଷ୍ଟ୍ରି ଅଫ୍ ମହୀଶୂର, ସି.ଏଚ.ରାଓ ଖଣ୍ଡ-୩, ପୃ-୧୦୭୩)। ଶ୍ରୀରଙ୍ଗପଟ୍ଟନମ ଦୁର୍ଗରୁ ମିଳିଥିବା ଟିପୁଙ୍କ ଶିଳାଲେଖରେ ଉଲ୍ଲେଖ ରହିଛି ଟିପୁଙ୍କ ପ୍ରାର୍ଥନା- "ହେ ସର୍ବଶକ୍ତିମାନ ଆଲ୍ଲା ! ବିଧର୍ମୀମାନଙ୍କ ସଂପୂର୍ଣ୍ଣ ଶରୀରକୁ ଧ୍ୱଂସକର। ସେମାନଙ୍କ ଜାତିକୁ ଛିନଭିନ୍ କରିଦିଅ। ସେମାନଙ୍କୁ ମୃତ୍ୟୁମୁଖକୁ ପଠାଇଦେବାର ବ୍ୟବସ୍ଥା କର। ସେମାନଙ୍କ ବଞ୍ଚିବାର ସମସ୍ତ ରାହା ବନ୍ଦ କରିଦିଅ। ସେମାନଙ୍କ ଜୀବନକୁ ହ୍ରାସକର। ସେମାନଙ୍କ ଶରୀରକୁ ଦୁର୍ବଳ କର। ଦୃଷ୍ଟିଶକ୍ତି ହ୍ରାସ କରିଦିଅ, ମୁଖମଣ୍ଡଳକୁ କଳା କରିଦିଅ। ସେମାନଙ୍କ କଥା କହିବାର ଶକ୍ତିକୁ ନଷ୍ଟ କରିଦିଅ। ସେମାନଙ୍କୁ ସିଦୋଦପରି ମୃତ୍ୟୁ ଦିଅ, ଫାରୋହ ପରି ପାଣିରେ ବୁଡାଇଦିଅ,ମରଣାନ୍ତକ ଯନ୍ତ୍ରଣା ଭରିଦିଅ।" ଟିପୁ ସୁଲତାନଙ୍କ ସଂପର୍କରେ ଫାର୍ସୀ ଭାଷାରେ ଲିଖିତ ଦୁଇଟି ଆତ୍ମଜୀବନୀ ରହିଛି। ଗୋଟିଏ ହେଲା ସୁଲତାନ-ଉତ୍-ତାୱାରିଖି ଏବଂ ଅନ୍ୟଟି ହେଲା ତାରିଖି-ଇ-ଖୁଦାଦାଦି। ଦୁଇଟି ବହି ମଧ୍ୟରେ ଅନେକ ସମାନତା ରହିଛି। ଏହି ଦୁଇଟିଯାକ ଆତ୍ମଜୀବନୀ ଏବେ ଲଣ୍ଡନର ଇଣ୍ଡିଆ ଅଫିସ ପାଠାଗାରଠାରେ ରଖାଯାଇଛି (ନଂ ୫୨୧, ୨୯୯)। ଏହି ଦୁଇଟିଯାକ ଆତ୍ମଜୀବନୀରେ ଟିପୁ ହିନ୍ଦୁମାନଙ୍କୁ ଦେଇଥିବା ଅକଥନୀୟ ଅତ୍ୟାଚାର ସଂପର୍କରେ ବର୍ଣ୍ଣନା ରହିଛି। ଟିପୁଙ୍କୁ ଜଣେ ଧର୍ମନିରପେକ୍ଷ ବ୍ୟକ୍ତିଭାବେ ବର୍ଣ୍ଣନା କରାଯିବାକୁ ଉଦ୍ୟମ କରାଯିବା ସତ୍ତ୍ୱେ "ହିଷ୍ଟ୍ରି ଅଫ୍ ଟିପୁ ସୁଲତାନ" ପୃ-୩୫୭ରେ ଲେଖକ ମହିବୁଲ ହସନ ବାଧ୍ୟ ହୋଇ ସ୍ୱୀକାର କରିଛନ୍ତି ଯେ- "ତାରିଖର ଅଧ୍ୟୟନରୁ ଟିପୁଙ୍କ ସମ୍ପର୍କରେ ଯାହା ଜଣାଯାଏ ସେ ଥିଲେ ଜଣେ ଧର୍ମୋନ୍ମାଦ ବ୍ୟକ୍ତି, ଯିଏକି ଅଣମୁସଲମାନଙ୍କ ହତ୍ୟା, ଇସଲାମରେ ସେମାନଙ୍କୁ ଧର୍ମାନ୍ତରିତ କରିବାପରି କାର୍ଯ୍ୟ କରୁଥିଲେ।" ଟିପୁଙ୍କ ଶାସନକାଳରେ ପର୍ତ୍ତୁଗୀଜ ପରିବ୍ରାଜକ ଫ୍ରା ବାର୍ତ୍ତୋଲୋମାକୋ ଭାରତ ପରିଦର୍ଶନରେ ଆସିଥିଲେ। ଖ୍ରୀ ୧୭୯୦ରେ ଦକ୍ଷିଣ ଭାରତର ମାଲାବାରଠାରେ ଟିପୁଙ୍କ ଦ୍ୱାରା ହିନ୍ଦୁ ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଅତ୍ୟାଚାର ସ୍ୱଚକ୍ଷୁରେ ଦେଖି ସେ ତାଙ୍କ ପୁସ୍ତକ "ଭଏଜ୍ ଟୁ ଇଷ୍ଟ ଇଣ୍ଡିଜ"ରେ ଉଲ୍ଲେଖ କରିଛନ୍ତି। ଏହି ପୁସ୍ତକର ପୃ-୧୪୧-୪୨ରେ ରହିଛି "କାଲିକଟର ଅଧିକାଂଶ ମହିଳା ଓ ପୁରୁଷଙ୍କୁ ଫାସୀ ଦିଆଯାଇଥିଲା। ପ୍ରଥମେ ମାଆମାନଙ୍କ ବେକରେ ସେମାନଙ୍କ ପିଲାମାନଙ୍କୁ ବାନ୍ଧିଦେଇ ଫାସୀ ଦିଆଯାଇଥିଲା। ସେହି ବର୍ବର ଟିପୁ ସୁଲତାନ ପୋଷାକ ପରିଚ୍ଛଦବିହୀନ ଖ୍ରୀଷ୍ଟିଆନ ଏବଂ ହିନ୍ଦୁମାନଙ୍କୁ ହାତୀର ଗୋଡରେ ବାନ୍ଧି ହାତୀକୁ ବୁଲିବାଲାଗି ଛାଡି ଦେଉଥିଲେ। ଅସହାୟମାନଙ୍କ ଶରୀର ଖଣ୍ଡଖଣ୍ଡ ହୋଇ ନଷ୍ଟ ହେବାଯାଏ ହାତୀକୁ ବୁଲିବାକୁ ଦିଆଯାଉଥିଲା। ମନ୍ଦିର ଓ ଗୀର୍ଜାଗୁଡିକୁ ପୋଡି ଦେବାଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଟିପୁଙ୍କ ସେନାବାହିନୀ ଦ୍ୱାରା ନିର୍ଯ୍ୟାତିତ କେତେକ ବ୍ୟକ୍ତି ସୌଭାଗ୍ୟକ୍ରମେ ଖସିଯାଇ ଭାରାପୁଝାଠାରେ ପହଞ୍ଚିଥିଲେ। ମୁଁ ବ୍ୟକ୍ତିଗତ ଭାବେ କେତେକଙ୍କୁ ଡଙ୍ଗାରେ ଭାରାପୁଝାଠାରେ ପାରିହେବାକୁ ସାହାଯ୍ୟ କରିଥିଲି।" ସରକାରଙ୍କ ଦ୍ୱାରା ପ୍ରକାଶିତ ମହୀଶୂର ଗେଜେଟିଅରରୁ ଜଣାଯାଏ ଯେ ଦକ୍ଷିଣ ଭାରତରେ ଟିପୁ ପ୍ରାୟ ୮୦୦ ହିନ୍ଦୁ ମନ୍ଦିର ଧ୍ୱଂସ କରିଥିଲେ। କେ.ପି ପଦ୍ମନାଭ ମେନନଙ୍କ "କୋଚିନର ଇତିହାସ" ଏବଂ ଶ୍ରୀଧର ମେନନଙ୍କ "କେରଳର ଇତିହାସ"ରେ ଏହାର ପ୍ରମାଣ ରହିଛି। ଚିଙ୍ଗମ ମାସ ୯୫୨ରେ (ଅଗଷ୍ଟ -୧୭୮୬) ଟିପୁଙ୍କ ସେନା ପ୍ରସିଦ୍ଧ ପେରୁମାନମ୍ ମନ୍ଦିରର ପ୍ରତିମୂର୍ତ୍ତିକୁ ଧ୍ୱଂସ କରିବା ସହ ତ୍ରିଚୁର ଏବଂ କାରୁଭାନୁର ନଦୀ ମଧ୍ୟରେ ରହିଥିବା ସମସ୍ତ ମନ୍ଦିରକୁ ଧ୍ୱଂସ କରିଥିଲେ। ଟିପୁଙ୍କ ସେନା ଦ୍ୱାରା ଇରିଞ୍ଜାଲକୁଡା ଏବଂ ଥିରୁଭାନଚିକୁଲାମ୍ ମନ୍ଦିର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଯେଉଁସବୁ ମନ୍ଦିର ଧ୍ୱଂସ କିମ୍ବା ଲୁଟର ଶିକାର ହୋଇଥିଲେ ସେଗୁଡିକ ମଧ୍ୟରୁ କେତେକ ହେଲା -ତ୍ରିପ୍ରାନଗୋଟ, ତ୍ରିଚେମ୍ବରମ୍, ଥିରୁନାଭୟ, ଥିରୁଭାନୁର, କାଲିକଟଥାଲି, ହେମମ୍ବିକା ମନ୍ଦିର, ପାଲାଘାଟର ଜୈନ ମନ୍ଦିର, ପାମିୟୁର, ପରମାବତଲି, ଥିରୁଭଞ୍ଜୀକୁଲମ୍, ଭଡାକ୍ଖୁମନଥାନନ୍ ମନ୍ଦିର (ତ୍ରିଚୁର), ବେଲ୍ଲୁରର ଶିବ ମନ୍ଦିର। ଟିପୁ ସୁଲତାନଙ୍କ ବ୍ୟକ୍ତିଗତ ଡାଏରୀରୁ ଜଣାଯାଏ ଯେ ଚିରାକ୍କଲର ରାଜା ଟିପୁଙ୍କ ସେନାର ଧ୍ୱଂସଲୀଳାରୁ ମନ୍ଦିରଗୁଡିକୁ ରକ୍ଷାକରିବା ଲାଗି ଟିପୁଙ୍କୁ ୪୦୦୦୦୦ ମୂଲ୍ୟର ସୁନା ଓ ରୁପା ଆଦି ଦେବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ଉତ୍ତରରେ ଟିପୁ ତାଙ୍କୁ କହିଥିଲେ "ମୋତେ ସାରା ପୃଥିବୀକୁ ଦେଲେ ମଧ୍ୟ ମୁଁ ହିନ୍ଦୁ ମନ୍ଦିର ଧ୍ୱଂସରୁ କ୍ଷାନ୍ତ ହେବିନାହିଁ।" (କେରଳରେ ସ୍ୱାଧୀନତା ସଂଗ୍ରାମ- କେ.ଏମ.ପାନିକର) ଟିପୁ ସୁଲତାନଙ୍କ କେରଳ ଅଧିକାର ବିଷୟରେ ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି ଗେଜେଟିଅର ଅଫ୍ କେରଳର ସମ୍ପାଦକ ଶ୍ରୀଧର ମେନନ। "ହିନ୍ଦୁମାନେ ବିଶେଷ କରି ନାୟାରମାନେ ଇସଲାମିକ ଆକ୍ରମଣକାରୀଙ୍କୁ ପ୍ରତିରୋଧ କରିବାକୁଯାଇ ଟିପୁଙ୍କ କ୍ରୋଧର ଶିକାର ହୋଇଥିଲେ। ଲକ୍ଷଲକ୍ଷ ମହିଳା ଓ ଶିଶୁଙ୍କୁ ଅପହରଣ କରାଯାଇ ଶ୍ରୀରଙ୍ଗ ପଟ୍ଟନମ୍ ଦୁର୍ଗକୁ ନିଆଯାଇ ସେଠାରେ ପର୍ତ୍ତୁଗୀଜମାନଙ୍କ ହାତରେ ବିକ୍ରି କରି ଦିଆଯାଇଥିଲା। ହଜାର ହଜାର କ୍ଷତ୍ରୀୟ ଏବଂ ବ୍ରାହ୍ମଣଙ୍କ ପରି ହିନ୍ଦୁମାନଙ୍କ ସମ୍ମାନିତ ବର୍ଗର ଲୋକଙ୍କୁ ବଳପୂର୍ବକ ସେମାନଙ୍କ ଘରୁ ବାହାର କରିନେଇ ଇସଲାମକୁ ଧର୍ମାନ୍ତରିତ କରାଯାଇଥିଲା।"ଉପରୋକ୍ତ ଐତିହାସିକ ତଥ୍ୟ ଓ ସତ୍ୟକୁ ପାଠ କରିବା ପରେ ଟିପୁ ଯେ ଧର୍ମନିରପେକ୍ଷ, ପ୍ରଜାନୁରଞ୍ଜକ, ସଂସ୍କୃତିପ୍ରିୟ ରାଜା ଥିଲେ ବୋଲି ଆଦୌ କୁହାଯାଇପାରିବ ନାହିଁ। ଏସବୁର ବିଚାର କର୍ଣ୍ଣାଟକର ସରକାର କରିବା ଆବଶ୍ୟକ। ଏପରି ଜଣେ ବ୍ୟକ୍ତିଙ୍କୁ ସାରା ଦେଶ ସମ୍ମୁଖରେ ମହାନ କରି ପ୍ରଦର୍ଶନ କରିବାର ଅର୍ଥ ସୂର୍ଯ୍ୟଙ୍କୁ ଲଣ୍ଠନ ପ୍ରଦର୍ଶନ ପରି ହେବ।

*ଭାରତୀୟ ସମ୍ବାଦ ସେବା(ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୭୦୦୮୩୪୦୩୮୯



ଉପନ୍ୟାସ
ଭାଗ-୫

# ଥମୁହାଁ ଦେଉଳ

ଡ. ମୌସୁମୀ ପରିଡ଼ା

**ବି** ପ୍ରାକ୍ଟିକାଲ୍ ୟାର୍..। ଏସବୁ ଫାଲତୁ କଥା। ଆମେ ଏଜୁକେଟେଡ୍ ହୋଇ ଯଦି ଏମିତି ଚିନ୍ତା କରିବା, ତେବେ ଅଳ୍ପ ଏଜୁକେଟେଡ୍‌ଙ୍କଠୁ କଣ ଆଶା କରିବା! ଯଦି ୟା'ଠାରୁ ଆଉ ଦଶାଟି ବଳିପଡେ ତେବେ ସିଧା ହାଜତକୁ ଟିକେଟ୍ କଟା ହୋଇଯିବ ମାଇଁ ଡିଅର୍। ଚୁପ୍‌ଚାପ୍ ବସ୍ ଓ ଚାଲ୍। ଦିନଟା ବରବାଦ୍ କରନା ପ୍ଲିଜ୍।

ନୋ'ନୋ'। ନଟ୍ ଆଟ୍ ଅଲ୍। ଏ ଶେଷ ଲୋକ ଯାହାଠୁ ସାହାଯ୍ୟ ଲୋଡିବି ମୁଁ। ତେବେ ଏ ହାଜତ୍ ଫାଜତ୍ କଥା କାଇଁକି? ତନ୍ଦ୍ରା ଘୃଣାରେ ନାକ ଟେକି ପଚାରିଲା।

ସେକଥା ଛାଡ। ପଛରେ କହିବି। ଆଜି ଯୋଗକୁ କିଛି ବି ଅପ୍ସନ୍ ନାହିଁ। ତୁ ଏଣେତେଣୁ ବାହାନା ବନାନା ପ୍ଲିଜ୍। ବିରକ୍ତ ହେଲା ରେଣୁକା।

ଓଃ..ଦୁର୍ଭାଗ୍ୟକୁ ଖୁବ୍ ଯୋର୍‌ରେ..ଓ୍ୱାନ୍ ଲାଗିଲାଣି ଯେ ସଂଭାଳି ହେଉନି। ତା ସାଙ୍ଗକୁ ଏ ଟାଇଟ୍ ଜିନ୍ ପ୍ୟାଂଟ୍..! ବାଧ୍ୟହୋଇ ତନ୍ଦ୍ରା ଆସ୍ତେ କରି କହିଲା-ଓ.କେ। ଚାଲ୍ ତେବେ। ମଣିଷ ଯୋଉ ବିରକ୍ତିକର ପିଲାର ମୁହଁ ସକାଳୁ ସକାଳୁ ଚାହଁଥିଲା ସେ ଆଜି ଦୁର୍ଭାଗ୍ୟକୁ ଜୁଟିଲା ସାହାଯ୍ୟ କରିବାକୁ। ପିଲାଟା ପାଖରେ ପହଂଚି କୃତ୍ୟକୃତ୍ୟ ହୋଇ ଯାଉଥିଲା ବୋଧେ। ହଅ,ହବନି କିପରି..ପ୍ରଫେସର୍ ତୁହିନାଂଶୁ ଶେଖର ସ୍ୱାଇଁଙ୍କ ଏକମାତ୍ର ଝିଅକୁ ସେ ସାହାଯ୍ୟ କଲେ ତା ଶେଷ ପରୀକ୍ଷାରେ ଅଶେଷ ସାହାଯ୍ୟ ମିଳିବ! ଏମିତିରେ ତ ସମସ୍ତେ ତାକୁ ସମସ୍ତେ ବାଟ ଛାଡି ଦିଅନ୍ତି ସ୍ୱାଇଁ ସାର୍‌ଙ୍କ ପାଇଁ। ରେଣୁକା କାଳବିଳମ୍ବ ନକରି ତା ପଛରେ ବସି ତନ୍ଦ୍ରାକୁ ବସିବାକୁ ଇଙ୍ଗିତ ଦେଇ ନିର୍ଦ୍ଦିଷ୍ଟ ଯାଗାକୁ ନେଇଯିବାକୁ ଆଦେଶ ଦେଲା ଚମ୍ପୁକୁ। ସେ କିନ୍ତୁ ଅମଙ୍ଗ ହେଉଥିଲା।

କହୁଥିଲା-ନାଇଁ ଏମର୍ଜେନ୍ସି ଅଛି। ସେପଟକୁ ଯାଇ ହେବନି। ମୋର ଅନ୍ୟତ୍ର ଯିବାକୁ ଅଛି। ପ୍ଲିଜ୍ ଆଉ କାହାକୁ ହେଲ୍ପ ମାଗନ୍ତୁ।

ବିଚିତ୍ର ପିଲା ହୋ ତୁମେ! ଆମ ଓଡିଆ ଜାତିଭାଇ ହୋଇ ସାହାଯ୍ୟ କରିବାକୁ ମନା କରୁଛ! ତା ବି ଏ ଅପରିଚିତ ଯାଗାରେ? ଓଡିଆ ନାରୀ ଦୁଇଜଣ ଏ ବାଙ୍ଗାଲୋର୍ ଭଳି ସହରରେ ଅସହାୟା ହୋଇ ଛିଡା ହେଲେଣି ଘଂଟାଏ ଧରି। ହେଲେ କୌଣସି ଗାଡି ପାଉନାହାନ୍ତି। ଆଉ ତୁମେ କହୁଚ କଣ ନା ଅଲଗା କାମ ଅଛି! ହାଓ ରୁଡ୍ ୟୁ ଆର୍! ଜାତିପ୍ରୀତିର ଘୋର୍ ଅଭାବ ତୁମର। ରେଣୁକା କହିଲା।

ସରି..ମୁଁ ଜଣେ ଖାଂଟି ଓଡିଆ ନିଶ୍ଚୟ। ଆଉ ବି ଜାଣେ ତୁମେ ଦୁଇଜଣ ବି ଜନ୍ମରୁ ଏଇ ପାଣିପାଗରେ ବଢିଥିଲେ ବି ଖାଂଟି ଓଡିଆଣୀ! ମୁଁ ତ ଏଥିରୁ ଉତ୍ସାହିତ ହୁଏ। ଗର୍ବ ଲାଗେ ଓଡିଆ ଲୋକ ହୋଇଥିବାରୁ। ଏଠି କିଛି ଓଡିଆ ହିନ୍ଦୀ ଓ ଇଂରାଜୀକୁ ଆଦରି ନେଇଥିବାବେଳେ ତୁମ ପରି କିଛି କ୍ୟାମ୍ପସ୍ ଝିଅ ଦେଶୀ ଓଡିଆ କୁହନ୍ତି। ବେଶପୋଷାକରେ କଣ ଅଛି! ହୃଦୟ ତ ଓଡିଆ! ଏ କଣ କମ୍ ବଡ କଥା କି? ତା କଥାରେ ଗୋଟେ ସମ୍ମୋହନ ଥିଲା ଯେ ସବୁବେଳେ ବଡବଡ ହେଉଥିବା ସ୍ମାର୍ଟ ରେଣୁକା ଏକବାରେ ନୀରବିଗଲା ଓ ଅନ୍ୟ ଉପରେ ଟୀକା ଟୀପ୍ପଣୀ ଦେଇ ନାକ ଟେକୁଥିବା ତନ୍ଦ୍ରା ବି ତାଟକା ହୋଇଗଲା। ସତରେ ଏ ଚମ୍ପୁର ଗୋଟେ ଦମ୍ ଅଛି ନିଶ୍ଚୟ!

ତଥାପି ମୋର ଖୁବ୍ ଜରୁରୀ କାମ ଅଛି। ସେ କିଛି ସମୟ ଅଟକିଯାଇ କହିଲା।

ହଠାତ୍ ତା କଥାରୁ ଛିଟିକି ପଡି ରେଣୁକା ଜିଦ୍ କଲା-ଥାଉ ତୁମ ଜରୁରୀ କାମ। ବର୍ତ୍ତମାନ ଆମକୁ ନେଇ ଠିକଣା ଯାଗାରେ ପହଂଚାଇ ଦିଅ। ଚାଲ..ଆଉ ଡେରି କରନି। ବସି ସାରି କଣ ତୁମ ବାଇକ୍‌ରୁ ଓହ୍ଲାଇ ଯିବାଟା ଠିକ୍ ହେବ! ଲୋକେ କଣ ଭାବିବେ! ମାନବିକତା ତ ନିଶ୍ଚୟ ଥିବ ତୁମର। ଏତେ ସୁନ୍ଦର କଥା କହିପାରୁଛ ଯେ!

ହେଲେ..ସେପଟେ..ଏତିକି କହି ପିଲାଟା ରହିଗଲା।

ବୁଝିଲ..ଚମ୍ପୁ..ମାନେ ତୁମ ନାଁ ଯାହା ହେଉ..ଯେତିକି କଥା କହିଲଣି..ସେ ସମୟରେ ଷାଠିଏ ପ୍ରତିଶତ ବାଟ ଆମେ କଭର୍ କରିସାରନ୍ତେଣି! ସମୟର ମୂଲ୍ୟ ଜାଣନି? କେହି କହିନାହାନ୍ତି କି ତୁମକୁ? ବ୍ୟଙ୍ଗଭରା ସ୍ୱରରେ କହିଲା ତନ୍ଦ୍ରା। ପିଲାଟି ଆଉ କିଛି ନକହି ଚାଲିଲା ଆଗକୁ। ସେ ଜାଣି ସାରିଥିଲା..ଅକ୍ଟୋପସ୍ କବଳରୁ ଆଜି ମୁକ୍ତି ନାହିଁ ଆଜି। ଯାହା କହିଲେ ବି ବୃଥା। ତେଣୁ କାମଟା କରିଦେବା ଭଲ। ହଲ୍‌ରେ ପହଂଚିବା ବେଳକୁ ଦଶ ମିନିଟ୍ ଲେଟ୍। ତଥାପି ଅସୁବିଧା ନଥିଲା।

ପିଲାଟା ବାଇକ୍ ବୁଲାଇ ଏତେ ଯୋରରେ ଧାଇଁଲା ଆଗକୁ ସତେଯେପରି ଡାହାଣୀ କି ପିତାଶୁଣୀଙ୍କ କବଳରୁ ଉଦ୍ଧାର ପାଇଯାଇଛି! ଦୁହେଁ ଥାଙ୍କ୍ସ କହିବାକୁ ବି ସୁଯୋଗ ପାଇଲେନି। ଚିଡି ଉଠି ତନ୍ଦ୍ରା କହୁଥିଲା ଦେଖିଲୁ ଟୋକାଟାର କି ଆଟିଚ୍ୟୁଡ୍..! କିଛି କମ୍ ନୁହଁ। ବଟ୍..ସେଇ ଚମ୍ପୁରେ ହିଁ ରହିଗଲା ବିଚରା।

ରେଣୁକା ଭାବୁଥିଲା-କିନ୍ତୁ ସେ ଜିନିୟସ୍। କେବେ ବି ସେ ଦୁହିଁଙ୍କ ସହିତ ନ ମିଶି ସେ ସେମାନଙ୍କୁ ଏତେ ସୁନ୍ଦର ଭାବେ ଷ୍ଟଡି କରିପାରିଛି ଏ କଣ କମ୍ ଆତ୍ମସନ୍ତୋଷର କଥା! ତା ନ ହୋଇଥିଲେ ସ୍ୱାଇଁ ସାର୍ ତାକୁ ଏତେଟା ଲାଇକ୍ କରୁନଥାନ୍ତେ। ଓଡିଆ ପିଲା ଭାବେ ନୁହଁ ତା ସିନ୍‌ସିଅରିଟି ଓ ଇଂଟେଲିଜେନ୍ସି ପାଇଁ ତାକୁ ଖୁବ୍ ଲାଇକ୍ କରନ୍ତି।

ଓ ମ୍ୟାଡାମ୍..ପାଖକୁ ଆସି ଏମିତି ଧିମେଇ ଗଲୁ ଯେ! ତରବର ହେଉଥିବା ତନ୍ଦ୍ରା ପଛକୁ ଚାହିଁ ରେଣୁକା ଉଦ୍ଦେଶ୍ୟରେ କହିଲା।

ଅନ୍ୟମନସ୍କତାରୁ ଫେରିଆସିଲା ରେଣୁକା। କେବେକେବେ ଛୋଟ ଛୋଟ କଥା ମନକୁ ଖୁବ୍ ଛୁଇଁଯାଏ। ଅଣଦେଖା କରୁଥିବା ଲୋକଟି ବି ବେଳେବେଳେ ଖୁବ୍ ସ୍ପେଶାଲ୍ ମନେହୁଏ।

(କ୍ରମଶଃ...)

## ---------ବିଶେଷ କବିତା---------

# ପଥଚାରୀର ଗୀତ



ଯୋଗେନ୍ଦ୍ର କୁମାର ନାୟକ

**ବା**ଟ ଚାଲିବାର ନିଶା
ବନେଇ ଦେଇଛି
ବନ୍ଧୁକ ଧରି ସୈନିକ
ଯିଏ କେବେ ବି
ହାର୍ ମାନିବା ଶିଖିନି।

ଜୀବନ ଜିଇଁବାର କଳା
ହାର୍ ଜିତ୍‌ର ବାଜି
ଲକ୍ଷ୍ୟ ଅଲକ୍ଷ୍ୟର
କାଉଁରୀ ନଈରେ
ପହଁରୁ ଥାଏ ମାଛ ହେଇ
ନିଃଶ୍ୱାସ ସରି ଆସିବା ଯାଏ।

ଯେଉଁ ନଦୀର ଢେଉ
ଆତ୍ମାର ସ୍ରୋତ ହୋଇ ବହେ
ମହାକାଳର ସାଗର ଗର୍ଭକୁ
ଲହରୀ ଲହରୀ ମାୟାରେ ତାର
ଅସୁମାରୀ ଜାହାଜଙ୍କ ଭେଳା।

ନଈ ପାରି ହେବା
ସାଗର ପହଁରି ଦୀଗ୍‌ବଳୟ ଛୁଇଁବା
ଅସୀମ ଆକାଶରେ ବିଲୀନ ହେବା
ତ ସମୟ ସମୟର କଥା
ମିଳେଇ ଯାଉଥାଏ କାହିଁ
ଜନ୍ମ ଜନ୍ମର ବ୍ୟଥା।

ଆଗାମୀ ଦିନ ପାଇଁ
ଝୁଲୁଥିବ ସ୍ମୃତିର ଫଳକଟିଏ
ପଥର ପାଲଟୁଥିବା ଛାତିରେ
ଅତି ପ୍ରିୟ ମୁହୂର୍ତ୍ତ ମାନଙ୍କୁ
ହରେଇଥିବା ଦୁଃଖରେ
ଲେଖାଥିବ ଗୀତଟିଏ ସାତଜନ୍ମର।

ତେବେ ବି ପଥଚାରୀର ଭେଳା
କେବେ ବି ଦେଖା ଦେଇନି
ଭାରୀ ହେଇ ବୁଡ଼ି ଯିବାର
ଯିଏ ହାରି ହାରି ଜିଇଁବା ଶିଖିଛି।


ସେ ହାରି ଯିବାର
ନିଆରା ନାଆଁ ଜୀବନ
ଜିତିବାର ଅନ୍ୟନାମ ମରଣ।



ପ୍ଲଟ୍ ନଂ ୩୬୯/୫
ବ୍ରହ୍ମେଶ୍ୱର କଲୋନୀ, ଗଡ ଗୋପୀନାଥ ପ୍ରସାଦ,
ଭୁବନେଶ୍ୱର-୨୫
ମୋ - ୯୪୩୭୩୦୧୫୨୭

# ମୃତ୍ୟୁର ବା କ'ଣ ଅଛି...?

ସୁଧାଂଶୁ ଦ୍ୱିବେଦୀ



'ମୃତ୍ୟୁର ବା କ'ଣ ଅଛି? ସନ୍ତର୍ପଣରେ ଲିଭାଇ ଦେଇପାରେ ଖୁବ୍ ଜୋରରେ ଜଳୁଥିବା ପ୍ରଚଣ୍ଡ ଆଲୋକ କିବା ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଦୀପ!'

ହଠାତ୍ ସେ ଚାଲିଗଲେ। ସେ ଚାଲିଯିବାଟା ଯେତେ ଜରୁରୀ ନଥିଲା, ବଞ୍ଚି ରହିବାଟା ସେତେ ପରିମାଣର ଅପରାଧବୋଧ ଥିଲା ତାଙ୍କ ପାଇଁ। କ'ଣ ପାଇଁ ବଞ୍ଚି ରହିଥାନ୍ତେ? କାହାପାଇଁ ବଞ୍ଚିଥାନ୍ତେ? ବଞ୍ଚିବା ପାଇଁ ମନ ଭିତରେ ଅନେକ ମାୟା ମୋହ ଥିଲେ ବି ସେ ଆଉ ବଞ୍ଚିପାରିଲେନି। ସ୍ୱୟଂ ଭଗବାନ୍ ଯେଉଁ ନିୟତୀର ନିର୍ଦ୍ଦେଶରେ ପରିଚାଳିତ। ସେଠି ତାଙ୍କର ବା ସତ୍ତା କ'ଣ ଅଛି?

ଜୀବନର ଅନେକ ଅସଜଡା ରାସ୍ତା ଅତିକ୍ରମ କରିବାକୁ ପଡିଥିଲା ତାଙ୍କୁ। ଜୀବନ ମାନେହିଁ ତ ଜଞ୍ଜାଳ। ଜଞ୍ଜାଳମୟ ଜୀବନରେ ଅସଜଡା ରାସ୍ତାକୁ ସଜାଡୁ ସଜାଡୁ ବହୁତ ଥକି ପଡିଥିଲେ ସେ।

କୈଳାଶ ବାବୁ ଓ ଆତ୍ମାରାମ ବାବୁ ପିଲାଟି ଦିନୁ ଅନ୍ତରଙ୍ଗ ବନ୍ଧୁ। କେବଳ ବନ୍ଧୁ ଶବ୍ଦରେ ସମାହୀତ ନୁହନ୍ତି। ଗୋଟିଏ ମା'ର ଦୁଇପୁଅ ପରି ବାଲିଖେଳରୁ ଯୌବନଯାଏ କାର୍ଯ୍ୟକ୍ରମର ସମଭାଗୀ ଥିଲେ ଦୁହେଁ। ଏଭଳି ନିବିଡତାକୁ ଅନେକେ ଇର୍ଷା କରନ୍ତି ପରୋକ୍ଷରେ। କାରଣ ବ୍ରହ୍ମା ଦେଇଥିବା ଭଲ ଓ ଖରାପ ଥଳି ଓଲଟପାଲଟ ହୋଇଯିବା ପରି ମଣିଷଟା ଭଲ ଥଳିକୁ ପିଠିରେ ଲଦି ପରର ଇର୍ଷା ଭର୍ତ୍ତିଥିବା ଥଳିକୁ ପେଟପଟରେ ଝୁଲାଇ ବାରମ୍ବାର ତାକୁ ଦେଖୁଥିଲା। ସେଥିପାଇଁ ସେ ପରର ପ୍ରାରବ୍ଧକୁ ଦେଖିଲେ ଇର୍ଷାରେ ଜଳିଥାଏ। ତଥାପି ହାତୀଚାଲେ ବଜାରେ କୁଆ ଭୁକେ ହଜାରେ। ଦୁହେଁ କାହାରି ଇର୍ଷା, ଦ୍ୱେଷ, ଚକ୍ରାନ୍ତରେ ଝୁଣ୍ଟି ପଡନ୍ତିନି।

କୈଳାଶବାବୁଙ୍କ ବାପା ହିନ୍ଦ୍‌ମଟର କମ୍ପାନୀରେ ମ୍ୟାନେଜର। ଭଲ ଦରମା, ଆଖପାଖ ଅଞ୍ଚଳର ଲୋକେ ତାଙ୍କୁ ବେଶ୍ ଖାତିର କରନ୍ତି। (ଯେଉଁ ହିନ୍ଦ୍‌ମଟର କମ୍ପାନୀ ଆମ୍ବାସଡର କାର ପ୍ରଥମେ ବାହାର କରିଥିଲା)। ବାପାଙ୍କର ଆଜ୍ଞାଧୀନ ପୁଅଭାବେ କୈଳାଶବାବୁ ଭଲ ସ୍କୁଲ, ବଡ କଲେଜରେ ପାଠ ପଢ଼ି ଜ୍ଞାନୀଜନରେ ପରିଚିତ ହେଲେ।

ପାଠପଢ଼ା ସରିବା ପରେ ଦୁଇବନ୍ଧୁ ମିଶି ଗୋଟେ ଆଇରନ୍ ଫେକ୍ଟରୀ କଲେ। ଅନେକ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାରେ ଫେକ୍ଟରୀ ଉନ୍ନତ କଲା। ଧିରେଧିରେ ଦୁହେଁ ସଂସାରର ବିତ୍ତଶାଳୀମାନଙ୍କ ମଧ୍ୟରେ ସମାସ୍କନ୍ଧ ହେଲେ। କୈଳାଶବାବୁ ବାହାର ଦାୟିତ୍ୱ ବୁଝନ୍ତି। କୋଉ ସେଟ୍‌କୁ ମାଲ୍ ସପ୍ଲାଇ ହେବ, କେମିତି ହେବ, କୋଉଥିରେ ହେବ ଏମିତି ଅନେକ। ଆତ୍ମାରାମବାବୁ ଫେକ୍ଟରୀର ହାନିଲାଭ, ମୂଳ-ମଜୁରୀ ବିଷୟରେ ତଦାରଖ କରନ୍ତି।

ଏଇମିତି ଅନେକ ଦିନ ଗଡିଚାଲିଲା ଦୁହିଁଙ୍କ ବନ୍ଧୁତ୍ୱର ସମିଶ୍ରଣ ତେଲ ଲୁଣର ସଂସାର। ଆୟବ୍ୟୟର ଅଟକଳ, ଘର-ପରିବାରର ଭରଣ ପୋଷଣରେ ଦୁହେଁ ଅନ୍ୟମାନଙ୍କ ସମାସ୍କନ୍ଧରେ କାନ୍ଧ ମିଶାଇଲେ। ସତକୁ ସତ ଦୁହିଁଙ୍କ କାନ୍ଧ ଅନ୍ୟ ଶିଳ୍ପପତିଙ୍କ କାନ୍ଧ ସହ ସମକକ୍ଷ ହୋଇଗଲା। ସମାନ୍ତରାଳରେ ଗଡିଚାଲିଲା ଦୁହିଁଙ୍କ ଜୀବନର ଗାଡି ଆଗକୁ ଆଗକୁ।

ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପୂର୍ବରୁ ଗାଡିର ଚକ ଫାଟିଗଲା। ଅଧାରାସ୍ତାରେ ଅଟକି ରହିଲେ ଦୁହେଁ। ସେଥିପାଇଁ ବେଶୀ ପରିମାଣରେ କୈଳାସବାବୁ ମର୍ମାହତ ହୋଇପଡିଲେ। ଯାହାକୁ ସେ ଅନ୍ତରଙ୍ଗ ବନ୍ଧୁ ବୋଲି ଭାବିଥିଲେ, ଯାହାସହ ବାଲିଖେଳରୁ ବାଟ ଚଲାଯାଏ ସବୁ କରିଥିଲେ। ସେ ଯେ ତାଙ୍କ ବିଶ୍ୱାସଘାତକ କରିବ ସେ କେବେ କଳ୍ପନା କରିନଥିଲେ!

ନିଜ ବିଶ୍ୱାସର ବିଷ ନିଜକୁହିଁ ପିଇବାକୁ ହୁଏ। ଉପାୟ ନାହିଁ। ନିଜର ଭାବି ଫେକ୍ଟରୀର ସବୁ ଦାୟିତ୍ୱ ଆତ୍ମାରାମଙ୍କ ଉପରେ ସମର୍ପି ଦେଇଥିଲେ ସେ। ଆତ୍ମାରାମ କ'ଣ କଲେ? ଫେକ୍ଟରୀକୁ ନିଜ ନାଁରେ କରିନେଇ କୈଳାସବାବୁଙ୍କୁ ଦାଣ୍ଡର ଭିକାରି ସଜେଇ ଦେଲେ। ଧନର ମୋହ ଖୁବ୍ ବଡ ମୋହ। ସେ ମୋହରେ ଥରେ ଯିଏ ପଡିଛି ସେ ହତ୍ୟା କରିବାକୁ ପଛେଇଯାଇନି। ଡାହାଣ ହାତ ଯେତେବେଳେ ବାମ ହାତକୁ ବିଶ୍ୱାସ କରୁନି, ସେଠି ଏତେଟା ସିଧାସାଧାଭାବେ ନିଜର ସବୁ କିଛି ସମର୍ପିଦେବା ଅନୁଚିତ ଥିଲା କୈଳାସ ବାବୁଙ୍କର। ହେଲେ ସେ ନିରୁପାୟ। ସନ୍ଥ ଗାଈର ବାଛୁରୀ ମରେ। ଏ ଦୁନିଆରେ ସରଳ, ନିଷ୍କପଟ, ନିରାଡମ୍ବର ହେଲେ ପଛରୁ କିଏ ଚୂଳ କାଟିନେବ ଜାଣିହେବନି।

ସେହି ସରଳତାର ସୁଯୋଗ ନେଇ, ସେହି ନିଷ୍କପଟତାର ଫାଇଦା ଉଠେଇଛନ୍ତି ଆତ୍ମାରାମ ବାବୁ। ବନ୍ଧୁ ନାମରେ କଳଙ୍କ ବୋଲିଛନ୍ତି। କୈଳାସ ବାବୁଙ୍କ ସାରାଜୀବନର ପରିଶ୍ରମକୁ ଠକି ଦେଇଛନ୍ତି ସାମାନ୍ୟ କିଛି ଧନ ଲୋଭରେ।

ଏତେବଡ ଦୁର୍ଘଟଣା ପରେ କୈଳାସବାବୁଙ୍କୁ ଖୁବ୍ ଜୋର ଝଟକା ଲାଗିଲା। ନିଜ ପରିବାର, ଫେକ୍ଟରୀ, ବନ୍ଧୁ ପରିଜନ ସମସ୍ତଙ୍କଠାରୁ ସେ ପୁଣି ଜଣେ କପର୍ଦ୍ଦକଶୂନ୍ୟ ହୋଇଗଲେ। ଭାବନାତ୍ମକ ପ୍ରତିକ୍ରିୟାରେ ଧିରେଧିରେ ଅବସାଦର ଅସୁର ତାଙ୍କୁ ମାଡିବସିଲା। ଗୋଟିଏ ନିବୁଜ ଘର ଭିତରେ ହିଂସ୍ର ପଶୁ ଭଳି ବସିରହିଲେ ଦିନରାତି। ଅବସାଦରୁ ଧିରେ ଧିରେ ଅନେକ ରୋଗଗ୍ରାସ କଲା ତାଙ୍କ ଶରୀର ମଧ୍ୟରେ।

କେବେ ଖାଇବାକୁ ଡାକିଲେ ହିଁ, କେବେ ନ ଡାକିଲେ ବି କିଛି ପ୍ରତିକ୍ରିୟା ନଥିଲା ତାଙ୍କଠି। ଦିନରାତି ଚୁପ୍‌ଚାପ୍ ଗୋଟିଏ ଘରେ ବସିରହି ଏଣୁତେଣୁ ଅନେକ ଚିନ୍ତାକୁ ମୁଣ୍ଡରେ ପୁରେଇ ଅନ୍ୟମାନଙ୍କ ମୁଣ୍ଡକୁ ଖରାପ କରିବା ଥିଲା ତାଙ୍କର କାମ। ଜାଣୁଜାଣୁ ସେ ଅନ୍ୟମାନଙ୍କ ମୁଣ୍ଡ ବିଗାଡୁ ନଥିଲେ। ପୁଷ୍ପମୟ ଚଲାପଥ ବେଳେବେଳେ କଣ୍ଟକମୟ ହୋଇଯାଏ। ସେଇ କଣ୍ଟାର ଯନ୍ତ୍ରଣାରେ ନିଜେ ଯନ୍ତ୍ରଣା ପାଉଥିଲେ ତ ଅନ୍ୟଙ୍କୁ ସେହି ଯନ୍ତ୍ରଣାରେ ଭାଗି କରାଉଥିଲେ।

ତାଙ୍କର ସେ ଯନ୍ତ୍ରଣାମୟ ଜୀବନକୁ ବିଶ୍ଳେଷଣ କଲେ କେହିବି ପ୍ରକୃତିସ୍ଥ ମଣିଷ ଦୂରେଇ ରହିବାକୁ ପ୍ରୟାସ କରିବ। ଅଭିନ୍ନ ଥିଲା ତାଙ୍କ ଜୀବନ ଶୈଳୀ। ଗାଧୋଉଛନ୍ତି ତ ବାସ୍ ୨ ଘଣ୍ଟା, ଝାଡା ଯାଇଛନ୍ତି ତ ସେଇମିତି ଘଣ୍ଟେ। ଏଇମିତି ଗାଧୋଇ ସାରିବା ପରେ ପାଣିନଳଠାରୁ ଜୁହାର ହୋଇ ଶେଷରେ ଏକ୍‌ଜଷ୍ଟ ଫେନ୍ ପାଖେ ସରିବ। ଗପିବାକୁ ବସିଲେ ଦିନ ସାରା ଗପର ପସରା ମେଲିଥିବ। ଏମିତି ସ୍ୱଭାବ ପାଇଁ ତାଙ୍କ ଘର ପରିବାର ପୁଅ, ବୋହୂ, ନାତି, ନାତୁଣୀ କାହାରି ସହ ସାମଞ୍ଜସ୍ୟ ରହିଲା ନାହିଁ।

ଦିନୁଦିନ ସେ ବି ନିଜ ଭାବନା ଭିତରେ ଏମିତି ଘାରିହେଲେ ଯେ କେହି ଆଉ ତାଙ୍କ କଥା ବୁଝିପାରିଲେନି। ହଠାତ୍ ଦିନେ ତାଙ୍କ ଶରୀର ଏମିତି ଖରାପ ହୋଇଗଲା ଯେ ହସ୍ପିଟାଲରେ ଏଡମିସନ ହେବାକୁ ପଡିଲା। ଡାକ୍ତରମାନେ ପରୀକ୍ଷା ନିରୀକ୍ଷା କରି ତାଙ୍କର କଣ ହୋଇଛି କିଛି ଜାଣିପାରିଲେନି। ମୃତ୍ୟୁ ତାଙ୍କୁ କବଳିତ କରିନେଲା ଚାରିପଟରୁ। ନିଜର ସ୍ଥିତି, ଗତି ସବୁ ଅଚଳ ହୋଇଗଲା। କେବଳ ଯାହା ବାକି ରହିଲା ମୁକ୍ତି। ତାହାବି ମିଳିଗଲା ତାଙ୍କୁ...।

ଯୋଗ ଫର ଲାଇଫ୍
ବିସି-୭୪, ସେକ୍ଟର-୧, ସଲ୍ଟଲେକ,
କୋଲକାତ-୬୪
ମୋ-୯୬୮୧୩୭୩୫୧୨

# କୁନାବାପାଙ୍କ କୁନିକଥା

୨୧



**ଦୀ**ପାବଳୀ ପରଦିନ ରାଜଧାନୀବାସୀ ତଥା ଇଲେକ୍ଟ୍ରାନିକ ଗଣମାଧ୍ୟମ ଉତ୍ସବ ମୁଖର ହେବାସହ ଦ୍ୱିବିଧାରେ ଥିବାଭଳି ଲାଗିଲା। ଏକାଦିନେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଗୋଟିଏ ଲେଖାଏଁ ମେଗା ପ୍ରୋଜେକ୍ଟର ଶୁଭାରମ୍ଭ କଲେ। ପୂର୍ବଦିନର ଛୁଟିହେତୁ ଖବରକାଗଜ ନଦେଖି କୁନାବାପାଙ୍କ ମନ ଅସ୍ଥିର ହେଉଥାଏ। ତେଣୁ ଘରେ ଥିବା ସମୟ ତକ ବାରମ୍ବାର ଟିଭି ଖୋଲି ନ୍ୟୁଜ୍ ଦେଖୁଥାନ୍ତି। ଅଫିସ୍ ଆସିବା ପରେ ଅମ୍ବାନୀଙ୍କ କୃପାରୁ ମଝିରେ ମଝିରେ ମୋବାଇଲ୍ ଟିଭି ଦେଖିବାର ପ୍ରୟାସ କରୁଥାନ୍ତି। ତେବେ ସଂଧ୍ୟାରେ ଖଟିଆଡେ ଟିକେ ବୁଲି ଘରକୁ ଫେରିବାର ଯୋଜନା କଲେ। ଖଟିରେ ପହଞ୍ଚିବା ବେଳକୁ ଯୋଜନା ଗୁଡିକ ଉପରେ ଆଲୋଚନା ଆରମ୍ଭ ହୋଇ ସାରିଥିଲା। ପ୍ରକୃତ ଘଟଣାଟି ନଜାଣି, ନିଜ ଆଖିରେ ଘଟଣାସ୍ଥଳ ନଦେଖି ନିଜର ମତକୁ ସର୍ବଶ୍ରେଷ୍ଠ ମତ ଦର୍ଶାଇବାରେ ଆମେ ଆଗୁଆ। ତାର ନିଦର୍ଶନ ମିଳିଲା ଜଣେ ବନ୍ଧୁଙ୍କ କଥାରୁ, କହିଲେ, ଗ୍ୟାସ ଟାଙ୍କି ଫାଟି କେତେ ଦୁର୍ଘଟଣା ହେଉଛି, ଆଉ ଯଦି ଟ୍ୟାପରୁ ଆସୁଥିବା ଗ୍ୟାସର ପାଇପ୍ ଘରେ ଲିକ୍ ହେଲା, ତାହେଲେ ତ କଥା ସରିଲା। ଆଉଜଣେ ବନ୍ଧୁ ଆଉ ପାଦେ ଆଗେଇଯାଇ କହିଲେ, ଏଇଟା ଆମ ଦୋକୁ ଜାଳି ପୋଡି ଧ୍ୱଂସ କରିବାର ଏକ ସୁଚିନ୍ତିତ ଯୋଜନା। ଯଦି କୋଉଠି ପାଇପରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଏ, ତେବେ ଘରରୁ ଘରକୁ, କଲୋନୀରୁ କଲୋନୀ, ଓ୍ୱାର୍ଡରୁ ଓ୍ୱାର୍ଡକୁ, ତା'ପରେ ସହର, ସହରରୁ ଜିଲ୍ଲା, ଜିଲ୍ଲାରୁ ରାଜ୍ୟକୁ ନିଆଁ ବ୍ୟାପି ସାରା ପୃଥିବୀକୁ ନିଆଁ ବ୍ୟାପି କଳିକାଳ ସରିବ, ଆଉ ସତ୍ୟ ଯୁଗର ଆରମ୍ଭ ହେବା ପାଇଁ କିଛି ଲୋକ ଯାହା ଜାହାଜରେ ଥିବେ, ସେମାନେ ବଞ୍ଚିବେ ଆଉଏକ ଯୁଗର ଅୟମାରମ୍ଭ ଦେଖିବା ପାଇଁ। ନିଆଁରେ ପାଣି ପକେଇଲେ ଜଣେ ବନ୍ଧୁ। ହାଲକା ଭାବେ କହିଲେ, ଆହେ କେନ୍ଦ୍ରର ନିଆଁକୁ ରାଜ୍ୟର ଜଳ ପ୍ରକଳ୍ପ। କାଳେ ନିଆଁ ଲାଗିଯିବ, ସେଥିପାଇଁ ଶହଶହ ଜଳ ବିଶୋଧନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ତାଙ୍କ ଦଳୀୟ ପତାକା ଦେଖାଇଛନ୍ତି ପରା, ମାନେ୍ ଗ୍ରୀନ୍ ସିଗ୍‌ନାଲ। ସେଇଥିରୁ ପାଣିନେଇ ନିଆଁ ଲିଭେଇବା।

ଚର୍ଚ୍ଚାଟା ପୁରା ଗରମ ଧରିଥିବାବେଳେ, ଜଣେ ବରିଷ୍ଠ ସାମ୍ବାଦିକ ବନ୍ଧୁ ଆସି ଟିକେ ହାଲକା କଲେ। ସବୁ ଘଟଣାକୁ ଟିକେ ଦୂରରୁ ନୀରିକ୍ଷଣ କରୁଥିଲେ ବୋଧେ। କୁନାବାପା ତାଙ୍କ ପାଇଁ ଚାହାଟିଏ ମଗାଇଲେ। ଚାହା କପରୁ ଗରମାଗରମ ଚାହାର ଢ଼ୋକ ନେଲା ବେଳକୁ, ସବୁ ବନ୍ଧୁ ନିଜ ନିଜ ଦୃଷ୍ଟିକୋଣକୁ ଆଉଥରେ ଦୋହରାଇ, ନିଜର ଦୁରଦୃଷ୍ଟିର ପରିଚୟ ଦେଲେ। ସମସ୍ତଙ୍କ କଥା ସରିବା ବେଳକୁ ଚାହା ବି ସରିଯାଇଥିଲା। ସାମ୍ବାଦିକ ବନ୍ଧୁ ଜଣକ ସବିଶେଷ ବିବରଣୀ, ଯାହାକି ଖବର କାଗଜରେ ବାହାରିବ, ସବୁ ତଥ୍ୟ ଉପସ୍ଥାପନ କଲେ। ଗ୍ୟାସ ସଂଯୋଗ ପରେ କିପରି ଉଚ୍ଚମାନର ସାବଧାନତା ତଥା ସୁରକ୍ଷା ବ୍ୟବସ୍ଥା କରାଯାଇଛି, ତା'ର ବର୍ଣ୍ଣନା ସହ ଜଳ ସଙ୍କଟର ନିବାରଣ ପାଇଁ ହିଁ ଜଳ ପ୍ରକଳ୍ପ ସହଯୋଗ କରିବ ବୋଲି କହିଲେ। ଖବରକାଗଜ ତ, ତହିଁ ଆରଦିନ ବାହାରିବ, ସିଧା ପ୍ରସାରଣ ତଥା ଧାରାବିବରଣୀ ମଧ୍ୟ ସହଜ ହେଲାନି ଟିଭି ଚାନେଲଙ୍କ ପାଇଁ। ଏଥିରୁ ଟିକେ, ସେଥିରୁ ଟିକେ ପ୍ରସାରଣ ହେଲା ଏମିତି ଯେ ଦର୍ଶକ ନିଶ୍ଚୟ ଘାବରାଇଥିବେ। ଚର୍ଚ୍ଚା ଗରମ, ଚାହା ବି ଗରମ, ଆଉ କିଛି ବନ୍ଧୁ ନିଜ ପ୍ରିୟ ନେତାଙ୍କ ସମର୍ଥନରେ ମଧ୍ୟ ଗରମ। ତେବେ ଆଜିକାଲି ଖବର ହେଉଛି, ଏଇଦଳ ସମର୍ଥକ ସେଦଳ ସମର୍ଥକଙ୍କ ସହ ଧସ୍ତାଧସ୍ତିରେ ମୁଣ୍ଡ ଫଟେଇଲେ, ଟିଭି ପରଦା ଉପରେ ନେତାମାନେ ଅନ୍ୟ ଦଳର ନେତାମନ୍ତ୍ରୀଙ୍କ ଚରିତ୍ର ସଂହାର ପୂର୍ବକ ଅପମାନ ଜନକ ଭାଷା ପ୍ରୟୋଗ କରୁଛନ୍ତି। ତେବେ ଏଇ ଗରମ ଆଲୋଚନାର ଜୁଆରରେ ଅସ୍ତବ୍ୟସ୍ତ କୁନାବାପା, ଭଟ୍ଟା ପକାଇବାର ଚେଷ୍ଟା କଲେ ଏମିତି। କହିଲେ, ଭାଇ ଦେଖନ୍ତୁ, ଯଦି ଆପଣ ନିଆଁ ଲଗେଇବେ ବା ନିଆଁ ଲିଭେଇବେ, ସବୁଥିରେ ହାତର ଆବଶ୍ୟକତା ଅଛି। ପଦ୍ମବି ରହିଛି ହାତରେ ଆଉ ଶଙ୍ଖ ବି ରହିଛି ହାତରେ, ହାତ ବିନା କିଛି ସମ୍ଭବ ନୁହେଁ। ତେଣୁ ଏଇ ଶଙ୍ଖ ପଦ୍ମ ଲଢ଼େଇରେ ହାତର କିଛି ଫାଇଦା ହେଉଛି କି ନାହିଁ? କଥାରେ ଅଛି ପରା, ଦୁଇ ଜଣଙ୍କ କଳିରେ ତୃତୀୟର ଲାଭ। ଏଠି ନିଆଁ ପାଣିର କଥା, ପାଣି ଫୁଟିବାକୁ ନିଆଁ, ନିଆଁ ଲିଭିବାକୁ ପାଣି ଆବଶ୍ୟକ। ହଉ ଦେଖାଯାଉ କୋଉପାଣି କୁଆଡିକି ଯାଉଛି? ସର୍ବେ ଭବନ୍ତୁ ସୁଖିନଃ।

- ଶାରଦା ପ୍ରସାଦ ମହାପାତ୍ର
ଦୂରଭାଷ : ୯୭୭୮୭୬୭୩୭୪

# ଭିଜୁଛି କଳଙ୍କର ବର୍ଷା ଛିଟାରେ



ଆହୁତି ମହାନ୍ତି

**ବ**ଦ୍‌ନାମର ପାହାଡରେ
ମୁଁ ବସିଛି ତପସ୍ୱିନୀ ପରି
କଳଙ୍କର ବର୍ଷା ଛିଟାରେ
ପାରୁଛ ଯେତେ ଭିଜାଇ ଦିଅ ମତେ।

ମୁଁ ନିର୍ବିକାର ମନଟିଏ ସେମିତି
ସୀତା ପରି ଦେଇ ପାରେ ଅଗ୍ନି ପରୀକ୍ଷା
କ୍ରୁର ସମାଜ କଲେ ବି ଅଟ୍ଟହାସ୍ୟ
ମୁଁ ସେମିତି ହସୁଥିବି ନିର୍ଲିପ୍ତ ପରି।

ଜାଣିଛି ମୁଁ, କେମିତି
ପ୍ରମାଣ ଲୋଡ଼ା ନାହିଁ ମୋର
ଛଦ୍ମବେଶୀ ଭଦ୍ର ଲୋକଙ୍କଠୁଁ,
ସେ ଦେଖୁଛନ୍ତି ଶୂନ୍ୟରୁ
ଯାହା ଜାଣିବାର ଅଧିକାର
ଅଛି ମୋର।

ଅପବାଦକୁ ପିଇ ପାରେ ମୁଁ
ଜହର ପରି, ସାଜିପାରେ ନୀଳକଣ୍ଠ
ମୋ ହୃଦୟ ଥିବ ସେମିତି ଶାଶ୍ୱତ
ଥିବ ପବିତ୍ରତା ଓ ସତ୍ୟ
ଥିବା ଯାଏ ମୁଁ ଜୀବନ୍ତ।

ଖୁଣ୍ଟା, ମୟୂରଭଞ୍ଜ

**ବନ୍ଦ ହେଲା 'ଆଧାର' ପଞ୍ଜୀକରଣ**

# ଓଡ଼ିଶା ଲୋକଙ୍କ ଚିନ୍ତା ବଢ଼ିଲା

**ଭୁବନେଶ୍ୱର :** ରାଜ୍ୟରେ ନୂଆ ଆଧାର ପଞ୍ଜୀକରଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ଆଧାର ନମ୍ବରକୁ ସଂଯୋଗ ପାଇଁ ହିତାଧିକାରୀଙ୍କ ଉପରେ ରାଜ୍ୟ ସରକାର ଚାପ ପକାଉଥିବାବେଳେ ଏବେ ନୂଆ ପଞ୍ଜୀକରଣକୁ ବନ୍ଦ କରିଦେଇଥିବାରୁ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ୨୦୧୬ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଶତପ୍ରତିଶତ ଲୋକଙ୍କୁ 'ଆଧାର' କାର୍ଡ ଯୋଗାଇବାକୁ ଗତବର୍ଷ ସେପ୍ଟେମ୍ବର ମାସରେ ଲକ୍ଷ୍ୟଧାର୍ଯ୍ୟ କରିଥିବା ରାଜ୍ୟ ସରକାର ବର୍ଷକ ପରେ ମଧ୍ୟ ଏହି ଟାର୍ଗେଟ୍‌କୁ ହାସଲ କରିବାରେ ସକ୍ଷମ ହୋଇନାହାନ୍ତି। ଏବେ ବି ରାଜ୍ୟର ପ୍ରାୟ ୪୦ଲକ୍ଷ ଲୋକ ଆଧାର ନମ୍ବରରୁ ବଞ୍ଚିତ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଗତ ୧୮ତାରିଖରୁ ରାଜ୍ୟବ୍ୟାପୀ ଆଧାର ପଞ୍ଜୀକରଣ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ରାଜ୍ୟର ବିଭିନ୍ନ ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟ ସମେତ ମୋଟ ୨୮୨ଟି ସ୍ଥାନରେ ଆଧାର ପଞ୍ଜୀକରଣ କେନ୍ଦ୍ର ଖୋଲିଥିଲା। ବିଭିନ୍ନ ଏଜେନ୍ସି ମାଧ୍ୟମରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ଜାରି ରହିଥିବା ବେଳେ ଓଡ଼ିଶାରେ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ)ର ରାଜ୍ୟ ନୋଡାଲ୍ ସଂସ୍ଥା 'ଓକାକ୍' ପୂର୍ବ ସୂଚନା ନଦେଇ ଏହାକୁ ବନ୍ଦ କରିଦେଇଥିଲା। ଚଳିତମାସ ୧୫ତାରିଖ ସୁଦ୍ଧା ରାଜ୍ୟରେ ମୋଟ ଜନସଂଖ୍ୟା ୪ କୋଟି ୪୯ଲକ୍ଷ ୧୨ହଜାର ୯୦୧ଜଣ ମଧ୍ୟରୁ ୪କୋଟି ୧୦ଲକ୍ଷ ୪୭ହଜାର ୩୭୩ଜଣ ଲୋକ ଆଧାର ପଞ୍ଜୀକରଣ କରିଛନ୍ତି। ଯାହାକି ମୋଟ ଜନସଂଖ୍ୟାର ୯୧.୪ ପ୍ରତିଶତ। ଏଥିରେ ୦ରୁ ୫ବର୍ଷ ବୟସର ମୋଟ ୩୯.୧୧ ଲକ୍ଷ ଶିଶୁଙ୍କ ମଧ୍ୟରୁ ମାତ୍ର ୫୮.୯% ଶିଶୁ ଏବଂ ୫ରୁ ୧୮ବର୍ଷ ବୟସର ମୋଟ ୧.୧୬ କୋଟି ନାବାଳକଙ୍କ ମଧ୍ୟରୁ ୭୭.୭ ପ୍ରତିଶତ ଏପର୍ଯ୍ୟନ୍ତ ଆଧାର ପଞ୍ଜୀକରଣ କରିବାରେ ସକ୍ଷମ ହୋଇଛନ୍ତି। ରାଜ୍ୟ ସରକାର ଏବେ ମିଡ୍‌ଡେ ମିଲ୍, ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ସହାୟତା ପାଇଁ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଓ କଲେଜରେ ପଢୁଥିବା ପିଲାଙ୍କ ପାଇଁ ଆଧାର ବାଧ୍ୟତାମୂଳକ କରିଛନ୍ତି। ସେହିପରି ମନରେଗା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସମସ୍ତ ଭତ୍ତା, ଆବାସିକ ଯୋଜନା ସମେତ ମୋଟ ୨୭ଟି କଲ୍ୟାଣମୂଳକ ଯୋଜନାରେ ଆଧାରକୁ ବାଧ୍ୟତାମୂଳକ କରିଥିବାବେଳେ ଏବେ ବି ପ୍ରାୟ ୪୦ଲକ୍ଷ ବ୍ୟକ୍ତି ଏହି ଆଧାର ନମ୍ବର ପାଇବାରୁ ବଞ୍ଚିତ ହୋଇଛନ୍ତି। ସାଧାରଣ ଲୋକ କିମ୍ବା ପଞ୍ଜୀକରଣ କେନ୍ଦ୍ର ଦାୟିତ୍ୱରେ ଥିବା ଏଜେନ୍ସିକୁ କୌଣସି ପୂର୍ବ ସୂଚନା ନଦେଇ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବାରୁ ସରକାରଙ୍କ ଏସବୁ ଯୋଜନା ଫାଇଦା ପାଇବାରୁ ସେମାନେ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ରାଜ୍ୟ ସରକାର ୨୦୧୬ ସେପ୍ଟେମ୍ବର ମାସରେ ଏକ ଉଚ୍ଚସ୍ତରୀୟ ବୈଠକରେ ୨୦୧୬ ଡିସେମ୍ବର ମାସ ଶେଷସୁଦ୍ଧା ରାଜ୍ୟର ସମସ୍ତ ଲୋକଙ୍କୁ ଆଧାର ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ସେତେବେଳେ ରାଜ୍ୟରେ ୭୮% ଲୋକଙ୍କର ଆଧାର ପଞ୍ଜୀକରଣ ହୋଇଥିବା ସରକାର ସ୍ପଷ୍ଟୀକରଣ ଦେଇଥିଲେ।

# ଗ୍ରାହକ ଆଶ୍ୱସ୍ତ : ବଢ଼ିବନି ବିଦ୍ୟୁତ୍ ଦର

**ଭୁବନେଶ୍ୱର :** ବିଦ୍ୟୁତ୍ ଦର ବୃଦ୍ଧି ନେଇ ଓଏଚ୍‌ପିସି, ଓପିଜିସର ଆବେଦନକୁ ଶେଷରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଖାରଜ କରିଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗ୍ରୀଡ୍‌କୋ ଓ ଓପିଟିସିଏଲ୍‌ର ଦର ବୃଦ୍ଧି ଆବେଦନ ଉପରେ ମଧ କମିଶନ ପ୍ରତିକୂଳ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପ୍ରକାଶ ପାଇପାରେ। କମିଶନ ଯଦି ଏହି ସଂସ୍ଥାମାନଙ୍କର ଆବେଦନକୁ ଗ୍ରହଣ କରିଥାନ୍ତେ ତେବେ ବିଦ୍ୟୁତ୍ ଦର ୟୁନିଟ୍ ପିଛା ହାରାହାରି ୨ ଟଙ୍କା ବଢ଼ିଥାନ୍ତା। ୨୦୧୭-୧୮ ବର୍ଷ ଲାଗି କମିଶନ ଯେଉଁ ଦର ଧାର୍ଯ୍ୟ କରିଛନ୍ତି, ତାହାକୁ ବିଚାରକୁ ନେଲେ ଏବେ ଏହି ସଂସ୍ଥାମାନେ ୟୁନିଟ୍ ପିଛା ୪ଟଙ୍କା ୮୮ ପଇସା ପାଉଛନ୍ତି। ସୂଚନା ଅନୁସାରେ ରାଜ୍ୟର ଦୁଇ ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀ ଓପିଜିସି ଓ ଓଏଚ୍‌ପିସି ସମେତ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ଗ୍ରୀଡ୍‌କୋ ଗତ ମାର୍ଚ୍ଚ ୨୩ତାରିଖରେ ଓଇଆରସିଙ୍କ ନିକଟରେ ଆବେଦନ ଦାଖଲ କରି ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ୨ଟଙ୍କା ବୃଦ୍ଧି ପାଇଁ ଅନୁରୋଧ କରିଥିଲେ। ଏହି ଆବେଦନ ଉପରେ ଓଇଆରସି ଆଜି ତାଙ୍କ ରାୟ ଦେଇଥିବାବେଳେ ଗ୍ରୀଡ୍‌କୋର ଆବେଦନର ଶୁଣାଣି ପରବର୍ତ୍ତୀ ସମୟରେ ହେବ ବୋଲି ଜଣାପଡ଼ିଛି। ଓଇଆରସି ନିର୍ଦ୍ଦେଶକ (ନିୟନ୍ତ୍ରକ ବ୍ୟାପାର) ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି ଯେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସହ ଗ୍ରୀଡ୍‌କୋଠାରୁ ୪୦କୋଟି ଟଙ୍କାର ଆୟକର ଟିକସ ଭରଣା ପାଇଁ ଆବେଦନ କରିଥିଲା। କିନ୍ତୁ ଟିକସ ପ୍ରସଙ୍ଗ ଓଇଆରସିଙ୍କ କର୍ତ୍ତୃତ୍ୱ ପରିଧିରେ ନଥିବାରୁ ଏହାକୁ ଗ୍ରହଣ କରାଯାଇ ନଥିଲା। ସେହିପରି ଓପିଜିସି ପକ୍ଷରୁ ତା'ର ଋଣକୁ ବିଦ୍ୟୁତ୍ ଶୁଳ୍କ ମାଧ୍ୟମରେ ଭରଣା କରିବାକୁ ଆବେଦନ ହୋଇଥିଲା। ତାକୁ ମଧ୍ୟ କମିଶନ ଖାରଜ କରିଛନ୍ତି। ସୂଚନାଯୋଗ୍ୟ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ୧୦ ପଇସା ବୃଦ୍ଧି ପାଇଁ ଓଇଆରସି ଘୋଷଣା କରିବାର କିଛିଦିନ ପରେ ଏହି ୩ଟି ସଂସ୍ଥା ପକ୍ଷରୁ ବିଦ୍ୟୁତ୍ ଶୁଳ୍କ ଅତିକମ୍‌ରେ ୟୁନିଟ୍ ପିଛା ୨ଟଙ୍କା ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ।

# ବାଲ୍ୟ ବିବାହକୁ ନା କହିଲେ ଛାତ୍ରଛାତ୍ରୀ

**ବୌଦ୍ଧ :** ବାଲ୍ୟ ବିବାହ ଦାୟିତ୍ୱରୁ ମୁକ୍ତି ନୁହେଁ ବରଂ ଶୈଶବ ପ୍ରତି ଅନ୍ୟାୟ। ଶିକ୍ଷା ଓ ସଚେତନତା ଅଭାବରୁ ଆଜିବି ଜିଲ୍ଲାର କୋଣ ଅନୁକୋଣରେ ଏହି ପ୍ରଥା ଦେଖାଦେଉଛି । ଏହା ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାରରୁ ବଞ୍ଚିତ କରିବା ସହିତ ସେମାନଙ୍କର ଉତ୍ପୀଡନ ଓ ନିର୍ଯ୍ୟାତନାର କାରଣ ସାଜୁଛି । ଅଧାରୁ ପାଠ ଛାଡିବା, ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର, ରକ୍ତହୀନତା ଓ ଅପପୁଷ୍ଟି, ଘରୋଇ ହିଂସା ଭଳି ସମସ୍ୟା ଦେଖାଦେଉଛି । ତେଣୁ ବାଲ୍ୟ ବିବାହ ରୋକିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଏକ ପ୍ରଶଂସନୀୟ ପ୍ରୟାସ କରାଯାଇଛି । ଜିଲ୍ଲାର ୭୯୧ ପ୍ରାଥମିକ ବିଦ୍ୟାଳୟ, ୭୯ ଉଚ୍ଚ ବିଦ୍ୟାଳୟ, ୨୦ ଟି ମହାବିଦ୍ୟାଳୟ ଓ ୭ ଟି ଡିଗ୍ରୀ କଲେଜ୍‌ର ୯୪୨୧୩ ଛାତ୍ରଛାତ୍ରୀ ଏକ ସମୟରେ ସଚେତନତା ତଥା ଶପଠ ପାଠ କରିଥିଲେ । ଜିଲ୍ଲା ସ୍ତରୀୟ ସାମୂହିକ ସଚେତନତା ଓ ଶପଥ





ପାଠ କାର୍ଯ୍ୟକ୍ରମ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ପ୍ରଦୀପ କୁମାର ଅମାତ ଯୋଗ ଦେଇ ବାଳିକା ମାନଙ୍କ ଶିକ୍ଷା ପାଇଁ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଆଗ ଅପେକ୍ଷା ଅନେକ ମାତ୍ରାରେ ଏହି ବାଲ୍ୟ ବିବାହ ପ୍ରଥା ଲୋପ ପାଇଥିବା କହିଥିଲେ ଶ୍ରୀ ଅମତା। ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଇଥିବା ଏହି ପଦକ୍ଷେପକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତେ ସଚେତନ ହେଲେ ଏହି ପ୍ରଥାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିହେବ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ମଧୁସୁଦନ ମିଶ୍ର ଯୋଗଦେଇ ବାଲ୍ୟ ବିବାହ ଏକ କୁତ୍ସିତ ପରମ୍ପରା ଓ ଏହି ପ୍ରଥାକୁ ଜିଲ୍ଲାରୁ ସମୂଳ ଭାବେ ବିଲୋପ କରାଯିବ ବୋଲି କହିଥିଲେ। ଶିଶୁ ମୃତ୍ୟୁ ଅପପୁଷ୍ଟି ହ୍ରାସ କରିବାରେ ଜିଲ୍ଲାର ହାର ରାଜ୍ୟ ହାର ଠାରୁ ଅଧିକ ଥିବା ପ୍ରକାଶ କରିଥିଲେ ଓ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଏହି ସଚେତନତା କାର୍ଯ୍ୟକ୍ରମ ତଥା ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତରଣିସେନ ନାୟକ, ଉପ ଜିଲ୍ଲାପାଳ ଏନ୍.ସି ଜ୍ୟୋତିରଞ୍ଜନ ନାୟକ, ଅଧକ୍ଷ ଶିଶୁ ମଙ୍ଗଳ ସମିତି, ଧରଣୀଧର ପ୍ରଧାନ, ସଦସ୍ୟ କିଶୋର ନ୍ୟାୟ ପରିଷଦ, ସାକ୍ଷୀ ଗୋପାଳ ପ୍ରଧାନ, ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ତଥା ସିଡିପିଓ ମିନତି ଦେଓ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମରେ ଅଧକ୍ଷତା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ବୈଦ୍ୟୁତିକ ଗଣମାଧ୍ୟମ ଓ ପ୍ରିଣ୍ଟ ମିଡିଆର ସଦସ୍ୟମାନେ ଯୋଗଦେଇଥିଲେ। ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁର୍ଣ୍ଣିମା ରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟ୍ କର୍ମଚାରୀ ବସନ୍ତ ଦିଶିରୀ, ସମରସେନ ସିଂ, ଜ୍ୟୋତି ପ୍ରକାଶ ପ୍ରଧାନ, ଚିତ୍ରସେନ ସାହୁ, ବିସ୍ମୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ରକ୍ତଦାନରେ ଶ୍ରମିକ ସଂଘର ରେକର୍ଡ
## ୨ଦିନରେ ୪୦୦୬ୟୁନିଟ୍



**ପାରାଦୀପ, (ନି.ପ୍ର) :** ଅକ୍ଟୋବର ୨୪ ଓ ୨୫ ତାରିଖ ଦୁଇଦିନ ଧରି ପାରାଦୀପ ଜିରୋପଏଣ୍ଟ ନିକଟସ୍ଥ ତୈଳ ବିଶୋଧନାଗାର ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ଚାଲିଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର 'ଜୀବନବିନ୍ଦୁ'କାର୍ଯ୍ୟକ୍ରମରେ ୪୦୦୬ ୟୁନିଟ ରକ୍ତ ସଂଗ୍ରହ କରି ଏହା ଏକ ରେକର୍ଡ ସୃଷ୍ଟି କରିଛି । ଗତ ୨୪ ତାରିଖରେ ଉଦ୍‌ଘାଟିତ ହୋଇଥିବା ଏହି ଶିବିରର ପ୍ରଥମ ଦିବସରେ ୧୫୦୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୨୫ ତାରିଖ ଦ୍ୱିତୀୟ ଉଦ୍‌ଯାପନୀ ଦିବସରେ ୨୫୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଯାହାକି ରାଜ୍ୟରେ ଏକ ବିରଳ ରେକର୍ଡ ପ୍ରତିଷ୍ଠା କରିଛି। ଏହି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମରେ କଟକ ଏସ୍.ସିବି, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଜଗତସିଂହପୁର, ବ୍ରହ୍ମପୁର, କ୍ୟାପିଟାଲ, ବିଏମ୍‌ସି, କେନ୍ଦ୍ରାପଡା, ଅନୁଗୁଳ, କଟକ ରେଡକ୍ରସ ର ପ୍ରମୁଖ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ନମୂନା ପରୀକ୍ଷା କରିବା ସହ ରକ୍ତ ସଂଗ୍ରହର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଶ୍ରମିକ ସଂଘର ସଂଗଠନ ସଂପାଦକ ପଦ୍ମଲୋଚନ ଦାସ, ମନିନ୍ଦ୍ର ଗୁରୁ, ଚିନ୍ମୟ ଦାସ, ଦିଲ୍ଲୀପ ବେହେରାଙ୍କ ସମେତ ସମସ୍ତ ସଭ୍ୟ/ସଭ୍ୟା ସହଯୋଗ କରିଥିଲେ । ତେବେ ଉଦ୍‌ଯାପନୀ ଉତ୍ସବରେ ଯୋଜନା ବୋର୍ଡର ଉପାଧ୍ୟକ୍ଷ ତଥା ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ବିଷ୍ଣୁ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରି ସଂଘର ଏପରି ମହତ କାର୍ଯ୍ୟକୁ ଭୂୟସୀ ପ୍ରସଂଶା କରିଥିଲେ । ଦୁଇଦିନ ବ୍ୟାପି ଚାଲିଥିବା ଏହି ରକ୍ତଦାନ ଶିବିର ସଫଳତାର ସହ ଶେଷ ହୋଇଥିବାରୁ ଶ୍ରମିକ ସଂଘର ସଭାପତି ସନ୍ତୋଷ ପଟ୍ଟନାୟକ ସମସ୍ତ ରକ୍ତ ସଂଗ୍ରହକାରୀ ସଂସ୍ଥା, ରକ୍ତଦାତା ଓ ଏଥିରେ ସହଯୋଗ କରିଥିବା ସମସ୍ତ ସଂସ୍ଥାଙ୍କୁ କୃତଜ୍ଞତା ଜଣାଇଥିବାବେଳେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟ/ସଭ୍ୟା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ତେବେ ଆଗାମୀ ବର୍ଷ ଏହି କାର୍ଯ୍ୟକ୍ରମକୁ ଅହୁରି ବ୍ୟାପକ କରାଯିବ ବୋଲି ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ସହିଦ୍ ସ୍ମୃତି ଦିବସ : ସୁରକ୍ଷା ଯୋଗାଇ ଲୋକଙ୍କ ଆସ୍ଥାଭାଜନ ହେବାକୁ ପରାମର୍ଶ

**ରାୟଗଡା :** ୫୮ତମ ସହିଦ ସ୍ମୃତି ଦିବସ ରାୟଗଡା ଜିଲ୍ଲା ପୋଲିସ ତରଫରୁ ଚାନ୍ଦିଲି ସ୍ଥିତ ରିଜର୍ଭ ପୁଲିସ ପଡିଆରେ ପାଳିତ ହୋଇଯାଇଛି। ଏଥିରେ ଏସ୍.ପି. ରାହୁଲ ପିଆର ଯୋଗଦେଇ ସହିଦ ଯବାନ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଚଳିତ ବର୍ଷ କାର୍ଯ୍ୟରତ ସମୟରେ ସହିଦ ହୋଇଥିବା ଯବାନଙ୍କର ତାଲିକା ପାଠ କରିବା ସହିତ ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ଏସ୍‌ପି ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ପୁଲିସ ନିଜର କର୍ତ୍ତବ୍ୟ ପାଳନ ପ୍ରତି ସଚେତନ ହୋଇ ଜନସାଧାରଣ ସୁରକ୍ଷା ଯୋଗାଇ ଆସ୍ଥାଭାଜନ ହେବାକୁ ଉପସ୍ଥିତ ପୁଲିସ କର୍ମଚାରୀ ଏବଂ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ରିଜର୍ଭ ଇନ୍‌ସପେକ୍ଟର ରାମଜିତ ହେମ୍ବ୍ରମ ପ୍ୟାରେଡ ପରିଚାଳନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୁହା ପୁନମ ତାପସ କୁମା ର ଆଇଏସ୍, ଉପଜିଲ୍ଲାପାଳ ପ୍ରବୀର କୁମାର ନାୟକ, ଏଏସ୍‌ପି ଜଗନ୍ନାଥ ରାଓ , ଏଏସ୍‌ପି ପତିତ ପାବନ ଚୌଧୁରୀ , ରାୟରଡା ଆଇଆଇସି ରବିନ୍ଦ୍ର କୁମାର ପାତ୍ର, ଚାନ୍ଦିଲି ଆଇଆଇ.ସି ଉଦୟ ଚନ୍ଦ୍ର ସେଠୀ, ଜେ କେ କାଗଜକଳର ମୁଖ୍ୟ ପି.କେ. ସୁରି ଉପସ୍ଥିତ ରହିଥିଲେ ।

ସେହିପରି ୪ର୍ଥ ବାଟାଲିୟନ ସିଆରପିଏଫ



କ୍ୟାମ୍ପ ପରିସର ମଧ୍ୟରେ ୫୮ ତମ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏଥିରେ ସିଆରପିଏଫ ଡିଆଇଜି ହଜିନ୍ଦର ସିଂହ ଏବଂ କମାଣ୍ଡାଣ୍ଟ ରାଜପୁର ଯୋଗଦେଇ ଦେଶର ସୁରକ୍ଷା କ୍ଷେତ୍ରରେ ପୁଲିସ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ସହିଦ ପୁଲିସ ଯବାନ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସୂଚନାଯୋଗ୍ୟ,ଯେ ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଦେଶର ସୁରକ୍ଷା ପାଇଁ ନିୟୋଜିତ ୧୦ଜଣ ପୁଲିସ ଯବାନ ଚୀନ ଯବାନଙ୍କ ଗୁଳିରେ ସହିଦ ହୋଇଥିଲେ। ଏହାପରେ ପ୍ରତିବର୍ଷ ଉକ୍ତ ଦିନକୁ ସହିଦ ଦିବସ ରୂପେ ପାଳନ କରାଯାଉଛି ।

ସେହିପରି ରାୟଗଡାରେ ଅବସ୍ଥାପିତ୧୪୯ ବିଏସ୍ଏଫ ପକ୍ଷରୁ ମଧ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫୮ ତମ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି ଏଥିରେ କମାଣ୍ଡାଣ୍ଟ ଶିବାନନ୍ଦ ଯାଦବ ୨ୟ କମାଣ୍ଡାଣ୍ଟ ମୁଘୁନଥାନ , ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସଲଭା ରାଜୁ ବି.ଏସ୍.ଏଫ ଯବାନ ପ୍ୟାରେଡରେ ଯୋଗ ଦେଇ ସହିଦ ସୁନୀଲ ବେହେରାକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ନାତକରେ ଶ୍ରେଷ୍ଠ ନମ୍ବର ରଖି ପାସ୍ କରିଥିବା ଉଦ୍ଭିଦ ବିଜ୍ଞାନ ଛାତ୍ରୀ ଶୁଭଶ୍ରୀ ପଟ୍ଟନାୟକ ଏବଂ ଅନିଶା ମିଶ୍ରଙ୍କୁ ସିଲ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଷମକଟକରେ ନବନିର୍ମିତ ପାଣି ଟାଙ୍କିର ଲୋକାର୍ପଣ



**ରାୟଗଡା :** ଜଳ ଓ ପରିମଳ ବିଭାଗ ତରଫରୁ ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ରାୟଗଡା ଜିଲ୍ଲାର ବିଷମକଟକ ଠାରେ ନବ ନିର୍ମିତ ପାଣି ଟାଙ୍କିକୁ ବିଷମକଟକ ବିଧାୟକ ଜଗନ୍ନାଥ ସାରକା ଲୋକାର୍ପିତ କରିଛନ୍ତି। ଏହି ଅବସରରେ ବିଧାୟକ କହିଛନ୍ତି ଖରାଦିନେ ବିଷମକଟକରେ ଦେଖାଦେଉଥିବା ପାନୀୟ ଜଳ ସମସ୍ୟାକୁ ଦୂର କରିବା ନିମନ୍ତେ ୩୯ ଲକ୍ଷ ଟଙ୍କା ବ୍ୟୟରେ ତ୍ରୟୋଦଶ ଅର୍ଥ କମିଶନର ଅନୁଦାନରୁ ଉକ୍ତ ପାଣି ଟାଙ୍କିକୁ ନିର୍ମାଣ କରାଯାଇଛି। ଏହା ଜନସାଧାରଣଙ୍କ ସୁବିଧା ନିମନ୍ତେ ଲୋକାର୍ପିତ କରାଯାଇଛି ବୋଲି କହିଥିଲେ । ଏହି ପାଣି ଟାଙ୍କିରୁ ଗୌଡ ସାହି ବଡଦ୍ୱାରି ସାହି, ତେଲି ସାହି ରାୟଗଡା ରୋଡ, ବ୍ଲକ କଲୋନି ବଜାର ସାହି ଅଞ୍ଚଳକୁ ଜଳ ଯୋଗାଣ କରାଯିବ ବୋଲି ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଏହି ଅବସରରେ ସ୍ଥାନୀୟ ସରପଞ୍ଚ କମଳା ପିଡିକାକା, ସମିତି ସଭ୍ୟ ଅଶିନୀ ପାଲକା, ଭାରପ୍ରାପ୍ତ ବିଡିଓ ବଳରାମ ପାତ୍ର, ବିଭାଗୀୟ ଯନ୍ତ୍ରୀ ରାଜଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଜଗନ୍ନାଥ ସାରକା ଉପସ୍ଥିତ ଜନସାଧାରଣଙ୍କୁ ଏହାର ସଦୁପଯୋଗ ପାଇଁ ନିବେଦନ କରିଥିଲେ।

# କୁପରଟିନୋ-ବିଏମ୍‌ସି ମିଳିମିଶି କାମ କରିବେ

**ଭୁବନେଶ୍ୱର :** ଆମେରିକାର ବୈଷୟିକ ସହର ଭାବେ ପରିଚିତ କୁପରଟିନୋ ସହ ଭୁବନେଶ୍ୱର ଜମଜ ସହର ଭାବରେ ଅନୁବନ୍ଧିତ ହେବା ପରେ ଏହାର ଭବିଷ୍ୟତ କାର୍ଯ୍ୟ ଖସଡ଼ା ନେଇ ଆଲୋଚନା ହୋଇଛି। କୁପରଟିନୋର ପ୍ରବାସୀ ଭାରତୀୟ ମେୟର ସବିତା ବୈଦ୍ୟନାଥନ୍ ପାଞ୍ଚଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଭୁବନେଶ୍ୱର ମହାନଗର ନିଗମର ସମ୍ମିଳନୀ କକ୍ଷରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଜାଣିବା ପାଇଁ ଆମେରିକାର ଏକାଧିକ ପ୍ରତିନିଧି ଦଳ ଏଠାକୁ ଆସିବେ ବୋଲି ଶ୍ରୀମତୀ ବୈଦ୍ୟନାଥନ୍ ସୂଚନା ଦେଇଛନ୍ତି। ଓଡ଼ିଶା ଓ ଆମେରିକା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଆମେରିକାର ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରମାନେ ଓଡ଼ିଶାର ବିଭିନ୍ନ ପରିବାର ବର୍ଗଙ୍କ ସହ କିଛି ଦିନ ରହି ଓଡ଼ିଆ ସଂସ୍କୃତି ତଥା ଆତିଥ୍ୟତାର ଆନନ୍ଦ ନେଇ ପାରିବେ ବୋଲି ଯୋଜନା ପ୍ରସ୍ତୁତ କରାଯାଇଛି। ସେହିପରି ଓଡ଼ିଶା ଛାତ୍ରଙ୍କ ପ୍ରତିନିଧି କୁପରଟିନୋର ବିଭିନ୍ନ




ଆମେରିକୀୟ ପରିବାରରେ ରହି ସେଠାକାର ପରିବେଶ ଏବଂ ବନ୍ଧୁତ୍ୱର ଅନୁଭବ ନେଇପାରିବେ। ଫଳରେ ଦୁଇଟି ଦେଶ ମଧ୍ୟରେ ବନ୍ଧୁତ୍ୱର ଭାବ ତିଆରି ହୋଇପାରିବ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ବିଭିନ୍ନ ଦେଶ ମଧ୍ୟରେ ଉପୁଜିଥିବା ବିଦ୍ୱେଷର ଭାବନାକୁ ନଷ୍ଟ କରି ବିଶ୍ୱ ଭାତୃତ୍ୱର ଭାବ ନିର୍ମାଣ କରିବା ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। କୁପରଟିନୋ ଭୁବନେଶ୍ୱର ଜମଜ ସହର ହୋଇଥିବା ଯୋଗୁ ଦୁଇ ସହରର ନାଗରିକ ପରିବେଶ, ଟେକ୍ନୋଲୋଜି ତଥା ଶିକ୍ଷା ଓ ସଂସ୍କୃତି ସଂକ୍ରାନ୍ତରେ ପରସ୍ପର ଭାବ ବିନିମୟ କରିବା ଉଭୟ ସହର ପାଇଁ ଲାଭଦାୟକ ହେବ ବୋଲି ସିଲିକନ୍ ଭେଲିର ଏହି ଭାରତୀୟ ନେତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଦୁଇ ସହରର ପ୍ରାଶାସନିକ କାର୍ଯ୍ୟ ନେଇ ଆଲୋଚନା ହେବା ପରିପ୍ରେକ୍ଷୀରେ କୁପରଟିନୋ ନିଜର ପରିବେଶର ସୁରକ୍ଷା ପାଇଁ ନେଇଥିବା କେତେକ ପଦକ୍ଷେପ ନେଇ ସୂଚନା ଦେଇଥିଲେ ବୈଦ୍ୟନାଥନ୍। ସାଇକେଲ୍ ଚାଳନା, ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ଅଙ୍ଗାରକାମ୍ଳମୁକ୍ତ ଜାଳେଣିର ବ୍ୟବହାର, ଅକ୍ଷୟ ଉର୍ଜାଶକ୍ତିର ବ୍ୟବହାର ନେଇ କୁପରଟିନୋ ସହରରେ ହୋଇଥିବା ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସେହିପରି ଭୁବନେଶ୍ୱର ସ୍ମାର୍ଟ ସିଟିର ସ୍ମାର୍ଟ ସଲ୍ୟୁସନ୍, ଟ୍ରାନ୍‌ଜିଟ୍ ଓରିଏଣ୍ଟେଡ୍ ଡେଭ୍‌ଲପ୍‌ମେଣ୍ଟ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ସଂକ୍ରାନ୍ତରେ କୁପରଟିନୋ ମେୟରଙ୍କୁ ଅବଗତ କରାଯାଇଥିଲା। ଜମଜ ସହରର ମେୟରଙ୍କୁ ସ୍ୱାଗତ କରି ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା କହିଲେ, ଦୁଇ ସହରର ମଧ୍ୟରେ ଆଗାମୀ ଦିନରେ ସମ୍ପର୍କ ଅଧିକ ସୁଦୃଢ଼ ହେବ। ୨୪ଟି ଜାତୀୟ ଐତିହ୍ୟ ସ୍ଥଳୀ ଏବଂ ୩୦୦ ବର୍ଷରୁ ଅଧିକ ତିନି ପୁରାତନ କୀର୍ତ୍ତିରାଜି ଥିବା ଭୁବନେଶ୍ୱର ଉଭୟ ପ୍ରାଚୀନ ତଥା ଆଧୁନିକ ସହରର ଏକ ନିଆରା ଉଦାହରଣ ପାଲଟି ଥିବା ବେଳେ ସମଗ୍ର ବିଶ୍ୱକୁ ଦେଖାଇବା ଭଳି ଟେକ୍ନୋଲୋଜିର ସହର ଭାବରେ ଏହା ପରିଣତ ହେବାକୁ ଯାଉଛି ବୋଲି ବିଏମ୍‌ସି କମିଶନର ଡ. କ୍ରିଷନ୍ କୁମାର ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, କେନ୍ଦ୍ରୀୟ ବିଧାୟକ ବିଜୟ ମହାନ୍ତି, ଡେପୁଟି କମିଶନର କେ ଶାନ୍ତି ଓ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ। ଜମଜ ସହର ପରିକଳ୍ପନା କରିଥିବା କୁପରଟିନୋରେ ବସବାସ କରୁଥିବା ଓଡ଼ିଆ ନାଗରିକ ମହେଶ ପାକଳ ଓ ତାଙ୍କ ସହଧର୍ମିଣୀ ରୀନାରାଓ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୁପରଟିନୋ ମେୟର୍ ଶ୍ରୀମତୀ ବୈଦନାଥନ୍‌ଙ୍କୁ ବିଏମସିପକ୍ଷରୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ଏକ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

ପର୍ଯ୍ୟଟନ ଋତୁ

# ଆସ ବୁଲିଯିବା ଗୋଆ

ଉପସ୍ଥାପନା
ଜାହ୍ନବୀସୁତ

ଗତ ସପ୍ତାହରେ 'ଏକମାତ୍ରର' ଏହି ପୃଷ୍ଠାରେ ଗୋଆର ଅନ୍ୟତମ ପ୍ରମୁଖ ମନ୍ଦିର ଲକ୍ଷ୍ମୀନୃସିଂହ ମନ୍ଦିର ସମ୍ପର୍କରେ ଅନେକ ତଥ୍ୟ ପ୍ରକାଶ ପାଇଥିଲା। କିନ୍ତୁ ଏଥର ଆମେ ଆପଣଙ୍କୁ ଗୋଆ ଶାନ୍ତାଦୁର୍ଗା ମନ୍ଦିର ସମ୍ପର୍କରେ ସୂଚନା ଦେଉଛୁ। ପାଣାଜୀ ସହରରୁ ପ୍ରାୟ ୨୧ କିଲୋମିଟର ଦୂର କାଭେଲମ୍ ଗ୍ରାମରେ ଅବସ୍ଥିତ ଶାନ୍ତାଦୁର୍ଗା ମନ୍ଦିର। ଏହି ମନ୍ଦିରର ପରିବେଶ ଖୁବ୍ ଶାନ୍ତ କାନ୍ତ। ଶାନ୍ତାଦୁର୍ଗା ମନ୍ଦିରକୁ ସ୍ଥାନୀୟ ବାସିନ୍ଦାମାନେ ସାନ୍ତେରୀ ନାମରେ ମଧ୍ୟ ଡାକିଥାନ୍ତି। ଭାରତର ଅନ୍ୟ ମନ୍ଦିର ପରି ଏହି ମନ୍ଦିରର ଇତିହାସ ମଧ୍ୟ ସମାନ। ଅତୀତରେ ଏହି ମନ୍ଦିରଟି ପର୍ତ୍ତୁଗୀଜମାନଙ୍କ ଆକ୍ରମଣର ଶୀକାର ହୋଇଥିଲା। ଏଥିପାଇଁ ଏହି ମନ୍ଦିରଟିକୁ ସ୍ଥାନାନ୍ତରଣ ମଧ୍ୟ କରାଯାଇଥିଲା ବୋଲି ପ୍ରମାଣ ମିଳେ। ପ୍ରାୟ ୧୫୭୬ ମସିହା ବେଳକୁ ଏହି ସ୍ଥାନାନ୍ତରଣ କରାଯାଇଥିଲା। ମନ୍ଦିରର ପ୍ରକୃତ ସ୍ଥାନ ଥିଲା କ୍ୟୁଲେସିମ୍ ବା କେଲୋସି। ପର୍ତ୍ତୁଗୀଜମାନଙ୍କ ଆକ୍ରମଣ ପରେ ଏହା ବର୍ତ୍ତମାନର ସ୍ଥାନକୁ ସ୍ଥାନିତ ହୋଇଥିବା ଜଣାଯାଏ। ପ୍ରଥମେ ଏହା ଏକଛେ। ଟମାଟିରେ ନିର୍ମିତ ମନ୍ଦିରରେ ସ୍ଥାପନ କରାଯାଇଥିଲା କାଭେଲମ୍ ଗ୍ରାମରେ। ମରାଠା ଶାସକ ଛତ୍ରପତିଙ୍କ ସମୟରେ ମନ୍ଦିରର ୧୭୩୦ ମସିହା ବେଳକୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପୁନର୍ବାର ଏହି ମନ୍ଦିରର ପୁନଃ ନିର୍ମାଣ ୧୯୬୬ ମସିହା ବେଳକୁ କରାଯାଇଥିବାର ସୂଚନା ମିଳେ। ଶାନ୍ତାଦୁର୍ଗା ମନ୍ଦିରରେ ସୁଉଚ୍ଚ ଦୀପସ୍ତମ୍ଭ ଏବଂ ପରିସରରେ ଅତିଥିଶାଳା ମଧ୍ୟ ରହିଛି। ଗୋଆର ପ୍ରାୟ ସବୁ ମନ୍ଦିରରେ ଏଭଳି ବଡ ବଡ ଦୀପସ୍ତମ୍ଭ ରହିଥିବାର ଦେଖାଯାଏ। ମା' ଶାନ୍ତାଦୁର୍ଗାଙ୍କ ମନ୍ଦିରର ଏକ ବିଶେଷତ୍ୱ ମଧ ରହିଛି। ମା' ଶାନ୍ତାଦୁର୍ଗା ଦୁଇ ହାତରେ ଦୁଇଟି ସର୍ପ ଧରି ବିରାଜମାନ ହୋଇଛନ୍ତି। ମା' ଶାନ୍ତାଦୁର୍ଗା ହେଉଛନ୍ତି ଶାନ୍ତିର ପ୍ରତୀକ। ସେ ପୁଣି ହେଉଛନ୍ତି ମା'ପାର୍ବତୀଙ୍କର ଅନ୍ୟ ଏକ ରୂପ। ଶାନ୍ତାଦୁର୍ଗା ଦୁଇ ହାତରେ ଦୁଇଟି ସର୍ପ ଧରିବାର କାରଣ ହେଉଛି, ଦିନେ ମହାବିଷ୍ଣୁ ଓ ମହାଦେବଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା। ଆଉ ତାହା ଏତେ ଭୟଙ୍କର ଥିଲା ଯେ ପୃଥବୀପୃଷ୍ଠ ଧ୍ୱଂସ ହେବାର ସମ୍ଭାବନା ଦେଖାଦେଲା। ତେଣୁ ପରିଶେଷରେ ସୃଷ୍ଟିକର୍ତ୍ତା ବ୍ରହ୍ମା ମା' ପାର୍ବତୀଙ୍କୁ ପ୍ରାର୍ଥନା କଲେ ଏହି ଯୁଦ୍ଧକୁ ରୋକିବା ପାଇଁ।



ଶେଷରେ ପୃଥିବୀକୁ ରକ୍ଷା କରିବା ପାଇଁ ଓ ଶାନ୍ତି ସ୍ଥାପନ ପାଇଁ ମା' ପାର୍ବତୀ ଶାନ୍ତାଦୁର୍ଗା ରୂପ ନେଇଥିଲେ। ନିଜ ଡାହାଣ ହାତରେ ପାର୍ବତୀ ବିଷ୍ଣୁଙ୍କୁ ବଶ କରିଥିଲେ, ଆଉ ନିଜ ବାମ ହସ୍ତରେ ସେ ଦେବ ଦେବ ମହାଦେବଙ୍କୁ ବଶ କରିଥିଲେ ଏବଂ ଦୁହିଁଙ୍କ ମଧ୍ୟରେ ଚାଲିଥିବା ଯୁଦ୍ଧ ଶାନ୍ତ ପଡିଥିଲା। ମା'ଶାନ୍ତାଦୁର୍ଗାଙ୍କ ମଧ୍ୟସ୍ଥତାରେ ଶାନ୍ତ ପଡିଥିବାରୁ ପ୍ରତୀକ ସ୍ୱରୂପ ମାତାଙ୍କ ଦୁଇ ହାତରେ ସର୍ପ ବିରାଜମାନ କରିଛନ୍ତି। ତେଣୁ ଶାନ୍ତିସ୍ୱରୂପିଣୀ ମା'ଶାନ୍ତାଦୁର୍ଗା ହିଁ ଏହି ମନ୍ଦିରର ଆରାଧ୍ୟା ଦେବୀ। ତେଣୁ ଶାନ୍ତାଦୁର୍ଗାଙ୍କ ଦର୍ଶନ ମାତ୍ରେ ପରିବାରରେ ଶାନ୍ତି ରହିଥିବାର ଜନଶ୍ରୁତି ଶୁଣିବାକୁ ମିଳିଥାଏ। ଏହା ପ୍ରତ୍ୟେକ ହିନ୍ଦୁଙ୍କ ପାଇଁ ନିଶ୍ଚୟ ଏକ ଆଧାତ୍ମିକ ପୀଠ।

(କ୍ରମଶଃ...)



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୦୧୮ ସୁଦ୍ଧା ...

ଟିଡିଆର୍ ନିୟମ ଅନୁଯାୟୀ ଜମି ହରାଉଥିବା ଲୋକଙ୍କୁ କ୍ଷତିପୂରଣ ଦିଆଯିବ। ନୂଆ ଟିଡିଆର୍ ନିୟମ ଅନୁଯାୟୀ ବିସ୍ଥାପିତ ଲୋକଙ୍କୁ କ୍ଷତିପୂରଣ ବାବଦରେ ଆର୍ଥିକ ସହାୟତା ବଦଳରେ ଏକ ପ୍ରମାଣପତ୍ର ଦିଆଯିବ। ସେହି ପ୍ରମାଣପତ୍ର ଦ୍ୱାରା ବିସ୍ଥାପିତ ଲୋକେ ନିଜ ଜମି ଆକାରର ସମାନ କ୍ଷେତ୍ରଫଳ ବିଶିଷ୍ଟ ଜମି ବିଡିଏ ଠାରୁ ଯେ କୌଣସି ସମୟରେ ମାଗଣାରେ ପାଇପାରିବେ। ଯଦି ବିସ୍ଥାପିତ ଲୋକଟି ନିଜେ ବ୍ୟବହାର ନକରି ଟିଡିଆର୍ ପ୍ରମାଣପତ୍ରଟି ହସ୍ତାନ୍ତର କରିବାକୁ ଇଚ୍ଛା କରେ, ତେବେ ଏହାକୁ ହସ୍ତାନ୍ତର କରିପାରିବ। କୌଣସି ବିଲଡର୍‌କୁ ବିକ୍ରି ମଧ୍ୟ କରିପାରିବ। ଯଦି ଜମି ହରାଉଥିବା ଲୋକଟି ଟିଡିଆର୍ ପ୍ରମାଣପତ୍ର ବଦଳରେ ଟଙ୍କା ନେବାକୁ ଇଚ୍ଛା କରିବ, ତେବେ ତାକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବାକୁ ବ୍ୟବସ୍ଥା ରହିଛି। ୬୫ କିମି ରିଙ୍ଗ୍ ରୋଡ୍ ପାଇଁ ୭୬୦ ଏକର ଜମି ଆବଶ୍ୟକ ହେଉଥିଲା ବେଳେ ଏହା ମଧ୍ୟରୁ ୬୯୦ ଏକର ଘରୋଇ ମାଲିକାନାରେ ରହିଛି। ଏହି ୬୫ କିମି ବ୍ୟାପୀ ରିଙ୍ଗ୍‌ରାଡ୍ ପାଇଁ ବିଡିଏ ୧୨୦୦ କୋଟି ଟଙ୍କା ଖର୍ଚ୍ଚ କରିବ। ଏହି ରିଙ୍ଗ୍ ରୋଡ୍ ଦ୍ୱାରା ଉତ୍ତରରେ ନନ୍ଦନକାନନ ଠାରୁ ପୂର୍ବରେ ପାହାଳ, ଦକ୍ଷିଣରେ ଧଉଳି ଓ ପଶ୍ଚିମରେ ତମାଣ୍ଡୋକୁ ସଂଯୋଗ କରିବ। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ପାହାଳରେ ୬.୩୦୪ ଏକର, ଦାଢ଼ାପାଟଣାରେ ୫.୫୪୨ ଏକର, ହରିଦାସପୁରରେ ୧୧.୬୬୫ ଏକର, ବଙ୍ଗୁଆରୀରେ .୦୪୬ ଏକର, ମଞ୍ଚେଶ୍ୱରରେ .୯୩୦ ଏକର, ସଦେଇପୁରରେ ୨.୩୦୨ ଏକର, ଗେଲପୁରରେ ୫.୫୩୦ଏକର, ବିଜିପୁରରେ୨.୯୯୯ଏକର, ନଖୁଆରପାଟଣା .୦୫୪ ଏକର, ଗୋବର୍ଦ୍ଧନପୁରରେ ୨.୩୫୧ ଏକର, ଗୋପୀନାଥପୁରରେ ୪.୧୮୯ ଏକର, ଧଉଳିରେ ୨.୮୨୭ଏକର ଓ ଉତ୍ତରଶାସନରେ ୫.୬୭୭ ଏକର ଜମି ଅଧିଗ୍ରହଣ କରିବାକୁ ବିଡିଏ ଚିହ୍ନଟ କରିଛି। ବିଡିଏ ଉପାଧ୍ୟକ୍ଷ ଡ. କ୍ରିଷନ କୁମାର କହିଛନ୍ତି, ରିଙ୍ଗ୍ ରୋଡ୍ ପ୍ରକଳ୍ପକୁ ବିଡିଏ ପ୍ରାଥମିକତା ଭିତ୍ତିରେ ନିର୍ମାଣ କରିବାକୁ ଯାଉଛି। ଏହା ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବ। ସହରର ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ରିଙ୍ଗରୋଡ୍ ଏକ ଅଂଶ ବିଶେଷ ହେବ। ଜମି ଅଧିଗ୍ରହଣ ଏକ ବିଳମ୍ବିତ ପ୍ରକ୍ରିୟା ହୋଇଥିଲେ ମଧ୍ୟ ୨୦୧୮ ସୁଦ୍ଧା ରିଙ୍ଗରୋଡ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଡିଏ ଉପାଧ୍ୟକ୍ଷ ଡ. କ୍ରିଷନ୍ କୁମାର କହିଛନ୍ତି।

### ନବୀନ ...

କହିଥିଲେ କଂଗ୍ରେସ ଓ ଭାରତୀୟ ଜନତା ପାର୍ଟି ଠାରୁ ସମଦୂରତା ରକ୍ଷା କରିବ ବିଜେଡି। ହେଲେ ଗତ ୨୩ ତାରିଖ କ୍ୟାବିନେଟ୍ ବୈଠକ ଦିନ ଦାମବାବୁ କଂଗ୍ରେସ ସହ ବିଜେଡିର ନିର୍ବାଚନୀ ମେଣ୍ଟ ପ୍ରସ୍ତାବ ରଖି ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି କରିଥିଲେ। ଯାହାଫଳରେ ରାଜ୍ୟରେ ବିଜେପିର ଉତ୍ଥାନକୁ ସାମ୍ନା କରିବାକୁ ସାହାସ ବିଜେଡିର ନାହିଁ ବୋଲି ଜଣାପଡିଛି। ଦଳୀୟ ଦୁର୍ବଳତା ପଦାରେ ପଡିବା ପରେ ଉଭୟଙ୍କର ବିରୋଧାଭାସ ଭିତରେ ପଡି ଦାମବାବୁ ପୁଣି ଥରେ ଛେପ ଢୋକି ମଙ୍ଗଳବାର ନିଜ ମତ ବଦଳାଇଥିଲେ। ଭାଜପା ଏକ ସାଂପ୍ରଦାୟିକ ଦଳ ଓ କଂଗ୍ରେସ ଏକ ଧର୍ମ ନିରପେକ୍ଷ ଦଳ କହିଥିବା ଦାମବାବୁ ପୁନର୍ବାର ନିଜକୁ କଂଗ୍ରେସ ବିରୋଧୀ କହିବା ଅତ୍ୟନ୍ତ ହାସ୍ୟାସ୍ପଦ। ଦାମଙ୍କ ମନ୍ତବ୍ୟକୁ ବିରୋଧ କରି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଟୁଇଟ୍ କରି କହିଛନ୍ତି ଯେ, ୮୦ ରୁ ୯୦ ଦଶକରେ କଂଗ୍ରେସର ଅପଶାସନକୁ ବିରୋଧ କରି ଯେଉଁମାନେ ଦଳ ଗଢ଼ିବାକୁ ସହାୟତାର ହାତ ବଢ଼ାଇଥିଲେ, ସେମାନେ କେହି ଦାମବାବୁଙ୍କ ପ୍ରସ୍ତାବକୁ ହଜମ କରିବେନାହିଁ। ବୈଜୟନ୍ତ ଏକା ନୁହନ୍ତି, ବିଜେଡିର ବହୁ ନେତା, ମନ୍ତ୍ରୀ ମଧ ଦାମବାବୁଙ୍କ ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି। କିନ୍ତୁ ଭାଜପାକୁ ସାଂପ୍ରଦାୟିକ କହି ଓଡ଼ିଶାରେ କ୍ଷମତାରୁ ଦୂରେଇ ରଖିବା ପାଇଁ ଦାମବାବୁଙ୍କ ପ୍ରସ୍ତାବ ଦ୍ୱାରା ବିଜେଡିର ଦୁର୍ବଳତା ସାମ୍ନାକୁ ଆସିଲା। ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହାଙ୍କ ଓଡ଼ିଶାରେ ୧୨୦+ ପଦ୍ମ ଜିତିବାର ଦମ୍ଭୋକ୍ତିକୁ ପ୍ରତିହତ କରିବା ସହଜ ମନେ ନହେବାରୁ ଦାମବାବୁ ଏଭଳି ମେଣ୍ଟ ପ୍ରସ୍ତାବ ଦେଲେ ବୋଲି ମଧ ଚର୍ଚ୍ଚା ଜୋର ଧରିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ଭର୍ତ୍ତୃହରି ଯେଉଁ ସମୟରେ ଏଭଳି ପ୍ରସଙ୍ଗ ଉଠାଇଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। ଯେଉଁଥିପାଇଁ ବିବୃତି ମଧ ଜାରି କରିଥିଲେ। ହେଲେ ଦାମବାବୁ ଯେଉଁଭଳି ବିବାଦୀୟ ମନ୍ତବ୍ୟ ଦେଲେ ତାହାକୁ ସିଧାସଳଖ ଖଣ୍ଡନ ନକରି ମୁଖ୍ୟମନ୍ତ୍ରୀ କେବଳ ଚିରାଚରିତ ଢଙ୍ଗରେ ଟୁଇଟ୍ କଲେ ଯେ, କଂଗ୍ରେସ ଓ ଭାଜପା ଠାରୁ ସମଦୂରତା ବଜାୟ ରଖିବ ବିଜେଡି। କିନ୍ତୁ କଂଗ୍ରେସ ସହ ମେଣ୍ଟ ହେବ କି ନା ମୁଖ୍ୟମନ୍ତ୍ରୀ ତାହା ସ୍ପଷ୍ଟ କରିନାହାନ୍ତି। ହେଲେ ନବୀନଙ୍କ ଟୁଇଟ୍ ପରେ ଦାମଙ୍କ ମତ ଖାରଜ ହୋଇଥିବା ଜଣାପଡିଛି।

### ଅଶାଳୀନ ...

ଏବେ ବିଭିନ୍ନ ଆଡୁ ଚାପ ବଢ଼ିବା ପରେ ଦାମ ଚିରାଚରିତ ଢଙ୍ଗରେ ମୁଁ ଏହା କହିନାହିଁ ବୋଲି ସଫେଇ ଦେବା ସହ କଥା ଛଳରେ ଏହା କହିଥିଲି ବୋଲି କହିଛନ୍ତି।

ବିଜେପି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି 'ସ୍ୱାମୀ ଛାଡି ଅଙ୍ଗନୱାଡ଼ି' ବୋଲି ଯାଜପୁରର ଏକ ଦଳୀୟ ସଭାରେ ସର୍ବସମ୍ମୁଖରେ ଦାମ ଦେଇଥିବା ମନ୍ତବ୍ୟକୁ ନେଇ ବହୁ ନେତା ଓ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲା ବେଳେ ରାଜ୍ୟର ତିନିଜଣ ବରିଷ୍ଠ ମନ୍ତ୍ରୀ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ଦାମବାବୁ ଏଭଳି କହିବା ଆଦୌ ଠିକ୍ ହୋଇନି। ସମସ୍ତଙ୍କ ପାଇଁ ଲକ୍ଷ୍ମଣରେଖା ରହିବା ଉଚିତ୍ ଏବଂ ଏଥିରୁ ରାଜନେତାମାନେ ବାଦ୍‌ଯିବା ଉଚିତ୍ ନୁହେଁ। ସେହିପରି ବରିଷ୍ଠ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ଦାମବାବୁ ଜଣେ ପୋଖତ ନେତା। ସେ ଏଭଳି କହିବା ଉଚିତ୍ ନଥିଲା। କେଉଁ ପରିପ୍ରେକ୍ଷୀରେ ସେ ଏହା କହିଲେ ତାହା ମୋତେ ଜଣାନାହିଁ। ସେହିଭଳି ମନ୍ତ୍ରୀ ଅନନ୍ତ ଦାସ ମଧ ଡା. ରାଉତଙ୍କ ମନ୍ତବ୍ୟକୁ ନାପସନ୍ଦ କରି କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତିଙ୍କର କଥାବାର୍ତ୍ତାରେ ଶାଳୀନତା ରହିବା ଦରକାର। ଦାମବାବୁ ଯାହା କୁହନ୍ତି ସମାଜକୁ ତା'ର ବିଭିନ୍ନ ଅର୍ଥ ଯାଏ। ଯଦି ସେ ଏଭଳି କଥା କହିଥାନ୍ତି, ତାହା ତାଙ୍କର କହିବା ଠିକ୍ ହୋଇନାହିଁ। ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେବା ପରେ ଡା. ରାଉତ ତାଙ୍କୁ କଟାକ୍ଷ କରି କହିଛନ୍ତି ଯେ, ସୂର୍ଯ୍ୟ ରାମରେଖା ଭିତରେ ରୁହନ୍ତି। ଯେତେବେଳେ ନବୀନଙ୍କୁ ଧୃତରାଷ୍ଟ୍ର ଏବଂ ତାଙ୍କୁ ଶିଖଣ୍ଡି କୁହାଯାଉଥିଲା ସେତେବେଳେ ଶ୍ରୀ ପାତ୍ର ଥିଲେ କୁଆଡେ? ଯେତେବେଳେ ସିଏ ଓଡ଼ିଶାର ମହିଳାମାନେ ଗୁଜୁରାଟରେ କ'ଣ କରୁଛନ୍ତି ବୋଲି କହିଥିଲେ ସେତେବେଳେ ସୂର୍ଯ୍ୟ କାହିଁକି ଚୁପ୍ ରହିଥିଲେ। ତେବେ ଏହି ପ୍ରସଙ୍ଗରେ ବିଜେଡି ମୁଖପାତ୍ର ପ୍ରଶାନ୍ତ ନନ୍ଦ କିଛି କହିବାକୁ ମନା କରିଥିବା ବେଳେ ଅନ୍ୟଜଣେ ମୁଖପାତ୍ର ସମୀର ଦାଶ କହିଛନ୍ତି, ଡା. ରାଉତ ସ୍ପଷ୍ଟୀକରଣ ଦେଇସାରିଥିବାରୁ ଏହି ପ୍ରସଙ୍ଗରେ ଅଧିକ କିଛି କହିବା ଅନୁଚିତ୍। ଦାମ କିନ୍ତୁ କହିଛନ୍ତି, ତାଙ୍କ ମୁହଁରୁ ବାହାରି ଯାଇଥିବା କଥାକୁ ନେଇ ଗଣମାଧମ ବେଶୀ ପ୍ରଚାର ନକରୁ। ସୂଚନାଯୋଗ୍ୟ, ଏହି ପ୍ରସଙ୍ଗରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଦାମଙ୍କ ସରକାରୀ ବାସଭବନରେ ଧସେଇ ପଶିବାକୁ ଉଦ୍ୟମ କରାଯାଇଥିବା ବେଳେ ଅଲ୍ ଓଡ଼ିଶା ଲେଡିଜ ୱାର୍କର୍ସ ଆସୋସିଏସନ ପକ୍ଷରୁ ପିଏମ୍‌ଜି ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏପରିକି କଂଗ୍ରେସ ମଧ ଦାମବାବୁଙ୍କ ମନ୍ତବ୍ୟକୁ ନାପସନ୍ଦ କରିଛି। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ କହିଛନ୍ତି, 'ଦାମ ଭାଇ ଜଣେ ସିନିଅର ଲୋକ। ସେ ମହାଜ୍ଞାନୀ ଓ ମହାପଣ୍ଡିତ। କିନ୍ତୁ ଦାମ ଭାଇ ଯାହାଙ୍କ ପାଇଁ ଏକଥା କହିଛନ୍ତି ସେ ତାଙ୍କ ନାତୁଣୀ ବୟସର। ନାତୁଣୀ ହିସାବରେ କ'ଣ ଗୋଟାଏ ପାଟିରୁ ବାହାରି ଯାଇଛି। ଏଇଟା କ'ଣ ଗୋଟେ ବିରାଟ ଭୁଲ୍। ହେଲେ ଭୁଲ୍‌ଟା ହୋଇଯାଇଛି। ଜଣେ ସିନିଅର ଲୋକ ହିସାବରେ ଦାମ ଭାଇ ଏଭଳି କହିବାଟା ଠିକ୍ ହୋଇନି। ସେ ସୀମା ଭିତରେ ରହିବା ଉଚିତ୍।

### ମସ୍ତିଷ୍କ କାମ ...

ଏହା ଏକ ବିରଳ ଅସ୍ତ୍ରୋପଚାର ଏବଂ ଏଥିପାଇଁ ଏମ୍ସର ଡାକ୍ତରୀ ଦଳ ଅକ୍ଲାନ୍ତ ପରିଶ୍ରମ କରିଥିବା ସେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ନ୍ୟୁରୋ ବିଶେଷଜ୍ଞ ଏସ୍‌ଏସ୍ କାଲେ କହିଛନ୍ତି, ଜଗା-ବଳିଆଙ୍କ କାହାଣୀର ପରିସମାପ୍ତି ଘଟିନାହିଁ। କାରଣ ଅପରେସନ୍ ଅପେକ୍ଷା ଅପରେସନ୍ ପରବର୍ତ୍ତୀ ସମୟ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଭୟ ଶିଶୁ କିଭଳି ସୁସ୍ଥ ରହିବେ ଓ ଆରୋଗ୍ୟ ଲାଭ କରିବେ, ତାହା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ବୁଧବାର ସକାଳ ସାଢ଼େ ୯ଟାରେ ଆରମ୍ଭ ହୋଇଥିବା ଏହି ଅପରେସନ୍ ରାତି ୮ଟା ୪୫ ପର୍ଯ୍ୟନ୍ତ ଚାଲିଥିଲା ବୋଲି କହିଥିଲେ ଟିମ୍‌ର ନେତୃତ୍ୱ ନେଇଥିବା ଡାକ୍ତର ଅଶୋକ ମହାପାତ୍ର। ଅଲଗା ହେବା ପରେ ୨ଜଣଙ୍କ ମୁଣ୍ଡର ଉପରି ଭାଗରେ ଖପୁରି କିମ୍ବା ଚର୍ମ ନଥିଲା। ପ୍ଲାଷ୍ଟିକ୍ ସର୍ଜରୀ ମାଧ୍ୟମରେ ଏହାର ପ୍ରତିରୋପଣ ପାଇଁ ୪ରୁ ୫ ଘଣ୍ଟା ସମୟ ଲାଗିଥିଲା। ରାତି ୨.୩୦ମିନିଟ୍‌ରେ ଏହି ଶିଶୁ ଦ୍ୱୟଙ୍କୁ ଅପରେସନ୍ ଥିଏଟର(ଓଟି) ନିକଟସ୍ଥ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିବା ସେ କହିଛନ୍ତି। ଏଥିପାଇଁ ୨୦ ଜଣ ନ୍ୟୁରୋ ସର୍ଜନ୍ ଏବଂ ୧୦ ଜଣ ଆନାସ୍ଥେସିଆ ସ୍ପେଶିଆଲିଷ୍ଟ କାର୍ଯ୍ୟରେ ଲାଗିଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଆଗାମୀ କିଛି ଘଣ୍ଟା ଉଭୟ ଶିଶୁଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଯୋଡ଼ାମୁଣ୍ଡ ଶିଶୁଙ୍କ ମୁଣ୍ଡ ଅଲଗା ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମ୍ସ ଡାକ୍ତରୀ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ବିଶିଷ୍ଟ ନ୍ୟୁରୋ ସର୍ଜନ ଡା. ଅଶୋକ ମହାପାତ୍ରଙ୍କ ନେତୃତ୍ୱରେ ଏହି ଟିମ୍ ଚମତ୍କାର କାମ କରିଛନ୍ତି ବୋଲି ସେ ଟ୍ୱିଟ୍ କରି କହିଛନ୍ତି ମୁଖ୍ୟମନ୍ତ୍ରୀ। ଦୁହିଁଙ୍କର ଚିକିତ୍ସାରେ ଅର୍ଥ ବାଧକ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଏହି ଦୁଇ ଶିଶୁଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହିତ ଓଡ଼ିଶାର ବିଭିନ୍ନ ସ୍ଥାନ ତଥା କନ୍ଧମାଳର ବିଭିନ୍ନ ଧର୍ମପୀଠ ଏବଂ ବିଦ୍ୟାଳୟମାନଙ୍କରେ ଜଗା-ବଳିଆଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ପୂଜାପାଠ ଏବଂ ଦୀପଦାନ କାର୍ଯ୍ୟକ୍ରମ ଚାଲିଛି।

### 'ମୋ କାର୍ଯ୍ୟ ...

ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଁ କାମରେ ବିଶ୍ୱାସ କରେ, ମୋର କାମ ରାଜ୍ୟର ସାଢ଼େ ୪ କୋଟି ଜନତାଙ୍କ ମାଧ୍ୟମରେ ପ୍ରତିଫଳିତ। ରାଜ୍ୟର ବିକାଶ ପାଇଁ ୩ଟି ଫର୍ମୁଲା 'ଟେକ୍ନୋଲୋଜି,ଟ୍ରାନ୍ସପାରେନ୍ସି ଓ ଟିମ୍‌ୱର୍କ'କୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ। ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବାକୁ ମୋର ସ୍ୱପ୍ନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରର ଉଦ୍‌ଯାପନୀ ଉତ୍ସବରେ ଇଣ୍ଡିଆ ଟୁଡେ ସମ୍ପାଦନା ବିଭାଗ ନିର୍ଦ୍ଦେଶକ ରାଜ ଚେଙ୍ଗାପା ସ୍ୱାଗତ ଭାଷଣ କରିଥିଲେ ଏବଂ ଇଣ୍ଡିଆ ଟୁଡେ ନିର୍ଦ୍ଦେଶକ ଅରୁଣ ପୁରୀ ଏଠାରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଦିବସବ୍ୟାପୀ ବିଭିନ୍ନ ସମ୍ମାନ୍ନ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି ସଂକ୍ରାନ୍ତୀୟ ଆଲୋଚନାରେ ମନ୍ତ୍ରୀ ଦାମୋଦର ରାଉତ, ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍‌ର ନିର୍ଦ୍ଦେଶକ ଶ୍ରୀଜିତ୍ ମିଶ୍ର, ଏନ୍‌ଆରଏଏ ମୁଖ୍ୟ ନିର୍ବାହୀ ଅଶୋକ ଦଲୱାଇ ପ୍ରମୁଖ ଭାଗ ନେଇଥିଲେ। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନାରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ପଟ୍ଟନାୟକ, ସାହିତ୍ୟିକ ଗୌରହରି ଦାସ, ଜତୀନ୍ଦ୍ର ନାଏକ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରମ୍ୟାନ୍ ବିଜୟ କୁମାର ସାହୁ ଏବଂ ପ୍ରଶାସନିକ ବ୍ୟବସ୍ଥା ସଂକ୍ରାନ୍ତ ଆଲୋଚନାରେ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆରବାଲ୍ କ୍ରିଷ୍ଣନ, ସ୍ୱତନ୍ତ୍ର ସଚିବ ଏକେ ମୀନା ଓ ସାଂସ୍କୃତିକ ଅଭ୍ୟୁଦୟ ସଂକ୍ରାନ୍ତ ଆଲୋଚନାରେ ଡ.ପ୍ରିୟମ୍ବଦା ମହାନ୍ତି ହେଜମାଦି, କବି କେଦାର ମିଶ୍ର, ରତିକାନ୍ତ ମହାପାତ୍ର, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନା କରିଥିଲେ। ସେହିଭଳି ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧକ୍ଷ ସୁବ୍ରତ ବାଗଚି ଏବଂ ଅନ୍ୟଏକ ଆଲୋଚନାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ବିଜେଡି ମୁଖପାତ୍ର ଡ.ସସ୍ମିତ ପାତ୍ର ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସମ୍ମାନିତ କରିଥିଲେ।

### 'ବ୍ଲୁ ହ୍ୱେଲ୍ ...

ବ୍ଲୁହ୍ୱେଲ୍ ଚ୍ୟାଲେଞ୍ଜ୍, ଚୋକିଂ ଗେମ୍, ସଲ୍ଟ ଆଣ୍ଡ୍ ଆଇସ୍ ଚ୍ୟାଲେଞ୍ଜ୍, ଫାୟାର୍ ଚ୍ୟାଲେଞ୍ଜ୍, କଟିଂ ଚ୍ୟାଲେଞ୍ଜ୍, ଆଇବଲ୍ ଚ୍ୟାଲେଞ୍ଜ୍ ଓ ହ୍ୟୁମାନ୍ ଏମ୍ବ୍ରଇଡେରୀ ଗେମ୍ ଭଳି ପ୍ରାଣଘାତୀ ଅନ୍-ଲାଇନ୍ ଗେମ୍‌ଗୁଡ଼ିକୁ ରୋକିବା ପାଇଁ ଫାୟାରୱାଲ୍‌ର ବ୍ୟବସ୍ଥା କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରି ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ବ୍ଲୁହ୍ୱେଲ୍ ଚ୍ୟାଲେଞ୍ଜ୍ ଖେଳି ରୁଷ୍‌ରେ ୧୩୦ ଯୁବକଯୁବତୀ ଆତ୍ମହତ୍ୟା କରିଛନ୍ତି।

### ଯୁଦ୍ଧ ପାଇଁ ...


ବିଗତ ୫ ବର୍ଷରେ ଜିନ୍‌ପିଙ୍ଗ୍ ଦୁର୍ନୀତି ବିରୋଧରେ ଦୃଢ଼ ପଦକ୍ଷେପ ନେଇଥିଲେ। ଲକ୍ଷାଧିକ ଅଧିକାରୀଙ୍କୁ ଦଣ୍ଡିତ କରାଯାଇଥିଲା। ଅନୁଷ୍ଠିତ ସିଏମ୍‌ସି ବୈଠକରେ କେତେକ ଉଚ୍ଚ ପଦାଧିକାରୀ ଅନୁପସ୍ଥିତ ଥିଲେ ବୋଲି ହଂକଂରୁ ପ୍ରକାଶ ପାଉଥିବା ଦକ୍ଷିଣ ଚୀନ ମର୍ଣ୍ଣିଂ ପୋଷ୍ଟ୍‌ରେ କୁହାଯାଉଛି। ରାଷ୍ଟ୍ରାୟତ୍ତ ଟିଭି ଚ୍ୟାନେଲ୍ 'ସିସି ଟିଭି' ରିପୋର୍ଟ ଅନୁଯାୟୀ, ପୂର୍ବତନ ଚିଫ୍ ଅଫ୍ ଜେନେରାଲ ଷ୍ଟାଫ୍ ଜେନେରାଲ ଫାଙ୍ଗ୍ ଫେଙ୍ଗୁଇ ଏବଂ ପଲିଟିକାଲ୍ ୱାର୍କ ବିଭାଗ ନିର୍ଦ୍ଦେଶକ ଜେନେରାଲ ଝାଙ୍ଗ୍ ୟାଙ୍ଗ୍ ଅନୁପସ୍ଥିତ ଥିଲେ। ଏହି ଦୁଇଜଣ ମୁଖ୍ୟ ଅଧିକାରୀ ଜିନ୍‌ପିଙ୍ଗଙ୍କ ପ୍ରଥମ ୫ ବର୍ଷ କାର୍ଯ୍ୟକାଳରେ ସିଏମ୍‌ସିରେ ସ୍ଥାନ ପାଇଥିଲେ। କିନ୍ତୁ ପରେ ପିଏଲ୍‌ଏ ପ୍ରତିନିଧି ତାଲିକାରୁ ସେମାନଙ୍କ ନାମ ବାଦ୍ ପଡ଼ିଥିଲା। ଗତମାସରେ ଦୁର୍ନୀତି ଅଭିଯୋଗରେ ଏହି ଦୁଇଜଣ ଜେନେରାଲଙ୍କୁ ଗୋଟିଏ ଦିନରେ ହଟାଇ ଦିଆଯାଇଥିଲା। ବରିଷ୍ଠ ସେନା ଅଧିକାରୀଙ୍କ ସହ ଜିନ୍‌ପିଙ୍ଗ୍ ଆଲୋଚନା କଲାବେଳେ ଦଳ ପ୍ରତି ସମ୍ପୂର୍ଣ୍ଣ ଅନୁଗତ ରହିବାକୁ ପରାମର୍ଶ ଦେଇଥିଲେ। ଯୁଦ୍ଧରେ କିଭଳି ବିଜୟ ଲାଭ କରିହେବ ଏବଂ କମାଣ୍ଡିଂ ୟୁନିଟ୍‌ଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିର ଉପଯୋଗ କରି ଉନ୍ନତ କରିବାକୁ ପଡ଼ିବ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଯୁଦ୍ଧ ପାଇଁ ପ୍ରସ୍ତୁତି ସ୍ୱରୂପ ଅଭ୍ୟାସ ଅଭିଯାନ ଜାରି ରଖିବା ସହ ଜାତୀୟ ପ୍ରତିରକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

### ମରୁଡ଼ି ପ୍ରଭାବିତ ...

କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ବ୍ୟତୀତ ଅନ୍ୟ ପ୍ରକୃତ ଚାଷୀଙ୍କୁ ମଧ ଏହି ପରିମାଣର ସବ୍‌ସିଡି ଅର୍ଥ ମିଳିବ କିନ୍ତୁ ଏହା କେବଳ ଦୁଇ ହେକ୍ଟରରେ ସୀମିତ ରହିବ। ମରୁଡ଼ି ପ୍ରଭାବିତ ଚାଷୀମାନଙ୍କୁ ରବି ଚାଷ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହିତ ୩୩ ପ୍ରତିଶତରୁ ଅଧିକ ମରୁଡ଼ିଜନିତ କ୍ଷତି ହୋଇଥିଲେ ଚାଷୀମାନେ ଖରିଫ୍ ଋତୁରେ ନେଇଥିବା ସ୍ୱଳ୍ପ ଅବଧି ଋଣ ମଧ୍ୟମ ଅବଧିରେ ଋଣରେ ପରିଣତ ହେବ। ଏହି ଋଣ ଅବଧି ଆସନ୍ତା ବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଋଣ ଅବଧି ବୃଦ୍ଧି କରାଯିବା ପରେ ଏହାର ସୁଧର ପରିମାଣ ୩ ପ୍ରତିଶତ କରିବାକୁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ଅନୁରୋଧ କରିବେ। ସେହିପରି ଫସଲହାନି କାରଣରୁ ଗାଁଗଣ୍ଡାର ଚାଷୀ ଯେଭଳି ଭାବରେ ସାହୁକାର ଏବଂ ସୁଧ ବେପାରୀଙ୍କ ଶୋଷଣର ଶିକାର ନହୁଅନ୍ତି ସେନେଇ କଡ଼ା ନଜର ରଖିବା ପାଇଁ ଜିଲ୍ଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମରୁଡ଼ି ପ୍ରଭାବିତ ଅଞ୍ଚଳରେ ୧.୨୫ ଲକ୍ଷ ପଲସ(ଡାଲିଜାତୀୟ ଫସଲ) ମିନିକିଟ୍, ୫୦ ହଜାର ଅଏଲ୍ ସିଡ୍(ତୈଳବୀଜ)ମିନି କିଟ୍ ଏବଂ ୨୫ ହଜାର ପନିପରିବା ମିନି କିଟ୍ ଚାଷୀଙ୍କୁ ଯୋଗାଇ ଦିଆଯିବ। ସେହିପରି ଚାଷୀମାନଙ୍କୁ ୫ ହଜାର ପାଣିପମ୍ପ ୫୦% ରିହାତିରେ ଯୋଗାଇ ଦିଆଯିବ। ଉଠା ଜଳସେଚନ ନିଗମ ମାଧ୍ୟମରେ ଜଳସେଚନ ପଏଣ୍ଟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ଷମ କରାଯିବା ସହିତ ପଡ଼ି ରହିଥିବା ଡିପ୍ ବୋର୍‌ୱେଲ୍ ପ୍ରକଳ୍ପଗୁଡ଼ିକୁ ଚାଲୁ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ଅକ୍ଟୋବର ୩୦ - ୦୫ ନଭେମ୍ବର, ୨୦୧୭
Bhubaneswar, Oct. 30th -05th November, 2017





SHREE KRISHNA
INTERNATIONAL SCHOOL
CITY OFFICE & CAMPUS
11, Kolathia, Khandagiri, Bhubaneswar-30, Odisha
Main Campus : 96, Malipada, Bhubaneswar-03, Odisha
Contact :+91 - 8260022022, 0674-6502244
Email : skise.odisha@gmial.com
Web : www.skisbbsr.org

### ସରିଲା ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବ

# ପାଇକ ରେଜିମେଣ୍ଟ ଗଠନ ଦାବି ଉଠାଇଲେ ଶିଶିର





**ଭୁବନେଶ୍ୱର :** ଓଡ଼ିଶାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ରୂପରେଖ ଦେବା ପାଇଁ ଏବେ ଉପଯୁକ୍ତ ସମୟ। ଏ ଦିଗରେ କେନ୍ଦ୍ର ସରକାର ଯଥେଷ୍ଟ ସହଯୋଗ ଦେଇଛନ୍ତି। ତେଣୁ ଓଡ଼ିଶା ନୂଆ ଇତିହାସ ଲେଖାଯିବାକୁ ଏବେ ପ୍ରକୃଷ୍ଟ ସମୟ ଆସିଯାଇଛି ବୋଲି ସ୍ଥାନୀୟ ଉତ୍କଳ ମଣ୍ଡପରେ ସାମରିକ ପରମ୍ପରା ଓ ସାଂସ୍କୃତିକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ। ଏଥିସହିତ ଜୁଏଲ କହିଥିଲେ, ଏଭଳି ଉତ୍ସବ ଦ୍ୱାରା ଓଡ଼ିଶାର ଯୁବପିଢ଼ି ଏବଂ ଛାତ୍ରଛାତ୍ରୀମାନେ ପାଇକମାନଙ୍କ ଦକ୍ଷତା ଏବଂ ରାଜ୍ୟର ସମରକଳା ବିଷୟରେ ଅଧିକ ଜାଣିପାରିବେ। ଫଳରେ ରାଜ୍ୟର ଐତିହ୍ୟ ଏବଂ ପରମ୍ପରା ସମଗ୍ର ବିଶ୍ୱ ଦରବାରରେ ପହଞ୍ଚି ପାରିବ। ଏହି ଅବସରରେ ବିଜେପିର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ କହିଲେ, ଲଢେଇ ଚାଲିଥିଲା ଏବଂ ଚାଲିବ। ଏଥିପାଇଁ ଏକତାର ଆବଶ୍ୟକତା ରହିଛି। ପାଇକ ବିଦ୍ରୋହକୁ ଭାରତବର୍ଷରେ ପ୍ରଥମ ସ୍ୱାଧୀନତା ରୂପ ଦେବା ଏକ ମହାନ୍ କାର୍ଯ୍ୟ। ଯାହା ଫଳରେ ଗୋଟିଏ ଜାତିର ଇତିହାସ ପରିବର୍ତ୍ତନ ହେବା ସହିତ ସ୍ୱାଭିମାନ ପାଇଁ ପାଇକ ବିଦ୍ରୋହର ସୂତ୍ରପାତ ସମ୍ପର୍କରେ ସମସ୍ତେ ଅବଗତ ହୋଇପାରିବେ। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶାର ଯୁବଶକ୍ତି ଏକ ହୋଇ ମାଟି ମା' ପାଇଁ ଲଢ଼େଇ କରିବା ଉଚିତ୍। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ କହିଥିଲେ ଉତ୍କଳ ଜନନୀର ଦାୟାଦ ହିସାବରେ ଆମେ ପ୍ରକୃତ କର୍ତ୍ତବ୍ୟ ପାଳନ କରିପାରୁନାହୁଁ। ତେଣୁ ଆମେ ଉତ୍କଳର ଅଯୋଗ୍ୟ ସନ୍ତାନ। ଆମ ପାଖରେ ଦୁଇଶହ ବର୍ଷ ତଳର ପାଇକ ବିଦ୍ରୋହର ତଥ୍ୟ ରହିଛି। କିନ୍ତୁ ଇତିହାସ ବୁକୁରେ ଏହା ଚାପିହୋଇ ରହିଯାଇଛି। ପାଇକ୍ ବିଦ୍ରୋହର ସେହି ଗାରିମାମୟ ଇତିହାସର ପୁନର୍ଜୀବନ, ଓଡ଼ିଶା ସାର୍ବଭୌମତ୍ୱ ରକ୍ଷା ପାଇଁ ଓ ଗଜପତି ତଥା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗରିମାକୁ ବଢ଼ାଇବା ପାଇଁ ଲଢ଼େଇର ଆବଶ୍ୟକତା ରହିଛି। ଏଥିରେ ଅନ୍ୟତମ ଅତିଥି ଭାବେ ରଣପୁର ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତଥା ବିଜେପିର ଟାଣୁଆ ନେତା ତଥା ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ସଭାପତି ଇଂ. ଶିଶିର ନାୟକ ପାଇକ ବିଦ୍ରୋହର ମହାନ ଐତିହ୍ୟ ସମ୍ପର୍କରେ କହିବା ସହିତ ସେନାରେ ପାଇକ ରେଜିମେଣ୍ଟ ଗଠନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି କିଟ୍ ତଥା କିସ୍‌ର ପ୍ରତିଷ୍ଠାତା ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତ କହିଥିଲେ ଯେ, ପାଇକ୍ ବୀରମାନଙ୍କ ଗରିମା ଓ ଲଢ଼େଇକୁ ସମ୍ମାନ ପ୍ରଦର୍ଶନ କରି ସେମାନଙ୍କ ଆଦର୍ଶ ଓ ଭାବଧାରାକୁ କାର୍ଯ୍ୟରେ ଲଗାଇବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ପୃଥ୍ୱୀରାଜ ହରିଚନ୍ଦନ, ପ୍ରକାଶ ଶ୍ରୀଚନ୍ଦନ ଏବଂ ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଇକଙ୍କ ବୀରଗାଥାକୁ ନିଜ ବକ୍ତବ୍ୟରେ ପ୍ରତିପାଦନ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସତ କେବେ ଲୁଚି ରହେନା

# ବିଦା ହେଲେ ମା'ତାରିଣୀ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ

**କେନ୍ଦୁଝର (ଘଟଗାଁ), (ନିପ୍ର) :** ପ୍ରସିଦ୍ଧ ଶକ୍ତିପୀଠ ଘଟଗାଁ ମା' ତାରିଣୀ ମନ୍ଦିରରୁ ଭକ୍ତଙ୍କ ପ୍ରଦତ୍ତ ମାନସିକ ନଡିଆରେ ବ୍ୟାପକ ହେରଫେର ହେଉଥିବାର ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। କେତେବେଳେ ମନ୍ଦିର ପ୍ରଶାସନିକ ଅଧିକାରୀମାନେ ଠିକାଦାରଙ୍କୁ ଲାଭଦେବା ଲକ୍ଷ୍ୟରେ ଲକ୍ଷଲକ୍ଷ ମାନସିକ ନଡିଆକୁ ରାତିଅଧରେ ଜଙ୍ଗଲକୁ ନେଇଯାଇ ପୋଡି ଦେଉଥିଲେ ତ, ଆଉ କେତେବେଳେ ସ୍ପଷ୍ଟ ଦିବାଲୋକରେ ନଡିଆ ଗୋଦାମରୁ ଟ୍ରିପ୍ ଟ୍ରିପ୍ ମା'ଙ୍କ ନିକଟରେ ଭୋଗ ନଲଗାଇ ଠିକାଦାରକୁ ଚୋରାଚାଲାଣ କରି ଦେଉଥିଲେ। ତେବେ କିଛି ଦୁର୍ନୀତିଖୋର ବ୍ୟକ୍ତି ଦୀର୍ଘଦିନ ଧରି କୋଟି କୋଟି ଭକ୍ତଙ୍କ ଭକ୍ତୀୟ ଭାବନାକୁ କୁଠାରଘାତ କରି ନିଜ ପକେଟ୍ ଗରମ କରୁଥିବାର ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ରାଜ୍ୟ ସରକାର ଘଟଣାକୁ ଗୁରୁତର ଭାବେ ନେବା ସହ ନିର୍ଦ୍ଦେଶ ପାଇବା ପରେ ଗତ ସେପ୍ଟେମ୍ବର ମାସରେ ଦେବୋତ୍ତର କମିଶନର ଭୁବନେଶ୍ୱର, ଅତିରିକ୍ତ ଦେବୋତ୍ତର କମିଶନର ସମ୍ବଲପୁରଙ୍କ ସହ ଘଟଗାଁରେ ପହଞ୍ଚି ଦୁଇଦିନ ଧରି ନଡିଆ ଚୋରି ଓ ନଡିଆ ପୋଡି ଘଟଣାର ସରଜମିନ୍ ତଦନ୍ତ କରିଥିଲେ। ଏହି ତଦନ୍ତରେ କମିଶନର ମା'ତାରେଣୀଙ୍କ ମନ୍ଦିରରେ ମାନସିକ ନଡିଆରେ ବ୍ୟାପକ ହେରଫେର ହେଉଥିବାର ସତ୍ୟାସତ୍ୟ ପ୍ରମାଣ ପାଇବା ସହ ଆଇନ୍‌ମନ୍ତ୍ରୀ ପ୍ରତାପ ଜେନାଙ୍କୁ ୨୨ ପୃଷ୍ଠାର ଏକ ରିପୋର୍ଟ ପ୍ରଦାନ କରିଥିଲେ। ଆହୁରି ମଧ୍ୟ ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଉକ୍ତ ରିପୋର୍ଟରେ ମା'ତାରିଣୀ ପୀଠ ଠିକ୍ ଭାବେ ପରିଚାଳିତ ହେଉନଥିବା ଓ ମାନସିକ ନଡିଆରେ ବ୍ୟାପକ ହେରଫେର ହେଉଥିବା କମିଶନର ଦର୍ଶାଇଛନ୍ତି। ତେବେ ତଦନ୍ତ ରିପୋର୍ଟ ପାଇବା ପରେ ବୁଧବାର ଆଇନ୍‌ମନ୍ତ୍ରୀ ଆକ୍ସନ୍ ମୁଡକୁ ଆସିବା ସହ ପ୍ରଥମେ ମା'ତାରିଣୀ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ରଙ୍କୁ ନିଲମ୍ବିତ କରିବା ପାଇଁ ଦେବୋତ୍ତର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସଞ୍ଜୀବ ବହୁଚର୍ଚ୍ଚିତ ନଡିଆ ପୋଡି ଓ ନଡିଆ ଚୋରୀ ଘଟଣାର ମୁଖ୍ୟ କାର୍ପଟଦାର ଥିବା ବେଳେ ତାଙ୍କ ନାମରେ ମଧ ଏସବୁ ଘଟଣା ପାଇଁ ଘଟଗାଁ ଥାନାରେ ତିନିଟି ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଆହୁରି ମଧ ଖୁବ୍‌ଶୀଘ୍ର ନଡିଆ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ମନ୍ଦିରର ସଠିକ୍ ପରିଚାଳନା ପାଇଁ ବ୍ୟବସ୍ଥା କରାଯିବ ବୋଲି ଆଇନ୍‌ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମା'ତାରିଣୀ ଦୋଷୀକୁ ପ୍ରକୃତ ଦଣ୍ଡ ଦେବେ ବୋଲି ଅନେକ ବୁଦ୍ଧିଜୀବୀ ଓ ଲୋକଲୋଚନରେ ଆଲୋଚନା ହେଉଛି।

# କସ୍ତୁରୀ ମୃତ୍ୟୁ ଘଟଣା : ଧାରଣାରେ ସଚେତନ ନାଗରିକ ମଞ୍ଚ

**କେନ୍ଦ୍ରାପଡା :** ସ୍କୁଲ ଛାତ୍ରୀ କସ୍ତୁରୀଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆମରଣ ଅନଶନ ଆରମ୍ଭ କରାଯାଇଛି। ଗତ ମାସ ୨୨ ତାରିଖରେ ଅଢଙ୍ଗା ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ କସ୍ତୁରୀ ସାମନ୍ତରାୟ ସ୍କୁଲ କ୍ରୀଡା ଶିକ୍ଷୟିତ୍ରୀଙ୍କ ସହ ରାଜକନିକା ହାଇସ୍କୁଲକୁ କ୍ରୀଡା ଶିବିରରେ ଯୋଗ ଦେବାକୁ ଯାଇଥିଲେ। ମାତ୍ର ମଧ୍ୟରାତିରେ ଶିବିରର ଛାତ୍ରୀନିବାସରେ ଡିଇଓ କାର୍ଯ୍ୟାଳୟର ପିଅନ ନିଶାସକ୍ତ ଅବସ୍ଥାରେ ମଦ ଉଦ୍ଦେଶ୍ୟ ନେଇ ପଶିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହିଘଟଣା ପରେ ୨୩ ତାରିଖ ଅପରାହ୍ନ କସ୍ତୁରୀଙ୍କୁ ତାଙ୍କ ଘରକୁ ପଠାଇ ଦିଆଯାଇଥିଲା। ଏହା ପରଦିନ କେନ୍ଦ୍ରାପଡ଼ା ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ କଟକରେ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ମେଡିକାଲ କର୍ତ୍ତୃପକ୍ଷ ସୁପାରିସ କରିବା ଘଟଣା ସନ୍ଦେହଜନକ ଥିଲା। ଏହାପରେ ଶିକ୍ଷା ବିଭାଗ ପକ୍ଷରୁ କସ୍ତୁରୀଙ୍କ ପରିବାରକୁ ଅର୍ଥଲୋଭ ଓ ଧମକ ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମହଲରୁ ଚାପ ପଡିବା ପରେ ସଂପୃକ୍ତ ପିଅନ ଓ କ୍ରୀଡା ପ୍ରଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା। ଶିକ୍ଷା ବିଭାଗ, ଶିଶୁ ମଙ୍ଗଳ ସମିତି ଓ ପୁଲିସ ଏହି ଘଟଣାର ତଦନ୍ତ କରୁଥିବା କହୁଥିଲେ ମଧ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନଥିବାରୁ ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ଓ ପ୍ରଶାସନର ନିଷ୍କ୍ରିୟତା ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ଓ ଦୋଷୀଙ୍କୁ ଗିରଫ ଦାବିକରି କେନ୍ଦ୍ରାପଡ଼ା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସଚେତନ ନାଗରିକ ମଞ୍ଚ ତରଫରୁ ବାନାମ୍ବର ସାହୁ, ଅମରବର ବିଶ୍ୱାଳ, ମନୋଜ ନାୟକ, ଶିବାଶିଷ ମହାନ୍ତି, ୟୁନିକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଗୌରାଙ୍ଗ ଚରଣ ପଣ୍ଡା, ପ୍ରସନ୍ନ ଧଳ, ନୟନମଣି ସାମଲ, ବିଧୁଭୂଷଣ ମହାପାତ୍ର, ପ୍ରଭାକର ସାମଲ ଓ ରାଧାକାନ୍ତତ ମହାନ୍ତି ପ୍ରମୁଖ ବୁଧବାର ଆମରଣ ଅନଶନରେ ବସିଛନ୍ତି। ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲାପାଳ ରେଘୁ ଜୀ, ଆରକ୍ଷୀ ଅଧିକ୍ଷକ ଦୟାନିଧି ଗୋଚ୍ଛାୟତ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକାଶ ଦାସ ପ୍ରମୁଖ ଅନଶନକାରୀଙ୍କ ସହ ଆଲୋଚନା କରି ୧୦ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରତିଶୃତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# 'ସ୍ୱାସ୍ଥ୍ୟସେବାରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ଭୁବନେଶ୍ୱର :** ଦୁର୍ଘଟଣାଗ୍ରସ୍ତ ପୀଡିତଙ୍କୁ ଜରୁରୀକାଳୀନ ସହାୟତା ଯୋଗାଇବା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମଳିପଡାସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିବିରାର୍ଥୀମାନଙ୍କୁ ଏହା କହିଛନ୍ତି ଏହି ବିଦ୍ୟାଳୟର ଅଧକ୍ଷା ସ୍ମୃତିରେଖା ଷଡଙ୍ଗୀ। ଏଥିସହ ଶ୍ରୀମତୀ ଷଡଙ୍ଗୀ ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜିବାକୁ ପିଲାମାନେ ସର୍ବଦା ସତର୍କ ରହିବା ଉଚିତ ବୋଲି କହିଥିଲେ। ଭୁବନେଶ୍ୱରର ପ୍ରତିଷ୍ଠିତ ଚିକିତ୍ସାଳୟ ଆମ୍ରି ହସ୍ପିଟାଲର ଡାକ୍ତରମାନଙ୍କ ସହାୟତାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ରୋଗଗ୍ରସ୍ତ ମଣିଷମାନଙ୍କୁ କିଭଳି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇପାରିବ ସେ ଦିଗରେ ଶିକ୍ଷାଲାଭ କରିଥିଲେ। ଏଥିରେ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଉପାଧ୍ୟକ୍ଷ କବୀନ୍ଦ୍ର ଦାସ ପିଲାମାନଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ଉପଚାର ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ଗୁରୁତର ଆହତ ବା ସାମାନ୍ୟ ଆହତଙ୍କୁ ଚିକିତ୍ସା ସୁବିଧା ଯୋଗାଇବା କ୍ଷେତ୍ରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ରୋଗୀମାନଙ୍କୁ ସାଧାରଣ ଭାବେ ସମ୍ଭବ ହୋଇପାରୁଥିବା ଚିକିତ୍ସା ଯୋଗାଇଦେବା ସହ ସେମାନଙ୍କୁ ନିକଟତମ ହସ୍ପିଟାଲ ପଠାଇବା କ୍ଷେତ୍ରରେ ମଧ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏହି ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ଡେଙ୍ଗୁ ଆତଙ୍କ ବଢୁଛି : ଯୋଜନା ଫେଲ୍

**କେନ୍ଦ୍ରାପଡା :** କେନ୍ଦ୍ରାପଡ଼ା ଜିଲାର ଆଳି ନିର୍ବାଚନ ମଣ୍ଡଳୀରେ ଗତ କିଛି ଦିନ ଧରି ଡେଙ୍ଗି ମାତିଛି। ଯାହାକୁ ନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅନ୍ୟପଟେ ପରିମଳ ଯୋଜନା ଫେଲ୍ ମାରିଛି। ସାଧାରଣରେ ଅସନ୍ତୋଷ ବଢୁଛି। ଗତ ୧୪ ତାରିଖରେ ଗୋବିନ୍ଦପୁର ଗ୍ରାମର ମଧୁ ମଳିକଙ୍କ ପତ୍ନୀ ପଦ୍ମାବତୀଙ୍କ ଡେଙ୍ଗୁରେ ମୃତ୍ୟୁ ଘଟିଥିଲା। ଏହାପରେ ଗୋବିନ୍ଦପୁର ପଞ୍ଚାୟତର ୬, ୭, ୮ ଓ ୯ ନମ୍ବର ୱାର୍ଡରେ ୪୫ ଜଣ ଆକ୍ରାନ୍ତ ହେବା ପରେ ସାଧାରଣରେ ଡେଙ୍ଗୁକୁ ନେଇ ଏକ ପ୍ରକାର ଆତଙ୍କିତ ଅବସ୍ଥା ସୃଷ୍ଟି ହୋଇଛି। ଗୋବିନ୍ଦପୁର ପଞ୍ଚାୟତରେ ଡେଙ୍ଗୁ ନିୟନ୍ତ୍ରଣ ହେବା ପରିବର୍ତ୍ତେ ଏହା କ୍ରମଶଃ ଆଖପାଖ ଗ୍ରାମକୁ ବ୍ୟାପିବାରେ ଲାଗିଲାଣି ବୋଲି ଅଭିଯୋଗ ହେଉଛି। ଆଜି ଏରଡଙ୍ଗ ପଞ୍ଚାୟତ ହନୁଆ ଗ୍ରାମର ସୀତା ଆଟୋଇ, ଗୁରି ପ୍ରଧାନ ଓ ଗୋବିନ୍ଦପୁର ଗ୍ରାମର ପ୍ରତାପ ମଳିକ ଜ୍ୱରରେ ଆକ୍ରାନ୍ତ ହୋଇ ଗୋବିନ୍ଦପୁର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହେବା ପରେ ଡେଙ୍ଗୁ କୁ ନେଇ ଧୋୟାଞ୍ଚଳର ୫ଟି ପଞ୍ଚାୟତରେ ଆତଙ୍କ ଖେଳିଯାଇଛି। ଅପରପକ୍ଷରେ ଡେଙ୍ଗୁ ଗାଁକୁ ଗାଁ ବ୍ୟାପିବାରେ ଲାଗିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାକୁ ନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସ୍ଥିତଦି ଅନୁଧ୍ୟାନ ପାଇଁ ଗୋବିନ୍ଦପୁରରେ ଡେଙ୍ଗୁ ପ୍ରଭାବିତ ଗାଁମାନଙ୍କୁ ଯାଇଥିବା ବେଳେ ଏହି ଅସନ୍ତୋଷର ଶିକାର ହୋଇଥିଲେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ବୈଷ୍ଣବ ସାହୁ। ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା, ଗୋବିନ୍ଦପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିରହିଥିବା ସମସ୍ୟା ସଂପର୍କରେ ମୁଖ୍ୟ ଚିକିତ୍ସାଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିବା ବେଳେ ପରିଷ୍କାର ପରିଚ୍ଛନତା ଓ ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ଏ ଅଂଚଳରେ ଡେଙ୍ଗୁ ରୋଗବାହୀ ମଶାଙ୍କ ବଂଶ ବୃଦ୍ଧି ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଥିଲେ। ତେବେ ପ୍ରଶ୍ନ ଉଠୁଛି ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା ସୁଧାରିବା ଓ ଲୋକ ସଚେତନତା ସୃଷ୍ଟି କରିବାର ଦାୟିତ୍ୱ କାହାର ? କେନ୍ଦ୍ରଠୁ ରାଜ୍ୟ ସରକାର ଏଥି ନିମନ୍ତେ ପାଣି ପରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗୋବିନ୍ଦପୁର, ଏରଡାଙ୍ଗ, ଜୁଆଣିଆ ଓ ଧୋୟାଞ୍ଚଳରେ ଅନ୍ୟ ପଞ୍ଚାୟତମାନଙ୍କରେ ଏ ସବୁ କାହିଁକି କାର୍ଯ୍ୟକାରୀ ହେଉନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ଗ୍ରାମୀଣ ଜଳପରିମଳ ମିଶନ ଅଧିନରେ କାର୍ଯ୍ୟକ୍ରମରେ ଅଦ୍ୟାବଧି ଗୋବିନ୍ଦପୁର ପଞ୍ଚାୟତ ସାମିଲ ହୋଇ ପାରି ନଥିବା କହିଛନ୍ତି ଜଳପରିମଳ ମିଶନର ଜିଲା ସଂଯୋଜକ ନାରାୟଣ ବେହେରା। କିନ୍ତୁ ଗତ ମାସରେ ଏକ ୫ ଦିନିଆ ଆବାସିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଆଳି ବ୍ଲକରେ। ଏଥିରେ ଗୋବିନ୍ଦପୁରର ୨ ଜଣ ଯୁବକ ଯୋଗଦେଇ ୨ ଦିନ ପରେ ଶିବିର ଛାଡି ଚାଲି ଯାଇଥିବାରୁ ସେଠାରେ ଗୋଷ୍ଠୀ ପରିଚାଳିତ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇପାରୁ ନାହିଁ ବୋଲି ସଫେଇ ଦେଇଛନ୍ତି ସଂଯୋଜକ। ଏହି ବ୍ୟବସ୍ଥା ଅନୁଯାୟୀ ପଂଚାୟତର ୬୦ ଜଣ ଯୁବକର୍ମୀ ସାମିଲ ହୋଇ ସଚେତନତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ପଞ୍ଚାୟତ ଅଂଚଳରେ କରିବା କଥା ମାତ୍ର ଏହି ଯୋଜନା ଏଠାରେ ସଂପୂର୍ଣ୍ଣ ଫେଲ ମାରିଥିବା ଅଭିଯୋଗ ହେଉଛି। ପଞ୍ଚାୟତରେ ଥିବା ଗାଁ କଲ୍ୟାଣ ସମିତି ଗୁଡିକର କାର୍ଯ୍ୟ ତଦାରଖ କରିବାକୁ ମଧ କେହି ନାହାନ୍ତି। ଗୋବିନ୍ଦପୁର ସଂପୃକ୍ତ ୱାର୍ଡଗୁଡିକରେ ମୁଖ୍ୟତଃ ପରିମଳ ତ୍ରୁଟି ଯୋଗୁ ଡେଙ୍ଗୁ ବ୍ୟାପିଥିବା ଅଭିଯୋଗ ହେଉଛି। ତୁରନ୍ତ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ନଦେଲେ ଆଗକୁ ଡେଙ୍ଗୁରୋଗ ସଂଖ୍ୟା ବୃଦ୍ଧି ପାଇବା ସହ ପରିସ୍ଥିତି ଅଣାୟତ ହୋଇପଡିବ ବୋଲି ସାଧାରଣରେ ଦାବି ହେଉଛି।



ଭୁବନେଶ୍ୱର : ନୂଆଦିଲ୍ଲୀ ଏମ୍‌ସରେ ଚିକିତ୍ସାଧୀନ ଜଗା-ବଳିଆଙ୍କ ଆରୋଗ୍ୟ କାମନା କରି କିସ୍ ପରିସରରେ ବିଦ୍ୟାର୍ଥୀଙ୍କ ସମୂହ ପ୍ରାର୍ଥନା

# 'ସଂସ୍କୃତିର ପ୍ରସାର ହେଲେ ଜାତିର ପରିଚୟ ସୁଦୃଢ଼ ହେବ'



**ଭୁବନେଶ୍ୱର :** ସାହିତ୍ୟ ଓ ସଂସ୍କୃତିର ପ୍ରସାର ହେଲେ ଗୋଟିଏ ଜାତିର ପରିଚୟ ଓ ପ୍ରତିଷ୍ଠା ସୁଦୃଢ଼ ହେବ। ଏ ଦିଗରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଉତ୍ସାହିତ କରିବା ସହିତ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଅଧିକ ଗବେଷଣା କରାଯିବା ଦରକାର। ସୁରେଶ ବଳବନ୍ତରାୟ ଫାଉଣ୍ଡେସନ ପକ୍ଷରୁ ପାଳିତ 'ସୁରେଶ ସମାବେଶ'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶୀଭୂଷଣ ବେହେରା। ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ଲେଖକ ସମରେନ୍ଦ୍ରନାଥ ମହାପାତ୍ରଙ୍କୁ ଚଳିତ ବର୍ଷର 'ସୁରେଶ ବଳବନ୍ତରାୟ ସୃଜନ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସମାବେଶରେ ସ୍ୱର୍ଗତଃ ବଳବନ୍ତରାୟଙ୍କ ରଚିତ ପୁସ୍ତକ 'ଭୁବନେଶ୍ୱର-ଟେମ୍ପଲ ସିଟି'କୁ ଲୋକାର୍ପଣ କରାଯାଇଥିଲା। ରାବଣ ଛାୟା ଉପରେ ବକ୍ତବ୍ୟ ରଖିଥିଲେ ଡକ୍ଟର ଗୌରାଙ୍ଗ ଦାସ। ଦୂରଦର୍ଶନ ଓ ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଫାଉଣ୍ଡେସନ ସମ୍ପାଦକ ଅନ୍ୟା ଅନୁରୂପା, ପ୍ରତିଭା ପଣ୍ଡା, କବି ସୂର୍ଯ୍ୟ ମିଶ୍ର, ସୁଧିର ମଉଡମଣୀ ଓ ଲଳିତକଳା ଏକାଡେମୀର ସଚିବ ତାରାକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**